# ଜନବାର୍ତ୍ତା

## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

www.janabartta.com | Weekly (ସାପ୍ତାହିକ) | PRGI NO-ORORI/26/A0341



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE BACK COVER | RS. 80,000.00 |
| FULL PAGE FRONT INNER | RS. 80,000.00 |
| HALF PAGE FRONT/BACK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |



VOL-1 | ISSUE-7 | BHUBANESWAR | April 05 to 11 April, 2026 | Rs--8/- | ବର୍ଷ-୧ | ସଂଖ୍ୟା-୭ | ଭୁବନେଶ୍ୱର | ଅପ୍ରେଲ ୦୫ ରୁ ଅପ୍ରେଲ ୧୧, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା


## ପୂର୍ବତଟ ରେଳପଥରୁ ପଲାସାକୁ ବାଦ ଦେଲେ ଓଡ଼ିଶା ରାଜସ୍ୱ ଉପରେ ପ୍ରଭାବ ପଡ଼ିବ

ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ବିରୋଧୀ ବିଜେଡି ଓ କଂଗ୍ରେସ ସମେତ ଶାସକ ବିଜେପି ମଧ୍ୟ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଛି । ତେବେ ସବୁ ଦଳର ତୀବ୍ର ବିରୋଧ ପରେ କେନ୍ଦ୍ର ସରକାର ମଧ୍ୟ ଏକ ସ୍ପଷ୍ଟୀକରଣ ଦେଇ ଓଡ଼ିଶାର କୌଣସି ରାଜସ୍ୱ କ୍ଷତି ହେବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି । ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅଧୀନରେ ଥିବା ପଲାସା ଓ ଇଚ୍ଛାପୁରମ ରେଳ ସେକ୍ସନକୁ ବାଦ୍ ଦେଇ ପ୍ରସ୍ତାବିତ ଦକ୍ଷିଣ ଉପକୂଳ ରେଳପଥ ଜୋନର ବିଶାଖାପାଟଣା ଡିଭିଜନ ସାମିଲ କରାଯିବା ନିଷ୍ପତ୍ତିକୁ ଓଡ଼ିଶାରେ ତୀବ୍ର ବିରୋଧ ହୋଇଛି । ରେଳବାଇ ବୋର୍ଡ ଏନେଇ ଏପ୍ରିଲ ୨ତାରିଖରେ ଉଭୟ ରେଳବାଇ ଜୋନ୍ ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖି ଅବଗତ କରିବା ପରେ ଆଜି ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ସମସ୍ତେ କହୁଛନ୍ତି ଯେ, ଆମ ରାଜ୍ୟରେ ସବୁ କ୍ଷେତ୍ରରେ ନୈତିକ ଅବକ୍ଷୟ ଘଟିଛି । ସେ କାଳର ପଖାଳ ଆଉ ନାହିଁ। ଆଲୋଚନା ଆରମ୍ଭ କରିବା ରାଜନୀତିରୁ । ଏହା ସମସ୍ତେ ସ୍ୱୀକାର କରିବେ ଯେ, ନବକୃଷ୍ଣ ଚୌଧୁରୀଙ୍କ ସମୟ ଓ ଆଜିର ସମୟ ମଧ୍ୟରେ ଆକାଶ ପାତାଳ ଫରକ । ରାଜନୀତି ଲୋକସେବାର ମାଧ୍ୟମ ନ ହୋଇ, ହୋଇଯାଇଛି ଏକ ପଶା ଖେଳ। କିଏ କି ପ୍ରକାରର ରଣନୀତି ଆପଣେଇ କାହାକୁ ନିର୍ବାଚନରେ ପରାସ୍ତ କଲା ତାହା ହିଁ ହୋଇଛି ରୋଚକ ସମ୍ବାଦ । କିଏ ନୂଆ ଦଳ ଗଢିଲେ, ସେ ଦଳରେ କିଏ କେଉଁ ଦଳରୁ ଆସି ମିଶିଲେ ତାହା ହିଁ ହେଉଛି ଆଲୋଚନାର ବିଷୟବସ୍ତୁ । କେଉଁ ଦଳ ବା ବ୍ୟକ୍ତି ବିଶେଷ ନିର୍ବାଚନରେ କେତେ ଅର୍ଥ ଖର୍ଚ୍ଚ କରିପାରିଲା, ତାହା ଚା ଖଟିର କଥାବସ୍ତୁ । କେଉଁ ଭୋଜିରେ କେଉଁ ଦଳ କେଉଁଠିକାର ଖାସି ମାଂସ ପରଷିଲା – ନୟାଗଡ଼ ଖାସି ନା ବାରିପଦା ମଟନ – ତାହା ଭୋଟରମାନଙ୍କ ପାଇଁ 'ପ୍ରକୃତ' ସମ୍ବାଦ । ଯେଉଁମାନେ ସତ୍ୟଜିତ ରାୟଙ୍କ ନିର୍ଦ୍ଦେଶିତ 'ସତରଞ୍ଜ କେ ଖିଲାଡ଼ି' ଦେଖିଥିବେ, ସେମାନଙ୍କର ମନେ ଥିବ କିଭଳି ଭାବରେ ଅବୋଧ ରାଜ୍ୟର ରାଜା ଓ ସାମନ୍ତମାନେ ଖେଳ ଓ ବିଳାସରେ ମଗ୍ନ ହୋଇ ଉକ୍ତ ରାଜ୍ୟକୁ ରସାତଳଗାମୀ କରି ଦେଇଥିଲେ ଯାହା ଫଳରେ କି ତାହା ବ୍ରିଟିଶମାନଙ୍କ ଦ୍ୱାରା ଅକ୍ଳେଶରେ ଅଧିକୃତ ହୋଇଥିଲା । ରାଜନୀତି ଯଦି ଗୋଟିଏ 'ଖେଳ'ରେ ପରିଣତ ହୋଇଯାଏ ତେବେ ଜନସାଧାରଣ ତାଙ୍କର କଷ୍ଟଲବ୍ଧ ଗଣତାନ୍ତ୍ରିକ ଅଧିକାର ହରାଇ ବସିବେ । ନିର୍ବାଚନ ଏକ ଉଦ୍ଦେଶ୍ୟ ବିହୀନ ଉତ୍ସବରେ ପରିଣତ ହୋଇଯିବ ।

ଯେଉଁମାନେ ଏଭଳି ଏକ ମୁଷ୍ଟିଯୁଦ୍ଧରେ ବିଜୟୀ ହେବେ ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହେବ କିଭଳି ନିର୍ବାଚନୀୟ ଖର୍ଚ୍ଚ ଭରଣା କରାଯିବ । କେବଳ ଭରଣା କରାଯିବ ନାହିଁ, କିଭଳି ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତି କରାଯିବ । ଏଭଳି ଏକ ବାତାବରଣ ମଧ୍ୟରେ ଲୋକଙ୍କ ସମସ୍ୟା ଯେ, ଗୌଣ ହୋଇଯିବ ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ଯଦି ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ବଦ୍ଧମୂଳ ଧାରଣା ହୋଇଯିବ ଯେ ଲୋକଙ୍କ ସମସ୍ୟା ସମାଧାନ କଲେ ଭୋଟ ମିଳିବ ନାହିଁ, କିନ୍ତୁ ଅର୍ଥ ଦ୍ୱାରା ମିଳିବ, ତେବେ ସେମାନେ କେବଳ ଅର୍ଥ ଆଦାୟ ପାଇଁ ସମୟ ଦେବେ, ସମସ୍ୟା ପାଇଁ ନୁହେଁ ।



**ବିଜୟ କୁମାର ପଟ୍ଟନାୟକ**

ଯେଉଁମାନେ ଅଜସ୍ର ଅର୍ଥ ବ୍ୟୟ କରି ନିର୍ବାଚିତ ହୁଅନ୍ତି ଓ ମନ୍ତ୍ରୀପଦ ପାଆନ୍ତି ସେମାନେ ଅର୍ଥ ସଂଗ୍ରହରେ ଲାଗି ଯାଆନ୍ତି । ପ୍ରଶାସନିକ ଦୁର୍ନୀତି ଆରମ୍ଭ ହୁଏ ସେହିଠାରୁ । ମୁଁ କହୁ ନାହିଁ ଯେ, ସବୁ ଦୁର୍ନୀତିର ଉତ୍ସ ହେଉଛି ରାଜନୀତି । ଏଭଳି ଅନେକ ଅଫିସର ଅଛନ୍ତି ଯେଉଁମାନେ ଜନ୍ମରୁ ଅର୍ଥଲୋଭୀ । ସେମାନଙ୍କ ମଧ୍ୟରେ ଆଇଏଏସ ଓ ଓଏଏସ ଅଫିସରମାନେ ମଧ୍ୟ ଅଛନ୍ତି। ସେମାନଙ୍କ ପାଇଁ ଦୁର୍ନୀତି ଏକ ଆବଶ୍ୟକତା ନୁହେଁ, ଏକ ଅଭ୍ୟାସ । ପ୍ରୋତ୍ସାହନ ପାଇଲେ ସେମାନେ ଅଧିକ ଲଗାମ ଛଡ଼ା ହୋଇଯାନ୍ତି । ସାମଗ୍ରିକ ଭାବରେ ଦୁର୍ନୀତିର କାରଣ ଓ ନିରାକରଣ ଆଜିକାର ଆଲେଖ୍ୟର ମୂଳ ବିଷୟ ନୁହେଁ । ରାଜନୀତି ଓ ଦୁର୍ନୀତିର ଯେଉଁ ନିବିଡ଼ ଓ ଅନୈତିକ ସମ୍ପର୍କ ବିଷୟରେ ଆଜି ଆମେ ଆଲୋଚନା କରୁଛେ । ଯଦି ଶାସନର ତୁଙ୍ଗ ବ୍ୟକ୍ତି ଅର୍ଥ ସଂଗ୍ରହ ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି ତେବେ ଉକ୍ତ ଅଫିସର ନିଜର ହାତ ଚିକ୍କଣ କଲେ ତାଙ୍କୁ ରୋକିବ କିଏ ? ଜଣେ ଅତି ଖ୍ୟାତନାମା ମନ୍ତ୍ରୀ ଖୋଲାଖୋଲି ଭାବରେ ଅଫିସରମାନଙ୍କୁ କହୁଥିଲେ, 'ମାଂସ ଖାଅ କିନ୍ତୁ ବେକରେ ହାଡ଼ ପକାଇ ବୁଲ ନାହିଁ' । ଉଚ୍ଚତମ ସ୍ଥାନରୁ ଯଦି ଏଭଳି ସଙ୍କେତ ଆସେ, ତେବେ ପ୍ରଶାସନର ରୂପ କ'ଣ ହେବ ତାହା ସହଜରେ ଅନୁମେୟ । ଏଭଳି ଅନେକ ଅଫିସର ଓ କର୍ମଚାରୀ ଅଛନ୍ତି ଯେଉଁମାନେ କି ପରିସ୍ଥିତିରେ ପଡ଼ି ଦୁର୍ନୀତିଗ୍ରସ୍ତ ହୋଇ ଯାଇଛନ୍ତି । ତା ସଙ୍ଗେ ସଙ୍ଗେ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ସବୁ ଚାପ ଓ ପ୍ରଲୋଭନ ସତ୍ତ୍ୱେ ଏଭଳି କର୍ମଚାରୀ ଅଛନ୍ତି ଯେଉଁମାନେ କି ନିଜ ବିବେକକୁ ସମ୍ମାନ ଦେଇ ମୁଣ୍ଡ ଟେକି ଚାଲିଛନ୍ତି ଓ ଚାଲୁଥିବେ । ମୋର ସେମାନଙ୍କୁ ସଲାମ ।

'ପଇସା ଫେଁକୋ, ତମାସା ଦେଖୋ' ରାଜନୀତିର ଏକ ବିପଜ୍ଜନକ ପରିଣତି ହେଲା ରାଜନୀତିରୁ ଭଲ ଲୋକ ଅପସରି ଯାଉଛନ୍ତି । ସାଧାରଣତଃ 'ଭଲ ଲୋକଙ୍କ' ପାଖରେ ବିଶେଷ ଅର୍ଥ ନ ଥାଏ । ତେଣୁ ରାଜନୈତିକ ଦଳମାନେ ସେମାନଙ୍କୁ ଟିକଟ ନ ଦେଇ ପଇସାବାଲାଙ୍କୁ ଦିଅନ୍ତି । ଏହାର ଅର୍ଥ ନୁହେଁ ଯେ ଯାହା ପାଖରେ ପଇସା ଅଛି ସେ ଜଣେ ଦୁର୍ଜନ ବ୍ୟକ୍ତି । କିନ୍ତୁ ଯେଉଁ ଧନୀ ବ୍ୟକ୍ତିମାନେ ସଦୁପାୟରେ ଅର୍ଥ ଅର୍ଜନ କରିଥାନ୍ତି ସେମାନେ ତାଙ୍କର ଧନକୁ ନିର୍ବାଚନୀୟ ଜୁଆଖେଳରେ ଲଗାଇବେ କାହିଁକି ? ତେଣୁ କ୍ରମେ କ୍ରମେ ରାଜନୀତିରୁ ଭଦ୍ର ଲୋକ ଦୂରେଇ ଯାଇ ତାଙ୍କ ସ୍ଥାନରେ ବାଲି ମାଫିଆ, ମଦ ବେପାରୀ, ହତ୍ୟାକାରୀ ଆଦି ବ୍ୟକ୍ତିମାନେ ପ୍ରାର୍ଥୀ ହୋଇ ଯାଉଛନ୍ତି । ରାଜନୈତିକ ଦଳମାନେ ମଧ୍ୟ ଏହି ଭଳି ବ୍ୟକ୍ତିଙ୍କୁ ଟିକଟ ଦେବାରେ ସଙ୍କୋଚ କରୁ ନାହାନ୍ତି । ଜନସାଧାରଣ ମଧ୍ୟ ସେମାନଙ୍କୁ ଭୋଟ ଦେବାରେ ଦ୍ୱିଧା ବୋଧ କରୁନାହାନ୍ତି । କାରଣ ସେମାନେ ଧରି ନେଲେଣି ଯେ, ସବୁ ଦଳର ପ୍ରାର୍ଥୀ ଏକା ଭଳି । ନିର୍ବାଚନ ସମୟରେ କେତେକ ବିବେକପୂର୍ଣ୍ଣ ଏନଜିଓ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ଅପରାଧିକ ଭିତ୍ତିଭୂମି ବିଷୟରେ ତଥ୍ୟ ପ୍ରକାଶ କରନ୍ତି । ଦେଖାଯାଇଛି ଯେ, ଏଭଳି କୌଣସି ଦଳ ନାହିଁ ଯାହାର ପ୍ରାର୍ଥମାନେ କଳଙ୍କିତ ନୁହନ୍ତି । ରାଜନୀତିରେ ଭଲ ଲୋକ ନ ଥିବାରୁ ଭଲ ଲୋକେ ରାଜନୀତିକୁ ଯାଉ ନାହାନ୍ତି । ଏହା ଏକ ବିଷବୃତ୍ତ ।

ଏଭଳି ଏକ ବିପର୍ଯ୍ୟୟ ଆଡ଼କୁ ଆମେ ଯେ ଠେଲି ହୋଇ ଯାଉଛେ, ଏହା ଭୋଟରମାନେ ବୁଝିବା ପାଇଁ ଏକ ବ୍ୟାପକ ଜନ ଜାଗରଣର ଆବଶ୍ୟକତା ରହିଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ଏହି ଅବସ୍ଥାରେ ପରିବର୍ତ୍ତନ ସମ୍ଭବ କି ? ଭଲ ଲୋକେ ରାଜନୀତିକୁ ଫେରି ପାରିବେ କି ? ଘର ଚଟିଆ ପୁଣି ଥରେ ଘରକୁ ଫେରିବ କି ? ଅନେକ ବ୍ୟକ୍ତିଙ୍କ ମତରେ ଏହା ଫେରି ପାରିବ ନାହିଁ । 'ରାମ ରାଜ୍ୟ' ପରି ଏହା ଏକ ବିସ୍ମୃତ କଳ୍ପନା । ନୀତି ଆଦର୍ଶ ବିଷୟରେ କହିବା ଲଙ୍କାରେ ହରି ଶବ୍ଦ ଭଳି। ତାହା ହେଲେ ଆମେ କ'ଣ ଧରି ନେବା ଯେ ଆମେ ଏହି କଳିଯୁଗରୁ ନିସ୍ତାର ପାଇ ପାରିବା ନାହିଁ ? ପ୍ରଳୟ ହିଁ ଏକ ମାତ୍ର ସମ୍ଭାବନା ?

ମୋ ମତରେ ଆମେ ଏତେ ଶୀଘ୍ର ପରାଜୟ ସ୍ୱୀକାର କରିବା ଉଚିତ ନୁହେଁ । ଇତିହାସରୁ ଜଣାଯାଏ ଯେ, ଅନେକ ପ୍ରାଚୀନ ସଭ୍ୟତା ଧ୍ୱଂସ ପାଇ ଯାଇଛି । କିନ୍ତୁ ତାହାର ପାଉଁଶରୁ ନୂଆ ସଭ୍ୟତା ଜନ୍ମ ନେଇଛି । ଭୂଲୁଣ୍ଠିତ ଜାତି ପୁଣି ମୁଣ୍ଡ ଟେକିଛି । ଯୁଦ୍ଧବିଧ୍ୱସ୍ତ ଦେଶ ମଧ୍ୟ ବିଶ୍ୱବିଜୟୀ ହୋଇ ଛିଡ଼ା ହୋଇଛି । ତାହା ହେଲେ ଆମେ ଓଡ଼ିଶାକୁ କେଉଁଠି ଦେଖିବାକୁ ଚାହୁଁଛେ ? ଏକ ଲକ୍ଷଭ୍ରଷ୍ଟ, ଆତ୍ମବିଶ୍ୱାସରହିତ, ଦୟନୀୟ ଜନସମୂହ ଭାବରେ, ନା ଏକ ଦୃଢ଼ମନା, ସ୍ୱାଭିମାନୀ, କର୍ମଠ ଜାତି ଭାବରେ ?

ପୁଣି ଥରେ ରାଜନୀତିକୁ ଫେରିବା । ନୈତିକତାର ପୁନର୍ଜନ୍ମ ରାଜନୀତିରୁ ହୋଇ ପାରିବ । ଯଦି କୌଣସି ଏକ ରାଜନୈତିକ ଦଳ ନିଷ୍ପତ୍ତି ନିଏ ଯେ, ତାହା ଭଲ ଲୋକଙ୍କୁ ଟିକେଟ ଦେବ, ଯେଉଁମାନେ କି ଅନୈତିକ କାର୍ଯ୍ୟରେ ଲିପ୍ତ ନ ଥିବେ, ଯେଉଁମାନେ ତାଙ୍କ ଅଞ୍ଚଳରେ ସମ୍ମାନର ପାତ୍ର ହୋଇଥିବେ, ଯେଉଁମାନଙ୍କର ଜନସେବା ପାଇଁ ମନୋବୃତ୍ତି ଥିବ, ତେବେ ଏହା ହେବ ରାଜନୀତିରେ ଏକ ନୂତନ ଅଧ୍ୟାୟ । ସୁଖର କଥା ଯେ ଆଜି ମଧ୍ୟ ସେଭଳି ଲୋକଙ୍କର ଅଭାବ ନାହିଁ। କେବଳ ସେମାନେ ସୁଯୋଗ ଅପେକ୍ଷାରେ ରହିଛନ୍ତି । ସେମାନେ ସୁଯୋଗ ପାଆନ୍ତି ନାହିଁ। କାରଣ ଟିକେଟ ବିତରଣ ପ୍ରକ୍ରିୟାଟି 'ଉପରେ' ନିର୍ଦ୍ଧାରିତ ହୁଏ । ହାଇ କମାଣ୍ଡ ଯାହାକୁ ଚାହିଁବେ ସେ ଟିକେଟ ପାଇବ । ସେଥିପାଇଁ ଅର୍ଥବଳ, ବାହୁବଳ, ଚାଟୁକାରିତା, ସୁପାରିଶ – ଏ ସମସ୍ତ କଳାର ଆବଶ୍ୟକତା ରହିଛି, ଯାହାକି 'ଭଲ ଲୋକଙ୍କ' ପାଖରେ ନ ଥାଇପାରେ ।

ରାଜନୀତିକୁ ନୈତିକତା ଫେରାଇ ଆଣିବାକୁ ହେଲେ କେବଳ ଭଲ ଲୋକଙ୍କୁ ଟିକେଟ ଦେବା ଯଥେଷ୍ଟ ନୁହେଁ । ସେମାନଙ୍କର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ଯଥେଷ୍ଟ ସମୟ ଦିଆଯିବା ଉଚିତ। ଏଭଳି ଅନେକ ଦୃଷ୍ଟାନ୍ତ ରହିଛି ଯେଉଁଥିରେ କି, କେଉଁ ନିର୍ବାଚନ ମଣ୍ଡଳୀରେ କିଏ 'ଚିହ୍ନିତ' ବ୍ୟକ୍ତି ତାହା ସ୍ପଷ୍ଟ ହୁଏ ନାହିଁ । କିଛି ବ୍ୟକ୍ତି ନିଜ ଚେଷ୍ଟାରେ ତାଙ୍କ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟା ସହିତ ଯୋଡ଼ି ହୋଇ ରହନ୍ତି । ଥାନା, ଡାକ୍ତରଖାନା, ଦୁଃଖ, ସୁଖରେ ସାଥିରେ ରହନ୍ତି । ନିଜ ନିଜର ସଂଗଠନ ଗଢନ୍ତି । ଆଶା ଥାଏ, ବୋଧହୁଏ ହାଇ କମାଣ୍ଡଙ୍କ ଶୁଭଦୃଷ୍ଟି ପଡ଼ିବ ଓ ସେ ଉଚିତ ସମୟରେ ଟିକେଟ ପାଇବେ । କିନ୍ତୁ ଦେଖା ଯାଇଛି ଯେ, ସେଭଳି ଲୋକ ଠିକ ସମୟରେ ଉପେକ୍ଷିତ ହୁଅନ୍ତି। କେହିଜଣେ ଶକ୍ତିଶାଳୀ ବ୍ୟକ୍ତି ବାହାରୁ ଉଡ଼ି ଆସି ଟିକେଟଟି ଝାମ୍ପି ନେଇ ଚାଲିଯାଆନ୍ତି । ସେ ଭଳି ବ୍ୟକ୍ତିର ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ସମୟ କାହିଁ ? ତେଣୁ ଭୋଟ ହାତେଇବା ପାଇଁ ଅର୍ଥ ହିଁ ଏକ ମାତ୍ର ଉପାୟ । 'ପଇସା ଫେଁକୋ, ତମାସା ଦେଖୋ'।

ବର୍ତ୍ତମାନ ଶେଷ ପ୍ରଶ୍ନ । ଯଦି କୌଣସି ଦଳ ଜଣେ ଭଲ ଲୋକଙ୍କୁ ଚିହ୍ନଟ କରେ ଓ ସେ ଭଲ ଲୋକ ଜଣକ ଦୀର୍ଘ ସମୟ ଧରି ଲୋକଙ୍କ ପାଇଁ ଭଲ କାମ କରନ୍ତି। ତେବେ ନିର୍ବାଚନ ସମୟରେ ଲୋକେ କାହାକୁ ଭୋଟ ଦେବେ, ଭଲ ଲୋକଙ୍କୁ ନା ତମାସା ବାଲାଙ୍କୁ ? ଏ ସମ୍ପର୍କରେ ବ୍ୟାପକ ଆଲୋଚନା ହେବା ଉଚିତ । ଗାଁ ଗହଳିରେ, ଚା ଖଟିରେ, ହାଟ ବଜାରରେ। ତାହା ହିଁ ଜନ ଜାଗରଣ ।


**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**


## ବ୍ୟଙ୍ଗ ପ୍ରହାର: ପ୍ରମାଦ

ବିବାଦରେ ପ୍ରବାଦ ପୁରୁଷ, ଚାରିଆଡ଼େ ହଟ୍ଟଗୋଳ
ଦୁବେଙ୍କ ମନ୍ତବ୍ୟ ଝଡ଼ ସୃଷ୍ଟି କଲା
କ୍ଷମା ମାଗିବାକୁ ଅସମ୍ଭାଳ
ଓଡ଼ିଶାର ବିଜୁ ବାବୁ ସ୍ୱାଭିମାନ
ପ୍ରଗତି ରଥର ସାରଥୀ ସେ
ଓଡ଼ିଆ କରେ ତାଙ୍କ ଜୟଗାନ।
କଳିଙ୍ଗ ସମ୍ରାଟ ମରି ନାହିଁ, କଳିଙ୍ଗ ସମର ସରି ନାହିଁ
ଓଡ଼ିଆଙ୍କ ପାଇଁ ବିଜୁ ବାବୁ
ରହିଥିବେ ସଦା ମହାନ।।



# ବଜେଟ ବର୍ଜନ : ଇସ୍ତଫା ଦାବିରେ ସରିଲା ଅଧିବେଶନ




ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ବିଧାନସଭାରେ ଉଠିବ ଅଞ୍ଚଳର କଥା । ଲୋକଙ୍କ ସମସ୍ୟାର ସମାଧାନକୁ ଦିଆଯିବ ପ୍ରାଥମିକତା । ଆଲୋଚନା ହେବ, ନିଷ୍କର୍ଷ ବାହାରିବ । ନୀତି ନିୟମ ପ୍ରସ୍ତୁତ ହେବ । ହେଲେ ବିଧାନସଭା ଆରମ୍ଭ ହେଲେ ଏକଥା ଯେମିତି ଭୁଲିଯାଆନ୍ତି ଶାସକ-ବିରୋଧୀ । ଲୋକଙ୍କ ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥ ପାଲଟିଯାଏ ସର୍ବୋପରି । ଯାହାର ପରିଣାମ ହେଉଛି, ହୋହଲ୍ଲା, ନାରାବାଜି ଓ ମୁଲତବିରେ ଶେଷ ହୁଏ ବିଧାନସଭା। ଚଳିତ ବିଧାନସଭାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି ।ବଜେଟ ଅଧିବେଶନ । ବିଧାନସଭାର ସବୁଠୁ ବଡ ତଥା ଗୁରୁତ୍ୱପୂର୍ଣ୍ଣ ଅଧିବେଶନ । ଦୀର୍ଘ ଦେଢ ମାସ ଧରି ବସୁଥିବା ଏହି ଅଧିବେଶନରେ ଅନେକ ପ୍ରସଙ୍ଗର ଆଲୋଚନା ହୋଇଥାଏ ଏବଂ ନିଷ୍କର୍ଷ ବାହାରିଥାଏ । ହେଲେ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ, ପ୍ରଥମ ପର୍ଯ୍ୟାୟରେ ଚାଷୀ, ମଣ୍ଡି ଓ ଦ୍ୱିତୀୟ ପର୍ଯ୍ୟାୟରେ ଏସସିବି ତାତିରେ ବିଧାନସଭାର ଗୃହକାର୍ଯ୍ୟ କେବଳ ମୁଲତବିରେ ସରିଗଲା । କାଁ ଭାଁ କେଇଦିନ ଛାଡ଼ିଦେଲେ ଅନ୍ୟଦିନର ପ୍ରଶ୍ନକାଳ ସ୍ୱାଭାବିକ ହୋଇପାରିଲାନି । ସର୍ବଦଳୀୟ ବୈଠକରୁ ବାହାରିଲାନି ସମାଧାନର ବାଟ । ହେଲେ ଯେବେ ଉଭୟ ଶାସକ-ବିରୋଧୀ ଆଲୋଚନା ପାଇଁ ଆଗ୍ରହ ଦେଖାଇଲେ ସେତେବେଳେ ଗୃହକାର୍ଯ୍ୟ ୫ ଦିନ ପୂର୍ବରୁ ବନ୍ଦ ହୋଇଗଲା । ଯାହାକୁ ନେଇ ଶାସକ ଦଳକୁ ଘେରିଛନ୍ତି ବିରୋଧୀ ।ବିଧାନସଭାର ନିୟମ କହୁଛି, ବାର୍ଷିକ ୬୦ ଦିନ ଗୃହ ଚାଲିବା କଥା । ବଜେଟ୍ ଅଧିବେଶନ ହିଁ ଗୃହକାର୍ଯ୍ୟର କଷ୍ଟକୁ ପୂରଣ କରିଥାଏ। ହେଲେ ଶାସକ-ବିରୋଧୀଙ୍କ ଛକାପଞ୍ଝା ଓ ମାଇଲେଜ ରାଜନୀତିରେ ପୁରଣ ହେଉନି କଷ୍ଟ ଏବଂ ବଳି ପଡିଯାଉଛି ଲୋକଙ୍କ ସ୍ୱର ଓ ସ୍ୱାର୍ଥ । ଏଥିପାଇଁ ବିରୋଧୀଙ୍କୁ ସିଧାସଳଖ ଦାୟୀ କରିଛି ଶାସକ ଦଳ । ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁଥିଲେ ସରକାର, ହେଲେ ବିରୋଧୀ ଜାଣିଶୁଣି ଲୋକଙ୍କ ଟଙ୍କା ପାଣିରେ ପକାଇଛନ୍ତି ।

୫ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା ହୋଇଛି ବିଧାନସଭାର ବଜେଟ ଅଧିବେଶନ । ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ମଙ୍ଗଳବାର ବିଳମ୍ବିତ ରାତିରେ ଏହି ବ୍ୟସ୍ତ ବହୁଳ, ପ୍ରସଙ୍ଗ ଯୁକ୍ତ ଓ ଚର୍ଚ୍ଚିତ ଅଧିବେଶନ ଆଗୁଆ ଶେଷ ହୋଇଛି। ସେହିପରି ପ୍ରତ୍ୟାହୃତ ହୋଇଛି ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ବର୍ଦ୍ଧିତ ଦରମା, ଭତ୍ତା ଓ ପେନସନ ବିଲ୍ । ବଜେଟ ଅଧିବେଶନ ଆରମ୍ଭ ଫେବୃଆରୀ ୧୭ ତାରିଖରେ ଆରମ୍ଭ ହୋଇଥିଲା । ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ୫ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ହୋଇଛି ବିଧାନସଭାର ବଜେଟ ଅଧିବେଶନ । ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବା ପାଇଁ ପ୍ରସ୍ତାବ ରଖିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ । ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ ସଂସଦୀୟ

*ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

## ଶଶି ଥରୁରଙ୍କୁ ଆକ୍ରମଣ : ଜଣେ ଗିରଫ

ମାଲାପ୍ପୁରମ, ୦୪/୦୪ : କେରଳର ମାଲାପ୍ପୁରମରେ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ଦଳ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ଆସିଛି। ଏହି ଘଟଣା ରାତିରେ ୱାଣ୍ଡୁରର ଚେଲିଟୋଡ୍ଡୁ ଅଞ୍ଚଳରେ ଘଟିଛି। ଅନିଲ କୁମାରଙ୍କ ପାଇଁ ପ୍ରଚାର କରିବା ପାଇଁ ଥରୁର ୱାଣ୍ଡୁରରେ ପହଞ୍ଚିବା ପରେ ଏଭଳି ଘଟିଛି। ଅଭିଯୋଗ ଅନୁଯାୟୀ, ବାଇକ୍ ଚାଳକଙ୍କ ଏକ ଗୋଷ୍ଠୀ ତାଙ୍କ ଗାଡ଼ିକୁ ଅଟକାଇ ସୁରକ୍ଷାକର୍ମୀଙ୍କୁ ଗାଳିଗୁଲଜ କରିଥିଲେ। ସେମାନେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିଲେ। ସୁରକ୍ଷାକର୍ମୀଙ୍କୁ ଜଣକ ନିଜେ ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୁଚନା ଅନୁଯାୟୀ, କିଛି ଲୋକ ପ୍ରଥମେ ଶଶି ଥରୁରଙ୍କ ଦଳକୁ ଅନୁସରଣ କରିଥିଲେ ଏବଂ ପରେ ତାଙ୍କ କାର୍‌କୁ ଅଟକାଇ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଆକ୍ରମଣକାରୀମାନେ ଥରୁରଙ୍କୁ ଗାଳିଗୁଲଜ କରୁଥିଲେ ଏବଂ ତାଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀ ଜଣକ ହସ୍ତକ୍ଷେପ କରିବା ପରେ ଆକ୍ରମଣକାରୀମାନେ ରାଗି ତାଙ୍କୁ ମାଡ଼ ମାରିଥିଲେ। ପୋଲିସର ସୂଚନା ଅନୁଯାୟୀ, ଏହି ମାମଲାରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ କାଳିକାଭୁର ବାସିନ୍ଦା ଉମର ବୋଲି ଚିହ୍ନଟ ହୋଇଛନ୍ତି। ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଅଟକ ରଖାଯାଇଛି।

## ଯୁଦ୍ଧକୁ ନେଇ ଚିନ୍ତାରେ ଆମେରିକା ବଢ଼ିପାରେ ଡିଫେନ୍ସ ବଜେଟ

ୱାଶିଂଟନ, ୦୪/୦୪: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ୩୬ ତମ ଦିନରେ ପହଞ୍ଚିଛି। ନିରନ୍ତର ଆକ୍ରମଣ ଏବଂ ପ୍ରତିଶୋଧମୂଳକ ଆକ୍ରମଣ ମଧ୍ୟରେ, ପରିସ୍ଥିତି କ୍ରମଶଃ ଉତ୍ତେଜନାପୂର୍ଣ୍ଣ ହେବାରେ ଲାଗିଛି। ଏହି ସମୟରେ, ଯୁଦ୍ଧ ସମ୍ପର୍କରେ ଅନେକ ପ୍ରମୁଖ ଅପଡେଟ ସାମ୍ନାକୁ ଆସିଛି, ଯାହା ପରିସ୍ଥିତିର ଗମ୍ଭୀରତାକୁ ସ୍ପଷ୍ଟ କରୁଛି। ଇରାନୀ ଅଧିକାରୀଙ୍କ ଅନୁସାରେ, ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ଅତି କମରେ ୨,୦୭୬ ଜଣ ପ୍ରାଣ ହରାଇଛନ୍ତି – ଯେତେବେଳେ ୨୬,୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଇରାନ ଦୁଇଟି ଆମେରିକୀୟ ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି। ଏଥିରେ ଗୋଟିଏ ଏଫ-15ଇ ଲଢୁଆ ବିମାନ ଏବଂ ଗୋଟିଏ ଇ-୧୦ ଆକ୍ରମଣ ବିମାନ ଅନ୍ତର୍ଭୁକ୍ତ। ଇରାନ ଅନୁଯାୟୀ, ଋ-୧୫ର ଲଢୁଆ ବିମାନକୁ ତା'ର ଅଞ୍ଚଳ *ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

## ଆରମ୍ଭ ହେଲା ନୂଆ ଶିକ୍ଷା ବର୍ଷ
## ଖଡ଼ି ଛୁଆଁଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ କୁନି କୁନି ସ୍କୁଲ ପିଲାଙ୍କୁ ଶନିବାର ଦିନ ଖଡି ଛୁଆଁଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜଭବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାଙ୍କ ସହ ଭାବ ବିନିମୟ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖଡ଼ି ଛୁଆଁଇଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରି କହିଛନ୍ତି ଯେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ବା ପ୍ରି ପ୍ରାଇମେରୀ ଆରମ୍ଭ କରିଛି। ଏହା ଜାତୀୟ ଶିକ୍ଷାନୀତି- ୨୦୨୦ ଅନୁଯାୟୀ କାର୍ଯ୍ୟକାରୀ ହେବ ଏବଂ ଏହା ପରେ ଶିଶୁବାଟିକାରେ ପର୍ଯ୍ୟାୟକ୍ରମେ ସମସ୍ତ ଅଙ୍ଗନୱାଡ଼ିର ମିଶ୍ରଣ ହେବ। ପ୍ରାଥମିକ ଶିକ୍ଷାକୁ ଦୃଢ଼ କରିବାକୁ ପ୍ରତି ଗ୍ରାମରେ ମଡେଲ ସ୍କୁଲ ଏବଂ ପ୍ରତି ବ୍ଲକରେ ପାଞ୍ଚ ଏକର ଜାଗାରେ ୬ କୋଟି ଟଙ୍କା ବ୍ୟୟରେ ଗୋଦାବରୀଶ ପ୍ରାଥମିକ ସ୍କୁଲ ନିର୍ମାଣ ହେବ। ଓଡ଼ିଆ ପକ୍ଷ ପାଳନ ଅବସରରେ ପ୍ରତି ଜିଲ୍ଲାରେ ୬ ତାରିଖରୁ ୧୦ ତାରଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥ ଗଡ଼ିବା କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଥିଲେ।

# ଦଳ ଛାଡ଼ି ପଳାଉଛନ୍ତି ନେତା

## ବିଜେଡି ଗଲାଣି ବିଗିଡ଼ି,ଆଉ ହେବ ନାହିଁ ସଜାଡ଼ି



**ଭୁବନେଶ୍ୱର, ୦୪/୦୪ (ପ୍ରମୋଦ ସାମନ୍ତରାୟ):** ଓଡ଼ିଶା ରାଜନୀତିରେ ଅନେକ ଆଞ୍ଚଳିକ ଦଳ ଜନ୍ମ ନେଇଛି,ସମୟର କାଳ ଗର୍ଭରେ ବିଲୀନ ହୋଇଛି । ଭାରତ ରାଜନୀତିରେ ଅନେକ ଆଞ୍ଚଳିକ ଦଳ ସେମାନଙ୍କ ରାଜ୍ୟରେ କ୍ଷମତା ପାଇଛନ୍ତି ଓ କ୍ଷମତା ହରାଇଛନ୍ତି । ଏହା ସତ୍ତ୍ୱେ ବି ସେମାନେ ନିଜ ଦଳର ସ୍ଥିତି ଓ ଅସ୍ତିତ୍ୱ ବଜାୟ ରଖିବା ପାଇଁ ନିଜ ଦଳର ସଂଗଠନକୁ ମଜଭୁତ କରିବା ନିମନ୍ତେ ଲଢ଼େଇ ଜାରି ରଖିଛନ୍ତି । ବିଜୁ ଜନତା ଦଳ ଆଞ୍ଚଳିକ ଦଳ ଭାବେ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସମ୍ମାନଜନକ ଦଳ ଭାବେ ପରିଗଣିତ ହୋଇଆସିଛି । କ୍ରମାଗତ ଭାବେ ପାଞ୍ଚ ଥର ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇ ୨୪ବର୍ଷ ଶାସନ କ୍ଷମତାରେ ନିଜର ଦକ୍ଷତା ପ୍ରତିପାଦିତ କରି ଆସିଛନ୍ତି । ଯେଉଁ ବିଜେପି ସହିତ ୨୦୦୦ ମସିହାରୁ ୨୦୦୯ ପର୍ଯ୍ୟନ୍ତ ଗଠବନ୍ଧନ ସରକାର କରିଥିଲେ,ସେହି ବିଜେପି ଦଳ ଏବେ ବିଜେଡି ପାଇଁ କାଳ ହୋଇଛି । ୨୦୨୪ ମସିହା ନିର୍ବାଚନରେ ଅସ୍ମିତା ଅର୍ଥରେ ବିଜେପି ବିଜେଡି ଠାରୁ କ୍ଷମତା ଛଡ଼ାଇ ନେଲା ପରେ ଦଳ ଭିତରେ ବିଦ୍ରୋହ ଓ ଅଶାନ୍ତି ଲାଗି ରହିଛି । ପ୍ରଥମରୁ ଦୁଇ ଜଣ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର ଓ ମମତା ମହନ୍ତ ଦଳରୁ ଇସ୍ତଫା ଦେଇ ନବୀନଙ୍କୁ ବଡ଼ ଝଟକା ଦେଇଥିଲେ । ପରେ ପରେ ବ୍ଲକସ୍ତରୀୟ ଓ ବିଜ୍ଞାପିତ ଅଞ୍ଚଳର ଅନେକ ନେତା ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି । କେବଳ ସେତିକିରେ ଦଳର ବିପର୍ଯ୍ୟୟ ହୋଇନାହିଁ, ନୂଆପଡ଼ା ଉପ-ନିର୍ବାଚନରେ ବିଜେଡି ତୃତୀୟ ସ୍ଥାନରେ ରହିବା ନବୀନଙ୍କ ଲୋକପ୍ରିୟତା କେତେ କମିଛି,ତାହା ଓଡ଼ିଶାବାସୀଙ୍କୁ ବାର୍ତ୍ତା ଦେଇଥିଲା । ପରେ ପରେ ଭଦ୍ରକର ପ୍ରଫୁଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ଏବଂ ସେହି ଜିଲ୍ଲାର ବ୍ଲକ୍ ଅଧ୍ୟକ୍ଷ, ଅନେକ ସରପଂଚ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ । ଏଭଳିକି ଗଞ୍ଜାମ ଜିଲ୍ଲାର ଚିକିଟି ଅନେକ ନେତା ଓ ସରପଂଚ ବିଜେପିରେ ଯୋଗ ଦେଇଛନ୍ତି । ୨୦୨୪ ମସିହା ନିର୍ବାଚନରେ ବିଜେଡି ପାଇଥିବା ୫୧ଟି ବିଧାନସଭା ଆସନରୁ ନୂଆପଡ଼ାରେ ସେହି ଗୋଟିଏ ଆସନ ହରାଇବା ପରେ ଯେଉଁ ୫୦ଟି ଆସନ ଥିଲା, ନିଜ ଦଳର ଆଭ୍ୟନ୍ତରୀଣ ବିବାଦ ଓ ଭବିଷ୍ୟତର ବିପଦ ଆଶଙ୍କା କରି ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ବିଜେଡିର ଝଡ଼ ନିଜ ସଂଗଠନର ଗଡ଼ ପ୍ରତିଦିନ ଭୁଶୁଡ଼ି ପଡୁଥିବାବେଳେ ରାଜ୍ୟସଭା ନିର୍ବାଚନ ଦଳ ପାଇଁ ବଡ଼ ଶକ୍ତ ଧକ୍କା ହୋଇଥିଲା। ଦଳୀୟ ହ୍ୱିପ ନ ମାନି ୬ଜଣ ବିଧାୟକ ନିଜ ଦଳର ପ୍ରସ୍ତାବିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ବିରୋଧରେ କ୍ରସ ଭୋଟିଂ କରିଥିଲେ, ଯେଉଁଥିପାଇଁ ଦଳର ୬ଜଣ ବିଧାୟକ ଦଳରୁ ନିଲମ୍ବିତ ହୋଇଛନ୍ତି ।

କଟକ ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁଅ ସୌଭିକ ବିଶ୍ୱାଳ ଦଳରୁ ନିଲମ୍ବିତ ହେବା ଦିନଠାରୁ ବିଜେଡି ହାତାରୁ କଟକ ସଂଗଠନ ଖସିଯିବାକୁ ବସିଛି । ଯେତେ ଚେଷ୍ଟା କଲେ ବି ଦଳର ମଙ୍ଗ ଧରିବାକୁ ସେଭଳି ନେତୃତ୍ୱ ମିଳୁ ନାହାନ୍ତି । କେବଳ ପ୍ୟାଚ୍‌ପ୍ ପକାଇ ବିଜେଡି କାମ ଚଳାଉଛି । ପ୍ରଭାତ ବିଶ୍ୱାଳ ଓ ପ୍ରଭାତ ତ୍ରିପାଠୀ ଏକାଠି ହୋଇ ନବୀନଙ୍କୁ ପାନେ ଦେବା ପାଇଁ ସବୁ ପ୍ରକାର ଯୋଜନା ଚଳାଇଛନ୍ତି । ସମବାୟ ବିଜେଡି ନେତା ଏବେ ବିଜେଡିକୁ ବାଏ ବାଏ କରି ବିଜେପିରେ

*ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

# ରାଜରାସ୍ତାରେ ଏକାଠି ଲଢ଼ିଲେ ବିଜେଡି-କଂଗ୍ରେସ
# ୨୮ବର୍ଷ ପରେ ରାଜ୍ୟପାଳଙ୍କୁ ଦେଲେ ସ୍ମାରକପତ୍ର



ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ଯେଉଁ ଅଣକଂଗ୍ରେସ ମୂଳଦୁଆ ଉପରେ ବିଜେଡି ଦୀର୍ଘ ୨୮ବର୍ଷ ଧରି ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲା ଏବେ ସେହି ନୀତି-ଆଦର୍ଶକୁ ଜଳାଞ୍ଜଳି ଦେଇ କଂଗ୍ରେସ ସହ ହାତ ମିଳାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜର ରାଜନୀତିକ ଅସହାୟତାକୁ ପଦାରେ ପକାଇ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ଏକାକୀ ମୁକାବିଲା କରିବାକୁ ଅସମର୍ଥ ବିଜେଡି ଏବେ କଂଗ୍ରେସ ଓ ବାମଦଳର ଶରଣାପନ୍ନ ହୋଇଛି। କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ଆୟୁଧ କରି ବିଜେଡି, କଂଗ୍ରେସ ଓ ବାମଦଳ ମିଳିତ ଭାବେ ରାଜରାସ୍ତାକୁ ଓହ୍ଲାଇଛନ୍ତି । କଂଗ୍ରେସ ନେତୃତ୍ୱାଧୀନ ୟୁପିଏର ସହଯୋଗୀ ଦଳଗୁଡ଼ିକ ସହ ବିଜେଡି ଏହି ଗଣଧାରଣାରେ ସାମିଲ ହୋଇ ରାଜ୍ୟର ବିଜେପି ସରକାରଙ୍କ ବିରୁଦ୍ଧରେ ବର୍ଷିଛି। ମୋଟ ୧୦ଟି ରାଜନୀତିକ ଦଳ ଏକଜୁଟ ହୋଇ ପ୍ରତିବାଦ କରିଥିଲେ। କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଅନ୍ୟାନ୍ୟ ଦାବିରେ ଆଜି ବିଧାନସଭା ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତୃତ୍ୱାଧୀନ ୟୁପିଏର ସହଯୋଗୀ ଦଳଗୁଡ଼ିକ ସହ ବିଜେଡି ଏହି ଗଣଧାରଣାରେ ସାମିଲ ହୋଇ ରାଜ୍ୟର ବିଜେପି ସରକାରଙ୍କ ବିରୁଦ୍ଧରେ ବର୍ଷିଛି। କଂଗ୍ରେସ ଓ ବାମଦଳ ସମେତ ବିଜେଡିକୁ ମିଶାଇ ମୋଟ ୧୦ଟି ରାଜନୀତିକ ଦଳ ଗଣଧାରଣାରେ ଏକଜୁଟ ହୋଇ ପ୍ରତିବାଦ କରିଥିଲେ। ଏହି ମିଳିତ ବିରୋଧୀ ଦଳର ଏକ ଟିମ୍ ଲୋକଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଏହି ଗଣଧାରଣାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲିଖିତ ସନ୍ଦେଶ ପାଠ ଓ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସଙ୍କ ଅଡିଓ ସନ୍ଦେଶ ଶୁଣାଇବା ରାଜନୀତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଜି ବିଧାନସଭା ସମ୍ମୁଖରେ ବିଜେଡି ଓ କଂଗ୍ରେସ ସମେତ ମୋଟ ୧୦ଟି ରାଜନୀତିକ ଦଳର କର୍ମୀ ଓ ନେତାମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ଶୋଭାଯାତ୍ରାରେ ଆସି ମହାତ୍ମା ଗାନ୍ଧି ମାର୍ଗରେ ପ୍ରତିବାଦ ସଭା କରିଥିଲେ। କଟକ ଏସସିବି ମେଡିକାଲରେ ୧୩ଜଣ ରୋଗୀଙ୍କ ମୃତ୍ୟୁ ଏକ ଦୁର୍ଘଟଣା ନୁହେଁ ବରଂ 'ସଂସ୍ଥାଗତ ବ୍ୟବସ୍ଥାକୃତ ହତ୍ୟା' ବୋଲି ଅଭିଯୋଗ କରି ସରକାରଙ୍କ ଅକ୍ଷମଣୀୟ ଅବହେଳାକୁ ନିନ୍ଦା କରିଛନ୍ତି। ଏହି ପ୍ରତିବାଦ ସଭାରେ ବିଜେଡି ସମେତ କଂଗ୍ରେସ, ସିପିଆଇ, ସିପିଆଇଏମ, ସିପିଆଇଏମଏଲ୍ ଲିବେରେସନ, ଫରୱାର୍ଡ ବ୍ଲକ, ଏନସିପି, ଆରଜେଡି, ସମତା କ୍ରାନ୍ତି ଦଳ ଓ ସମାଜବାଦୀ ପାର୍ଟିର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।ଏହି ଗଣଧାରଣା ଆରମ୍ଭରେ ମୃତ ୧୩ ଜଣ ରୋଗୀଙ୍କ ସମ୍ମାନରେ ଦୁଇ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଲିଖିତ ବାର୍ତ୍ତା ପଠାଇ ମିଳିତ ଆନ୍ଦୋଳନକୁ ନୈତିକ ସମର୍ଥନ ଓ ଶୁଭେଚ୍ଛା ଜଣାଇଥିବାବେଳେ ପିସିସି ସଭାପତି ଭକ୍ତ ଦାସ ଅଡିଓ ବାର୍ତ୍ତା ମାଧ୍ୟମରେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଏହି ଗଣଧାରଣାରେ ମିଳିତ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ତୁରନ୍ତ ପଦରୁ ହଟାଇବା, ପ୍ରତ୍ୟେକ ମୃତକଙ୍କ ପରିବାରକୁ ଏକକୋଟି ଟଙ୍କାର କ୍ଷତିପୂରଣ ଓ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ, ଆହତଙ୍କୁ ମାଗଣା ଚିକିତ୍ସା ସହ ୫ଲକ୍ଷ ଟଙ୍କାର ସହାୟତା, ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କ ସମେତ ଦାୟୀ ଅଧିକାରୀ ଓ ବିଦ୍ୟୁତ ଠିକାଦାରଙ୍କୁ ତୁରନ୍ତ ଗିରଫ ସମେତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଫାୟାର ସେଫ୍‌ଟି ଅଡିଟ୍ କରିବା ପାଇଁ ମଧ୍ୟ ଦାବି କରିଛନ୍ତି। ଯଦି ଏହି ଦାବିଗୁଡ଼ିକ ତୁରନ୍ତ ପୂରଣ ନହୁଏ, ତେବେ ରାଜ୍ୟର କୋଣଅନୁକୋଣରେ ପ୍ରତିବାଦର ସ୍ୱର ତୀବ୍ରତର କରାଯିବ ବୋଲି ମିଳିତ ବିରୋଧୀ ଦଳ ଚେତାବନୀ ଦେଇଛନ୍ତି। ଆଜିର ଏହି ସମାବେଶକୁ ବିଜେଡିର ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଅରୁଣ ସାହୁଙ୍କ ସମେତ କଂଗ୍ରେସର ରାମଚନ୍ଦ୍ର କାଡ଼ାମ, ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା ଓ ପ୍ରସାଦ ହରିଚନ୍ଦନଙ୍କ ସମେତ ଅନ୍ୟାନ୍ୟ ଦଳର ନେତାମାନେ ନିଜର ମତ ରଖି ସରକାରୀ କଳର ବିଫଳତାକୁ ସମାଲୋଚନା କରିଥିଲେ।

## ଛାତ୍ରଛାତ୍ରୀଙ୍କ ପୋଷାକ କ୍ରୟ ପ୍ରସଙ୍ଗ : ଯୋଜନା ବାଟବଣା



ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ବାଡ଼ ଖାଉଛି ଫସଲ। ଛାତ୍ରଛାତ୍ରୀ ମାନଙ୍କୁ ନିମ୍ନ ମାନର ପୋଷାକ ବଣ୍ଟନ ଓ ବିଳମ୍ବ ପ୍ରସଙ୍ଗ। ଏହାର ଅର୍ଥ ହେଉଛି ଯେଉଁମାନେ ଏହାର ତଦାରଖ ଦାୟିତ୍ୱରେ ରହୁଛନ୍ତି ସେମାନଙ୍କ ପାଟି ବନ୍ଦ ପାଇଁ କରାଯାଉଛି ବ୍ୟବସ୍ଥା। ସରକାର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଯେଉଁ ପୋଷାକ ଯୋଗାଣର ବ୍ୟବସ୍ଥା କରିଛନ୍ତି ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ମଧ୍ୟ ରାଜ୍ୟର ଅନେକ ବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ତାହା ପାଇ ପାରୁ ନଥିବାରୁ ପୁରୁଣା ପୋଷାକ ପରିଧାନ କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ଯେଉଁ ପୋଷାକ ଦିଆଯାଉଛି ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଯେଉଁଥି ପାଇଁ ଗଣଶିକ୍ଷା ବିଭାଗ ସଚିବ କ୍ଷୋଭ ପ୍ରକାଶ କରିବା ସହିତ ଏ ସବୁ ଦିଗ ଉପରେ ନଜର ଦେଇ ଏହାର ପୁନରାବୃତ୍ତି ଯେପରି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ତେବେ ଏହାର ମୁଖ୍ୟ କାରଣକୁ ବିଭାଗ ଖୋଜିବାକୁ ଚେଷ୍ଟା କରିଥିବା ଭଳି ପରିଲକ୍ଷିତ ହେଉନାହିଁ। କାରଣ ଯେଉଁ ପୋଷାକ ସବୁ ପିଲାମାନଙ୍କୁ ଯୋଗାଇ ଦିଆଯାଇଛି ତାହା ନିମ୍ନମାନର କି ନୁହେଁ ଏବଂ ଯଦି ନିମ୍ନ ମାନର ସେଥିପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କୁ ଦାୟୀ କରାଯାଇ ପାରିବ ନାହିଁ। ବ୍ଲକସ୍ତରରେ ଅଧିକାରୀ ମାନେ ଯାହାକୁ ସ୍ଥିର କରିବେ ସେମାନେ ତାଙ୍କଠାରୁ କିଣିବା ପାଇଁ ବାଧ୍ୟ। ଏପରିକି କେଉଁ ପ୍ରତିଷ୍ଠାନ ପୋଷାକ ଯୋଗାଇବ ତାହା ମଧ୍ୟ ବ୍ଲକସ୍ତରୀୟ ଅଧିକାରୀଙ୍କ ସହିତ ଏକ କମିଟି ସ୍ଥିର କରୁଛନ୍ତି। ଯେଉଁଥିପାଇଁ ପ୍ରଧାନ ଶିକ୍ଷକ ମାନେ ପାଟି ଖୋଲିବାକୁ ସାହସ କରୁ ନାହାଁନ୍ତି। ଯାହା ଫଳରେ ବିଳମ୍ବ ହେଉ କିମ୍ବା ନିମ୍ନମାନର ଯାହାବି ଯୋଗାଣ ହେଉଛି ବିନା ପ୍ରତିବାଦରେ ସେମାନେ ରଖିବାକୁ ବାଧ୍ୟ ହେଉଛନ୍ତି। ତେବେ ଯେଉଁମାନେ ପକୃତ ଯାଞ୍ଚ କରିବା କଥା ଓ ତାହା ନିମ୍ନମାନର କି ନାହିଁ ଦେଖିବା କଥା ଯେହେତୁ ସେମାନେ ସ୍ଥିର କରୁଛନ୍ତି କେଉଁମାନେ ଯୋଗାଇବେ ସେମାନେ ଆଉ ପାଟି ଖୋଲୁ ନାହାନ୍ତି କିମ୍ବା ଦେଖୁ ନାହାନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସ୍ଥିରୀକୃତ କରୁଥିବା ଅଧିକାରୀ ଯଦି କେଉଁମାନେ କେଉଁ ବିଦ୍ୟାଳୟକୁ ପୋଷାକ ଯୋଗାଇବେ ତାହା ନିର୍ଣ୍ଣୟ କରିବେ ସେମାନେ ଅଭିଯୋଗ ବା କରିବେ କିପରି। ଅନ୍ୟ ଏକ କାରଣ ହେଉଛି ଉପଯୁକ୍ତ ମାନର କି ନାହିଁ ଯଦି ସେମାନେ ଯାଞ୍ଚ କରିବା ପରେ ସେମାନଙ୍କ ପାଟି ଖୋଲୁ ନାହିଁ ତା ହେଲେ ଯେଉଁ ଦୁର୍ନୀତିର ଗନ୍ଧ ସେଥିରେ ବାରି ହେଉଛି ସେଥିରେ ଅଧିକାରୀମାନଙ୍କ ସମ୍ପୃକ୍ତିକୁ ଏଡ଼ାଇ ହେବ ନାହିଁ। ତେବେ ଯାହା ହେଉନା କାହିଁକି ସରକାରଙ୍କ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ମୁଖିଆ କରିବା ପାଇଁ ଯେଉଁଳି ପଦକ୍ଷେପ ନିଆଯାଇଛି କିଛି ଦୁର୍ନୀତି ଖୋର ଅଧିକାରୀଙ୍କ ପାଇଁ ତାହା ଫଳପ୍ରଦ ହୋଇ ପାରୁନାହିଁ, ଏସବୁ ବିଷୟରେ ସରକାର ଜାଣି ମଧ୍ୟ କୌଣସି ପଦକ୍ଷେପ ନେଇପାରୁ ନଥିବା ଯୋଗୁଁ ଯୋଜନା ବାଟବଣା ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ବିଜେଡି ସୁପ୍ରିମୋଙ୍କୁ କଟକ ଚିନ୍ତା କର୍ପୋରେଟରଙ୍କୁ ମନାଇଲେ ନବୀନ

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : କଟକ ରାଜନୀତିରେ ଚାଲିଥିବା ହଟଚମଟ ଦେଖି ଆକ୍ସନ ମୁଡ୍‌ରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନବୀନ ନିବାସରେ କଟକ ଚୌଦ୍ୱାରାର ୮ କର୍ପୋରେଟର । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଆସି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନବୀନ ଦେଲେ ମନ୍ତ୍ର। ଏ ନେଇ ପ୍ରତିକ୍ରିୟା ରଖି ପ୍ରତାପ ଜେନା କହିଛନ୍ତି, ପ୍ରଭାତ ଓ ସୌଭିକଙ୍କୁ ନେଇ କୌଣସି ଟିପ୍ପଣୀ ଦେବାକୁ ଚାହେଁନି । ଦଳର ସମସ୍ତ କର୍ପୋରେଟର ନବୀନଙ୍କ ସହ ରହିଛନ୍ତି । ବିଜେଡି ପରିଚୟ ଦେଇଥିବାରୁ ବିଜେଡି ସହ ଆଗକୁ ମଧ୍ୟ ରହିବା ପାଇଁ ନିଷ୍ପତ୍ତି ରୋକଠୋକ ଶୁଣାଇଛନ୍ତି କର୍ପୋରେଟର। ଦଳ ଏକ ରହିଛି । ମିଥ୍ୟା ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। ଦଳର ସଂଗଠନ ମଜବୁତ କରିବା ପାଇଁ ସମସ୍ତେ କାର୍ଯ୍ୟ ଜାରି ରଖିବେ । ସେପଟେ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ପ୍ରଭାତ ବିଶ୍ୱାଳଙ୍କୁ ନେଇ ଦେଇଛନ୍ତି ବଡ଼ ବୟାନ । ପ୍ରଭାତଙ୍କ ଡାକରାରେ ଆମେ ତାଙ୍କୁ ଭେଟିଥିଲୁ, ମାତ୍ର ସେ ଯେଉଁଆଡ଼େ ମୁହାଁଇଛନ୍ତି, ଆମେ ତାଙ୍କ ସାଙ୍ଗରେ ନାହୁଁ । ବିଜେଡି ଆମ ପରିଚୟ । ଆମେ ବିଜେଡି ସହ ରହିବୁ । ଚୌଦ୍ୱାର କଟକର ଉନ୍ନତି ପାଇଁ ନବୀନ ଗୁରୁ ମନ୍ତ୍ର ଦେଇଛନ୍ତି । ଖବର ଅନୁଯାୟୀ, କିଛି ଦିନ ତଳେ ପ୍ରଭାତ ବିଶ୍ୱାଳରୁ ଦଳରୁ ବହିଷ୍କାର କରିଥିଲେ ସୁପ୍ରିମୋ । ଏହି ଘଟଣା ପରେ ଯେମିତି କଟକ ରାଜନୀତିରେ ନୂଆ ମୋଡ଼ ଆସିଥିବା ଭଳି ଅନୁମାନ ହେଉଛି । କଟକରେ ପ୍ରଭାତ ବିଶ୍ୱାଳଙ୍କ ବାସଭବନରେ ଘନ ଘନ ବୈଠକ ବସୁଛି । ଯେଉଁଥିରେ ବିଜେଡିରେ ଅନେକ ବରିଷ୍ଠ ନେତା ଏବଂ କର୍ପୋରେଟରମାନେ ସାମିଲ ହେଉଛନ୍ତି। ନିକଟରେ ଗୋଟିଏ ସପ୍ତାହଙ୍କ ମଧ୍ୟରେ ଦୁଇ ଦୁଇ ଥର ବୈଠକ ବସିସାରିଥିଲା । ଯେଉଁଥିରେ ସିଏମସି ମେୟର ସୁବାଷ ସିଂହ ମଧ୍ୟ ସାମିଲ ହୋଇଥିଲେ । ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ଏନେଇ ପ୍ରଶ୍ନ ପଚରାଯିବାରୁ, ସେ କହିଥିଲେ କି ମୁଁ ବିଜେଡିର ଜଣେ ନେତା ହିସାବରେ ଏହି ବୈଠକକୁ ଯାଇଥିଲି । ଏହାକୁ ନେଇ କୌଣସି ରାଜନୀତି କରିବା ଉଚିତ୍ ନୁହେଁ । ସେହିପରି ଏହି ବୈଠକ ପରେ କିଛି କର୍ପୋରେଟର ପ୍ରଭାତଙ୍କ ସପକ୍ଷରେ ବାହାରିଥିଲେ । କହିଥିଲେ କି, ଭାଇଙ୍କ ସହିତ ଆମେ ଅଛୁ ଏବଂ ଆଗକୁ ମଧ୍ୟ ରହିବୁ ।

## ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ସମଗ୍ର ଓଡ଼ିଆ ଜାତିର ଅପମାନ : ନବୀନ

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ଦୃଢ ନିନ୍ଦା କଲେ ନବୀନ ପଟ୍ଟନାୟକ । ବିଜୁ ବାବୁଙ୍କୁ ନେଇ ଦୁବେ ଯାହା କହିଲେ ତାହା ଜାଣି ମୁଁ ଆଶ୍ଚର୍ଯ୍ୟ ବୋଲି କହିଲେ ନବୀନ । ପ୍ରଧାନମନ୍ତ୍ରୀ ଥିବା ବେଳେ ବିଜୁ ବାବୁଙ୍କୁ ନିଜ ଅଫିସକୁ ଡକାଇଥିଲେ ନେହରୁ । ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପାଇଁ ବିବାଦୀୟ ବୋଲି କହିଥିଲେ । ଆହୁରି ବି ଚାଇନା ସହ ଲଢେଇ କରିବାକୁ ରଣନୀତି କରିଥିଲେ ଉଭୟେ । ସେହି ସମୟରେ ମୁଁ ୧୩ ବର୍ଷ ବୟସର ହୋଇଥିଲି ବୋଲି ନବୀନ ପଟ୍ଟନାୟକ କହିଛନ୍ତି । ସେ ଆହୁରି କହିଛନ୍ତି ଦୁବେଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କୁ ଦେଖାଇବା କଥା । ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପାଇଁ ବିବାଦୀୟ ହୋଇପଡିଛନ୍ତି ସାଂସଦ । ସୂଚନା ଥାଉକି, ୧୯୬୨ ଚୀନ ଯୁଦ୍ଧ କଥା ଉଠାଇ ବିଜୁ ବାବୁଙ୍କୁ ଟାର୍ଗେଟ୍ କରିଥିଲେ ନିଶିକାନ୍ତ। ଆମେରିକା ଟଙ୍କାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁଙ୍କ ଯୁଦ୍ଧ ଲଢ଼ିଥିଲେ । ଆଉ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଜୁ ବାବୁ ଏଥିରେ ଭୂମିକା ନିଭାଇଥିଲେ । ଆମେରିକା ସରକାର ଓ ସିଆଇଏ ମଧ୍ୟରେ ସେତୁ ଭାବେ କାମ କରିଥିଲେ ବିଜୁବାବୁ। ନେହରୁ ୟୁଏସଏ ରାଷ୍ଟ୍ରଦୂତଙ୍କୁ କହିଥିଲେ ତୁମେ ତୁମ କାମ କର, ମୁଁ ବିଜୁଙ୍କୁ ପଠାଇଛି। ଓଡ଼ିଶାର ଚାରବାଟିଆ ଏୟାର ବେସ୍‌ରେ ଆମେରିକା ବିମାନକୁ ଆଶ୍ରୟ ଦେଇଥିଲେ। ଆଉ ବିଜୁ ବାବୁଙ୍କ ବିରୋଧରେ ଅପମାନଜନଜ ମନ୍ତବ୍ୟ ପାଇଁ ପଦ ଛାଡ଼ିଲେ ବିଜେଡିର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରତିବାଦରେ ସସ୍ମିତ ଏହି ପଦକ୍ଷେପ ଗ୍ରହଣ କରି ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି କମିଟି ସଦସ୍ୟ ପଦ ଛାଡ଼ିଛନ୍ତି। କାରଣ ନିଶିକାନ୍ତ ଦୁବେ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ରାଜ୍ୟସଭା ଅଧ୍ୟକ୍ଷଙ୍କ ପାଖକୁ ରବିବାର ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ନିଶିକାନ୍ତଙ୍କ ମନ୍ତବ୍ୟ ଅପମାନଜନକ, ମିଥ୍ୟା ଓ ଆଧାରହୀନ। ବିଜୁ ବାବୁ ଜଣେ ଆନ୍ତର୍ଜାତିକସ୍ତରର ବିଶିଷ୍ଟ ବ୍ୟକ୍ତିତ୍ୱ, କିମ୍ବଦନ୍ତୀ ପୁରୁଷ ଥିଲେ। ଭାରତର ବିଶ୍ୱ କୂଟନୀତି ନିଶ୍ଚିତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍ଧାର କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ତାଙ୍କୁ କିଛି ଅପମାନଜନକ ସନ୍ଦର୍ଭ ସହିତ ଯୋଡିବା ଏବଂ ବୟାନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

## ଷ୍ଟାଡିୟମ ସ୍ଥାନାନ୍ତରଣ ନେଇ କଣ୍ଟାମାଳରେ ୧୨ଘଣ୍ଟିଆ ବନ୍ଦ ପାଳନ

ବୌଦ୍ଧ, ୦୪/୦୪ (ଜେଏନ୍‌ଏସ୍) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମକୁ ନିର୍ମାଣ ନେଇ କଣ୍ଟାମାଳ ବିଧାୟକଙ୍କ ବିରୋଧରେ ତେଜିଛି ଜନ ଅସନ୍ତୋଷ । କଣ୍ଟାମାଳ ବିଧାୟକ ଅନ୍ୟତ୍ର ଷ୍ଟାଡିୟମ ନିର୍ମାଣ ପାଇଁ ଜାଗା ଓ ସ୍ଥାନ ଚିହ୍ନଟ କରି ଥିବାରୁ କଣ୍ଟାମାଳ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ବିରୋଧ ଦେଖିବାକୁ ମିଳିଛି। ତେଣୁ ସ୍ଥାନୀୟ ଅଞ୍ଚଳର ଜଣାଶୁଣା ଯୁବ ସମାଜସେବୀ ତଥା ଆଇନଜୀବୀ ଯଦୁ ବିହାରୀ ବାଘଙ୍କ ନେତୃତ୍ୱରେ ଓ ସମସ୍ତ ଯୁବ ଖେଳାଳୀଙ୍କ ସହଯୋଗ କ୍ରମେ ଏହାର ଦୃଢ଼ ପ୍ରତିବାଦରେ କଣ୍ଟାମାଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ଯାହା ଫଳରେ ଗତକାଲି କଣ୍ଟାମାଳ ବ୍ଲକ ଅଫିସ, ତହସିଲ ଅଫିସ, କୋର୍ଟ ସମେତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବାଣିଜ୍ୟ ପ୍ରତିଷ୍ଠାନ, ସମସ୍ତ ବ୍ୟାଙ୍କ ସ୍ୱତଃପ୍ରବୃତ ଭାବେ ବନ୍ଦ ପାଳନକୁ ସଫଳ କରିଥିଲେ ।

## ସାଂସଦ ଦୁବେଙ୍କ ମନ୍ତବ୍ୟକୁ ନେଇ ମୁହଁ ଖୋଲିଲେ ଦିଲ୍ଲୀପ ରାୟ



ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ବିଜୁ ପଟ୍ଟନାୟକଙ୍କ ପ୍ରତି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ସବୁଠି ଝଡ । ଦିଲ୍ଲୀରୁ ଓଡ଼ିଶା ତେଜିଛି ପ୍ରତିବାଦ । ଏହାରି ଭିତରେ ମୁହଁ ଖୋଲିଛନ୍ତି ନବ ନିର୍ବାଚିତ ସାଂସଦ ଦିଲ୍ଲୀପ ରାୟ । ସୋସିଆଲ ମିଡ଼ିଆ ପୋଷ୍ଟରେ ଲେଖିଛନ୍ତି ନିଜ ମନର କଥା । ସେ କହିଛନ୍ତି ଭାରତ ଓ ଓଡ଼ିଶା ପ୍ରତି ତାଙ୍କର ଅସାଧାରଣ ଅବଦାନକୁ ଶସ୍ତା ଓ ଚାଞ୍ଚଲ୍ୟକର ରାଜନୈତିକ ମନ୍ତବ୍ୟରେ ହ୍ରାସ କରିବା ଅନ୍ୟାୟ ଓ ଗଭୀର ଅସମ୍ମାନଜନକ । ଇତିହାସ, ସରକାର କିମ୍ବା ଜଟିଳ ଓ କଷ୍ଟକର ସମୟରେ ନିଆଯାଇଥିବା ନିଷ୍ପତ୍ତି ଉପରେ କେହି ବିତର୍କ କରିପାରିବେ । କିନ୍ତୁ ବିଜୁ ବାବୁଙ୍କ ଜାତୀୟତାବାଦୀ ଆତ୍ମା, ତାଙ୍କ ସାଧୁତା କିମ୍ବା ଭାରତ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇବାର ଅଧିକାର କାହାର ନାହିଁ । ବିଜୁ ବାବୁଙ୍କ ଜୀବନ ସାହସ, ତ୍ୟାଗ, ଦୂରଦୃଷ୍ଟି ଏବଂ ସାଲିସ ବିହୀନ ଦେଶପ୍ରେମର ଏକ ପ୍ରମାଣ ଥିଲା । ସେ କେବଳ ଓଡ଼ିଶାର ଜଣେ ଉଚ୍ଚମାନର ନେତା ନଥିଲେ । ବରଂ ଜଣେ ବିରଳ ରାଷ୍ଟ୍ରନିର୍ମାତା ଥିଲେ ।

ଯାହାଙ୍କ ଜୀବନ ଓ କାର୍ଯ୍ୟ ଭାରତର ରାଜନୈତିକ-ରଣନୈତିକ ଇତିହାସରେ ଏକ ଛାପ ଛାଡ଼ିଥିଲା ।ସ୍ୱାଧୀନତା ଆନ୍ଦୋଳନରେ ବିଜୁ ବାବୁଙ୍କର ଭୂମିକାଠାରୁ ଆରମ୍ଭ କରି ଜାତିର ସେବାରେ ତାଙ୍କର ସାହସିକ ବିମାନ ଅଭିଯାନ । ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରାରମ୍ଭିକ ଇତିହାସର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ତାଙ୍କର ଅବଦାନ ପର୍ଯ୍ୟନ୍ତ । ବିଜୁ ବାବୁ ନିରନ୍ତର ସେଠାରେ ଠିଆ ହୋଇଥିଲେ ଯେଉଁଠାରେ ସାହସ, ଦୃଢ଼ ବିଶ୍ୱାସ ଓ ଜାତୀୟ କର୍ତ୍ତବ୍ୟ ସବୁଠାରୁ ଅଧିକ ଦାବି କରୁଥିଲା । ସେ ସେହି ଅସାଧାରଣ ଭାରତୀୟଙ୍କ ମଧ୍ୟରୁ ଥିଲେ ଯାହାଙ୍କ ସେବା ସାର୍ବଜନୀନ ପଦବୀ ବାହାରେ ବିସ୍ତାରିତ ହୋଇଥିଲା। ଜାତିର ବୃହତ କାହାଣୀର ଏକ ଅଂଶ ହୋଇଯାଇଥିଲା। ସେ ଗର୍ବର ସହିତ ଓଡ଼ିଶା ପାଇଁ ଓ ସାହସର ସହିତ ଭାରତ ପାଇଁ ଠିଆ ହୋଇଥିଲେ। ତାଙ୍କ ଜୀବନ ଦୃଢ଼ ବିଶ୍ୱାସ, କାର୍ଯ୍ୟ-ସେବା ଦ୍ୱାରା ପରିଭାଷିତ ହୋଇଥିଲା । କେବେ ଦ୍ୱିଧା ଦ୍ୱାରା ନୁହେଁ, କେବେ ସ୍ୱାର୍ଥ ଦ୍ୱାରା ନୁହେଁ । ଓଡ଼ିଶାବାସୀଙ୍କ ପାଇଁ, ବିଜୁ ବାବୁ ଗର୍ବ, ଐତିହ୍ୟ, ପରିଚୟ ଏବଂ ସମ୍ମାନର ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଅବଦାନ ଗମ୍ଭୀରତାର ଯୋଗ୍ୟ। ତାଙ୍କର ଐତିହ୍ୟ ସମ୍ମାନ ପାଇବା ଉଚିତ । ବିଜୁ ବାବୁଙ୍କୁ ସର୍ବଦା ଭାରତର ଜଣେ ଦୃଢ଼ ଜାତୀୟତାବାଦୀ ଓ ଓଡ଼ିଶାର ଜଣେ ଗର୍ବିତ ପୁତ୍ର ଭାବରେ ମନେ ରଖାଯିବ ।

# ନିଶିକାନ୍ତ ଦୁବେଙ୍କ ବୟାନକୁ ନେଇ ଝଡ଼, ସଂସଦରୁ ରାଜରାସ୍ତା ସବୁଠି ବିଜେଡିର ବିରୋଧ : ମନ୍ତବ୍ୟକୁ ବୈଜୟନ୍ତଙ୍କ ନାପସନ୍ଦ



ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବୟାନ ଏବେ ରାଜନୀତିକ ଝଡ଼ ସୃଷ୍ଟି କରିଛି। ବିଜୁବାବୁଙ୍କ ସମ୍ପର୍କରେ ସଂସଦରେ ଆଲୋଚନା ବେଳେ ଓ ପରେ ସୋସିଆଲ ମିଡିଆରେ ନିଶିକାନ୍ତ ଦେଇଥିବା ବୟାନକୁ ନିନ୍ଦା କରି ବିଜେଡି ରାଜ୍ୟସଭାଠୁ ଆରମ୍ଭ କରି ରାଜରାସ୍ତାରେ କଡ଼ା ବିରୋଧ କରିଥିବାବେଳେ ତଥ୍ୟ ଆଧାରରେ ଇତିହାସର ପୁନଃତର୍ଜମା ହେବା ଉଚିତ୍ ବୋଲି ବିଜେପି ଦାବି କରିଛି। ଏପଟେ ବିଜୁବାବୁଙ୍କୁ ନେଇ ହେଉଥିବା ଟିପ୍ପଣୀକୁ ନାପସନ୍ଦ କରିଛନ୍ତି ବିଜେପି ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା ଓ ସାଂସଦ ଦିଲ୍ଲୀପ ରାୟ।

ସୂଚନା ଅନୁସାରେ, ଗତ ମାର୍ଚ୍ଚ ୨୭ତାରିଖରେ ସଂସଦରେ ଏକ ଆଲୋଚନାବେଳେ ବିଜେପି ସଂସଦ ନିଶିକାନ୍ତ ଦୁବେ ଏକ ଚାଞ୍ଚଲ୍ୟକର ତଥ୍ୟ ରଖି କହିଥିଲେ ଯେ, ୧୯୬୨ ଚୀନ ଯୁଦ୍ଧ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଆମେରିକାର ଗୁଇନ୍ଦା ସଂସ୍ଥା 'ସିଆଇଏ' ମଧ୍ୟରେ ବିଜୁ ପଟ୍ଟନାୟକ ମୁଖ୍ୟ ସଂଯୋଜକ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶାର ଚୌଦ୍ୱାର ନିକଟସ୍ଥ ଚାରବାଟିଆ ଏୟାରବେସକୁ ଆମେରିକାର ଗୁପ୍ତଚର ବିମାନ 'ୟୁ-୨' ର ପରିଚାଳନା ପାଇଁ ବ୍ୟବହାର କରାଯାଉଥିଲା ଓ ୧୯୬୩ ରୁ ୧୯୭୯ ପର୍ଯ୍ୟନ୍ତ ସେଠାରେ ଆମେରିକୀୟ ସୁରକ୍ଷା ବାହିନୀର ଉପସ୍ଥିତି ଥିଲା। ଏହି ତଥ୍ୟଗୁଡ଼ିକ ଐତିହାସିକ ଦସ୍ତାବିଜ୍ ଆଧାରରେ ପ୍ରଦାନ କରାଯାଇଛି ଓ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାର ପୁନଃ ପର୍ଯ୍ୟାଲୋଚନା ଓ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଥିଲେ। ତେବେ ତାଙ୍କର ଏହି ବୟାନ ଉପରେ ତୀବ୍ର ଆପତ୍ତି ଉଠାଇ ସେ ଅଧ୍ୟକ୍ଷ ଥିବା ସଂସଦୀୟ ଷ୍ଟାଣ୍ଡିଂ କମିଟିରୁ ବିଜେଡି ସାଂସଦ ସସ୍ମିତ ପାତ୍ର ଇସ୍ତଫା ଦେବା ସହ ସୋମବାର ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସାଂସଦମାନେ କକ୍ଷତ୍ୟାଗ କରିଥିଲେ। ବିଜୁବାବୁଙ୍କ ଭଳି ଜଣେ ମହାନ ଦେଶଭକ୍ତଙ୍କ ବିରୋଧରେ ମିଥ୍ୟା ଅପମାନଜନକ ଅପପ୍ରଚାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଥିଲା। ଭୁବନେଶ୍ୱରରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଏହି ପ୍ରସଙ୍ଗରେ ମୁହଁ ଖୋଲି ଶାଣିତ ଢଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ବିଜୁବାବୁଙ୍କ ଦେଶପ୍ରେମ, ସାହସିକତା ଓ ତାଙ୍କର ଜାତୀୟ ତ୍ୟାଗ ସମ୍ପର୍କରେ ସମଗ୍ର ବିଶ୍ୱ ଅବଗତ। ନିଶିକାନ୍ତ ଦୁବେଙ୍କ ବୟାନ ସମ୍ପୂର୍ଣ୍ଣ ଆଧାରହୀନ, ହୀନ ଓ ଦୁର୍ଭାଗ୍ୟଜନକ। ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ କଟାକ୍ଷ କରିଛନ୍ତି। ପଣ୍ଡିତ ଜବାହାରଲାଲ ନେହେରୁ ଏତେ ଗଭୀର ଭରସା କରୁଥିଲେ ଯେ ଚୀନ୍ ଯୁଦ୍ଧ ସମୟରେ ଦିଲ୍ଲୀରେ ନିଜ କାର୍ଯ୍ୟାଳୟ ନିକଟରେ ବିଜୁ ବାବୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଫିସ୍ ମଧ୍ୟ ଦେଇଥିଲେ। ସେତେବେଳେ ବିଜୁବାବୁ କେତେ ନିର୍ଭୀକ ଭାବେ ଦେଶର ସୁରକ୍ଷା ପାଇଁ ରଣନୈତିକ ସହାୟତା ପ୍ରଦାନ କରୁଥିଲେ, ତାହା ସେ ନିଜେ ଦେଖିଛନ୍ତି ବୋଲି ନବୀନ କହିଛନ୍ତି। ନବୀନଙ୍କ ଦଳ ବିଜେଡି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ନିଶିକାନ୍ତ ଦୁବେ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ଦାବି କରିବା ସହ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଅନ୍ୟପକ୍ଷରେ, ବିବାଦ ବଢୁଥିବା ଦେଖି ନିଶିକାନ୍ତ ଆଜି ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ସେ ବିଜୁ ବାବୁଙ୍କୁ କେବେ ବି ଟାର୍ଗେଟ କରିନାହାନ୍ତି କିମ୍ବା ତାଙ୍କ ବିରୋଧରେ କୌଣସି ଅପମାନଜନକ ଶବ୍ଦ ବ୍ୟବହାର କରିନାହାନ୍ତି। ବିଜୁବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓ ଯେତେବେଳେ କଂଗ୍ରେସ ତାଙ୍କ ସହ ଅନ୍ୟାୟ କରିଥିଲା, ସେତେବେଳେ ଜନସଂଘ ଓ ବିଜେପି ହିଁ ତାଙ୍କ ସହ ଛିଡ଼ା ହୋଇଥିଲେ। ନିଶିକାନ୍ତ କହିଛନ୍ତି ଯେ, ସେ କେବଳ ନେହେରୁ-ଗାନ୍ଧୀ ପରିବାରର କାର୍ଯ୍ୟକଳାପ ଉପରେ ଏକ ସିରିଜ୍ ଜାରି କରୁଛନ୍ତି ଓ ସେଥିରେ ଉଲ୍ଲେଖ ଥିବା ଦସ୍ତାବିଜ ଆଧାରରେ ହିଁ ସେ ନିଜର ତଥ୍ୟ ରଖିଛନ୍ତି। ଯଦି ତାଙ୍କ କଥା କାହାକୁ ଆଘାତ ଲାଗିଥାଏ, ତେବେ ସେ ସେମାନଙ୍କୁ କେବଳ ବୁଝାଇବାକୁ ଚେଷ୍ଟା କରିପାରିବେ ବୋଲି କହିଛନ୍ତି। ତେବେ ବିଜେପିର ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ, ନିଶିକାନ୍ତ ଦୁବେ ଜଣେ ବରିଷ୍ଠ ଓ ତଥ୍ୟଭିତ୍ତିକ ସାଂସଦ। ତାଙ୍କ କଥାକୁ ହାଲୁକା ଭାବେ ନେବା ଉଚିତ୍ ନୁହେଁ। ଶ୍ରୀ ତରାଇ ଚୌଦ୍ୱାର ନିକଟରେ ଥିବା ଚାରବାଟିଆ ଏୟାରବେସ୍ କାହିଁକି ଓ କେଉଁ ପରିସ୍ଥିତିରେ ନିର୍ମାଣ କରାଯାଇଥିଲା, ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ୍ ବୋଲି ଦାବି କରିଛନ୍ତି। ୧୯୬୩ ମସିହାରୁ ୧୯୭୯ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଏହି ଏୟାରବେସ୍ ସହ ସିଆଇଏର କଣ ସମ୍ପର୍କ ଥିଲା, ତାହା ସାମ୍ନାକୁ ଆସିବା ଦରକାର। ଯଦି ସେ ସମୟରେ କିଛି ଭୁଲ୍ ନିଷ୍ପତ୍ତି ନିଆଯାଇଛି, ତେବେ ତା'ର ସମୀକ୍ଷା ହେଲେ ଭବିଷ୍ୟତ ପାଇଁ ତାହା ଶିକ୍ଷଣୀୟ ହେବ। ଏହି ଏୟାରବେସ୍ ଏବେ ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଛି। ତେଣୁ ଇତିହାସର ପୁନଃ ପର୍ଯ୍ୟାଲୋଚନା ହେବା ଆବଶ୍ୟକ ବୋଲି କହିଛନ୍ତି। ତେବେ ଶ୍ରୀ ଦୁବେଙ୍କ ଏଭଳି ବୟାନକୁ ନାପସନ୍ଦ କରିଛନ୍ତି ରାଜ୍ୟର ଦୁଇ ବରିଷ୍ଠ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡା ଓ ଦିଲ୍ଲୀପ ରାୟ। ଉଭୟଙ୍କର ବିଜୁବାବୁଙ୍କ ସହ ଘନିଷ୍ଠତା ଓ ପାରିବାରିକ ସମ୍ପର୍କ ଥିଲା।

ବିଜେପିର ବରିଷ୍ଠ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ପଣ୍ଡା କହିଛନ୍ତି ଯେ, "ବିଜୁ ଅଙ୍କଲ୍ (ବିଜୁ ପଟ୍ଟନାୟକ) ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ। ସେ କେବଳ ନିଜ ସମୟର ଓଡ଼ିଶାର ସବୁଠାରୁ ଉଚ୍ଚକୋଟିର ନେତା ନଥିଲେ, ବରଂ ଦେଶର ଜଣେ ଅଗ୍ରଣୀ ଜ୍ୟୋତି ଥିଲେ। ସେ ଆଧୁନିକ ଭାରତର ଅନ୍ୟତମ ଶ୍ରେଷ୍ଠ ଦେଶପ୍ରେମୀ ଥିଲେ। ତାଙ୍କ ଭଳି ଜଣେ ବୀର ଯୋଦ୍ଧାଙ୍କ ଦେଶପ୍ରେମ ଉପରେ ଆଙ୍ଗୁଠି ଉଠାଇବା ଏକ କଳ୍ପନାପ୍ରସୂତ ଓ ହାସ୍ୟାସ୍ପଦ କଥା। ଏଭଳି ଆକ୍ରମଣ ଅଶୋଭନୀୟ, ଅଜ୍ଞତାପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଅଗ୍ରହଣୀୟ। ବିଜୁବାବୁଙ୍କ ଶିରାପ୍ରଶିରାରେ ଜାତୀୟ ଗୌରବ ପ୍ରବାହିତ ହେଉଥିଲା। ସେ ଜଣେ ପାଇଲଟ୍, ଶିଳ୍ପପତି, ରାଜନୈତିକ ନେତା ଓ ବିଶ୍ୱସ୍ତରୀୟ ସମସ୍ୟା ସମାଧାନକାରୀ ଭାବେ ଭାରତର ମୁକ୍ତି ଓ ଓଡ଼ିଶାର ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବିଜୁବାବୁଙ୍କର ସାହସିକ ମିଶନ, କୂଟନୀତିକ ଓ ପ୍ରତିରକ୍ଷା ପଦକ୍ଷେପଗୁଡ଼ିକର ଅବଦାନ ଆମର ଗଣତନ୍ତ୍ରକୁ ସୁଦୃଢ଼ କରାଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ସେହିପରି ନବନିର୍ବାଚିତ ସାଂସଦ ଶ୍ରୀ ରାୟ କହିଛନ୍ତି ଯେ, ବିଜୁ ବାବୁଙ୍କ ଜୀବନ ସାହସ, ତ୍ୟାଗ, ଦୂରଦୃଷ୍ଟି ଓ ଦେଶପ୍ରେମର ଏକ ଜ୍ୱଳନ୍ତ ନିଦର୍ଶନ। ସ୍ୱାଧୀନତା ସଂଗ୍ରାମଠୁ ସାହସିକ ବିମାନ ଚାଳନା ମିଶନ ପର୍ଯ୍ୟନ୍ତ, ଯେଉଁଠିବି ଦେଶର କର୍ତ୍ତବ୍ୟ ଆହ୍ୱାନ କରୁଥିଲା ବିଜୁବାବୁ ସେହିଠାରେ ଛିଡ଼ା ହେଉଥିଲେ। ଭାରତ ଓ ଓଡ଼ିଶା ପ୍ରତି ତାଙ୍କର ଅସାଧାରଣ ଅବଦାନକୁ କେବଳ ସାମାନ୍ୟ ରାଜନୈତିକ ଟିପ୍ପଣୀ ମାଧ୍ୟମରେ ହୀନ କରିବା ଅତ୍ୟନ୍ତ ଅନ୍ୟାୟ ଓ ଅସମ୍ମାନଜନକ। ଇତିହାସ କିମ୍ବା ସରକାରୀ ନିଷ୍ପତ୍ତି ଉପରେ ବିତର୍କ ହୋଇପାରେ, କିନ୍ତୁ ବିଜୁବାବୁଙ୍କ ଜାତୀୟତାବାଦୀ ମନୋଭାବ କିମ୍ବା ଭାରତ ପ୍ରତି ତାଙ୍କର ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇବାର ଅଧିକାର କାହାରି ନାହିଁ ବୋଲି ଶ୍ରୀ ରାୟ କହିଛନ୍ତି।

# ଆଗକୁ ଆହୁରି ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ସଙ୍କେତ ଦେଲେ ଟ୍ରମ୍ପ



ନୂଆଦିଲ୍ଲୀ, ୦୪/୦୪: ଆମେରିକା ସାମରିକ ଅଭିଯାନ ଦ୍ୱାରା ଇରାନର ମିସାଇଲ କ୍ଷମତାକୁ ଧ୍ୱଂସ କରିଛି। ଇରାନର ମିସାଇଲ ଉତ୍ପାଦନକୁ ମାଟିରେ ମିଶାଇଛି, ନୌସେନା ଓ ସୀମା ସୁରକ୍ଷା ଭିତ୍ତିଭୂମିକୁ ନଷ୍ଟ କରିଛି ଓ ଇରାନ ଯେମିତି କେବେ ବି ଆଣବିକ ଯୁଦ୍ଧାସ୍ତ୍ରକୁ ବିକଶିତ ନ କରିପାରିବ, ତା'କୁ ନିଶ୍ଚିତ କରିଥିବା ଟ୍ରମ୍ପ ଦାବି କରିଛନ୍ତି। ଇରାନ ସହ ଆଲୋଚନା ଚାଲିଥିବା ବେଳେ ଆମେରିକା ନିଜର ସାମାରିକ ଉଦ୍ଦେଶ୍ୟ ହାସଲ କରିବାର ଅତି ନିକଟରେ ପହଞ୍ଚି ସାରିଥିବା ଦେଶକୁ ସମ୍ବୋଧନ କରି କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଯୁଦ୍ଧ ଭିତରେ ଟ୍ରମ୍ପ ଦେଶବାସୀଙ୍କୁ ସମ୍ବୋଧନ କରିଥିବା ବେଳେ ନିଜର ପୁରୁଣା ଦାବିକୁ ଗୁଡ଼ିକୁ ଦୋହରାଇଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଯୁଦ୍ଧକୁ ନେଇ ଆମେରିକାର ଆଭିମୁଖ୍ୟ କ'ଣ ରହିବ, ତା'ର ସ୍ପଷ୍ଟ ଚିତ୍ର ଦେଇ ନାହାନ୍ତି। ନିଜ ସମ୍ବୋଧନାରେ ଆଗକୁ ଆହୁରି ସମାରିକ କାର୍ଯ୍ୟାନୁଷ୍ଠାନ ଆଶଙ୍କା ଥିବା ଟ୍ରମ୍ପ ସଙ୍କେତ ଦେଇଛନ୍ତି। ଇରାନକୁ ପୁରାତନ ଯୁଗକୁ ଆମେରିକା ଠେଲିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏବେ ବି ତାଙ୍କ ପ୍ରଶାସନ ଇରାନୀୟ ଅଧିକାରୀଙ୍କ ସହ କୂଟନୀତିକ ସମ୍ପର୍କରେ ରହିଥିବା ଟ୍ରମ୍ପ ଦାବି କରିଛନ୍ତି। ସେ କହିଛନ୍ତି, "ଅପରେସନ ଏପିକ ଫ୍ୟୁରୀ ଆରମ୍ଭ ହେବା ଦିନ ଠାରୁ ଆମେ କହିଥିଲୁ ଯେ ଆମ ଲକ୍ଷ୍ୟ ପୂରଣ ହେବା ଯାଏ ଅପରେସନ ଜାରି ରହିବ। ଏଯାଏ ଆମକୁ ଅନେକ ସଫଳତା ମିଳିଛି। ଆଜି ମୁଁ କହି ପାରିବି ଯେ ଆମେରିକା ନିଜର ସମସ୍ତ ସାମରିକ ଉଦ୍ଦେଶ୍ୟକୁ ପୂରଣ କରିବା ମାର୍ଗରେ ରହିଛି। ଏହା ଶୀଘ୍ର, ଅତି ଶୀଘ୍ର ଶେଷ ହେବ। ଆମେ ସବୁ କାମ ଶେଷ କରିବାକୁ ଯାଉଛୁ ଓ ଆମେ ସବୁ କିଛି ଶୀଘ୍ର ଶେଷ କରିବୁ।" ଆମେରିକା ସାମରିକ ଅଭିଯାନ ଦ୍ୱାରା ଇରାନର ମିସାଇଲ କ୍ଷମତାକୁ ଧ୍ୱଂସ କରିଛି। ଇରାନର ମିସାଇଲ ଉତ୍ପାଦନକୁ ମାଟିରେ ମିଶାଇଛି, ନୌସେନା ଓ ସୀମା ସୁରକ୍ଷା ଭିତ୍ତିଭୂମିକୁ ନଷ୍ଟ କରିଛି ଓ ଇରାନ ଯେମିତି କେବେ ବି ଆଣବିକ ଯୁଦ୍ଧାସ୍ତ୍ରକୁ ବିକଶିତ ନ କରିପାରିବ, ତା'କୁ ନିଶ୍ଚିତ କରିଥିବା ଟ୍ରମ୍ପ ଦାବି କରିଛନ୍ତି। ଦେଶକୁ ସମ୍ବୋଧନ କରିବା ସମୟରେ ଟ୍ରମ୍ପ ଇରାନକୁ ଚେତାବଦୀ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦୁଇରୁ ୩ ସପ୍ତାହ ମଧ୍ୟରେ ଇରାନ ଉପରେ ସବୁଠାରୁ କଠୋର ପ୍ରହାର ହେବ। ଇରାନକୁ ଆମେରିକା ପଥର ଯୁଗକୁ ପଠାଇ ଦେବ। ଇରାନର ନୌସେନା ଶେଷ ହୋଇ ଯାଇଥିବା ବେଳେ ଏୟାର ଫୋର୍ସ ବର୍ବାଦ ହୋଇ ଯାଇଛି। ଇରାନର ଅଧିକାଂଶ ନେତୃବୃନ୍ଦ ମଧ୍ୟ ଖତମ ହୋଇଥିବା ଟ୍ରମ୍ପ କହିଛନ୍ତି। ଆମେରିକାର ସାମରିକ ଅଭିଯାନର ଇତିହାସ ସମ୍ପର୍କରେ ଟ୍ରମ୍ପ କହିଛନ୍ତି, " ପ୍ରଥମ ବିଶ୍ୱ ଯୁଦ୍ଧରେ ଆମେରିକା ସାମିଲ ହୋଇଥିଲା। ଏହା ଗୋଟିଏ ବର୍ଷ ୭ ମାସ ଓ ୫ ଦିନ ଚାଲିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ୩ ବର୍ଷ ୮ ମାସ ଓ ୨୫ ଦିନ ଧରି ଜାରି ରହିଥିଲା। କୋରିଆ ଯୁଦ୍ଧ ୩ ବର୍ଷ ଗୋଟିଏ ଓ ୨ ଦିନ, ଭିଏତନାମା ଯୁଦ୍ଧ ୧୯ ବର୍ଷ ୫ ମାସ ଓ ୨୯ ଦିନ, ଇରାନ ଯୁଦ୍ଧ ୮ ବର୍ଷ ୮ ମାସ ଓ ୨୮ ଦିନ ଧରି ହୋଇଥିଲା। ଆମେ ଏହି ମିଲିଟାରୀ ଅପରେସନ ୩୨ ଦିନ ଜାରି ରଖିଛୁ। ଦେଶ ପ୍ରତି ଆଉ ବିପଦ ନଥିବା ଆମେ ନିଶ୍ଚିତ କରିଛୁ।

## କଂଗ୍ରେସରେ କାଡାମ୍ ହଟାଅ ଅଭିଯାନ
## ଦିଲ୍ଲୀରୁ ଫେରିଲେ ବିଧାୟକ, ଭକ୍ତଙ୍କ ଅସ୍ୱୀକାର



ନୂଆଦିଲ୍ଲୀ, ୦୪/୦୪: କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କୁ ପଦରୁ ହଟାଇବାକୁ ଦଳର ୬ଜଣ ବିଧାୟକ ଦିଲ୍ଲୀ ଗସ୍ତ କରିଛନ୍ତି।କିନ୍ତୁ ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ବିଷୟକୁ ଅସ୍ୱୀକାର କରିଛନ୍ତି। କିନ୍ତୁ ଅନ୍ୟପକ୍ଷରେ ମିଳିଥିବା ଖବର ଅନୁଯାୟୀ ଗତ ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଏଆଇସିସି (ସାଙ୍ଗଠନିକ) ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏଆଇସିସିର ଶୀର୍ଷ ନେତୃତ୍ୱ କଂଗ୍ରେସ ବିଧାୟକମାନଙ୍କୁ ଦିଲ୍ଲୀ ଡାକିଥିବା ଜଣାପଡ଼ିଛି। କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ମଙ୍ଗୁ ଖିଲ, ସାଗର ଦାସ, ସତ୍ୟଜିତ ଗମାଙ୍ଗ ଏବଂ କାଡ୍ରାକା ଆପାଲା ସ୍ୱାମୀ ବୁଧବାର ଦିଲ୍ଲୀ ଗସ୍ତ କରିଛନ୍ତି। ଶ୍ରୀ କାଡାମଙ୍କ ଉପରେ ଦଳର ଅନେକ ବିଧାୟକ ଅସନ୍ତୁଷ୍ଟ ଅଛନ୍ତି। ବିଧାନସଭା ଭିତରେ ଏବଂ ବାହାରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ଉପରେ ଯେଉଁଭଳି ଭାବେ ଆଭିମୁଖ୍ୟ ରଖିବା କଥା ତାହା ହୋଇପାରୁନି। କଂଗ୍ରେସ ବିଧାୟକ ଦଳ ନେତା କାର୍ଯ୍ୟଭାର ଗ୍ରହଣ ଦିନଠାରୁ କେତେକ ବିଧାୟକ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଦଳରେ ନୂଆ ଏବଂ ପୁରୁଣା ବିଧାୟକମାନଙ୍କୁ ସାଥୀରେ ନେଇ ଚାଲିବା କଥା।

କିନ୍ତୁ ସ୍ୱ-ଇଚ୍ଛାରେ ନିଷ୍ପତ୍ତି ନେଉଥିବାରୁ ଏଥିରେ ଦଳର କିଛି ବିଧାୟକ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରୁ କଂଗ୍ରେସ ବିଧାୟକ ଦଳ ନେତା ଏବଂ ଅନ୍ୟ ବିଧାୟକଙ୍କ ବୈଠକ ବସିଥିଲା। ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ଥିଲେ। ଗୃହରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଯେଉଁଭଳି ଭାବେ କଂଗ୍ରେସ ଘେରିବା କଥା ତାହା ଦେଖାଯାଉନାହିଁ। ନାରୀ ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ ଯେଉଁଭଳି ଭାବେ ଗୃହରେ ଡବଲ ଇଞ୍ଜିନ ସରକାର ବିରୋଧରେ ଲଢେଇ କରୁଥିଲେ ସେଭଳି ଲଢ଼େଇ ଆଉ ଦେଖିବାକୁ ମିଳୁନାହିଁ। ଯୋଜନା ଭିତ୍ତିକ ଭାବେ ସରକାରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ରଖିବାକୁ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ତାଗିଦ କରିଥିଲେ ଶୀର୍ଷ ନେତୃତ୍ୱ। ବରିଷ୍ଠତା ଦୃଷ୍ଟିରୁ ବିଧାୟକ ଶ୍ରୀ ବାହିନୀପତି କଂଗ୍ରେସ ବିଧାୟକ ଦଳ ନେତା ପଦ ପାଇଁ ପୂର୍ବରୁ ଦାବିଦାର ଥିଲେ। କିନ୍ତୁ ଏଆଇସିସି ଶୀର୍ଷ ନେତୃତ୍ୱ ଶ୍ରୀ କାଡ଼ାମଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ସେହିଦିନଠାରୁ ବିଧାୟକ ଶ୍ରୀ ବାହିନୀପତି ଦଳରେ ଥାଇ ଅସନ୍ତୁଷ୍ଟ ଥିବା କୁହାଯାଉଛି। ରାଜ୍ୟସଭା ନିର୍ବାଚନରେ ମିଳିତ ପ୍ରାର୍ଥୀ ଡା.ଦତ୍ତେଶ୍ୱର ହୋତାଙ୍କୁ ସମର୍ଥନ ଦେବା ନିମନ୍ତେ ଶ୍ରୀ କାଡ଼ାମଙ୍କ ସରକାରୀ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶ୍ରୀ ବାହିନୀପତି ଶ୍ରୀ କାଡ଼ାମଙ୍କ ସରକାରୀ ବାସଭବନକୁ ଯିବାକୁ ଶୀର୍ଷ ନେତୃତ୍ୱଙ୍କୁ ମନା କରି ଦେଇଥିଲେ। ଫଳସ୍ୱରୂପ ପ୍ରଦେଶ କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କୁ ଏକ ଘରୋଇ ହୋଟେଲରେ ବୈଠକ କରିବାକୁ ପଡ଼ିଥିଲା। ବିଧାନସଭା ଭିତରେ କଂଗ୍ରେସ ବିଧାୟକ ଦଳ ନେତା ଏବଂ ଶ୍ରୀ ବାହିନୀପତିଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। କାରଣ ପରସ୍ପର ସହ ଗୃହ ଭିତରେ ଏବଂ ବାହାରେ କଥାବାର୍ତ୍ତା ହେବା ଦେଖାଯାଉ ନାହିଁ। ତେବେ ଗୃହ ଭିତରେ ଏବଂ ବାହାରେ କଂଗ୍ରେସ ବିଧାୟକ ଦଳ ନେତାଙ୍କ ଆଭିମୁଖ୍ୟ ଦେଖି ଦଳର ବରିଷ୍ଠ ଏବଂ କନିଷ୍ଠ ବିଧାୟକମାନେ ଶ୍ରୀ ବାହିନୀପତିଙ୍କୁ କଂଗ୍ରେସ ବିଧାୟକ ଦଳ ନେତା କରିବାକୁ ମନସ୍ଥ କରି ଦିଲ୍ଲୀ ଗସ୍ତ କରିଥିବା ଜଣାପଡ଼ିଛି। ଏହି ବିଷୟରେ ଶ୍ରୀ କାଡ଼ାମଙ୍କୁ ପଚରାଯିବାରୁ ସେ କହିଛନ୍ତି, ବିଧାୟକମାନେ ହୁଏତ ଦିଲ୍ଲୀ ବୁଲିବା ପାଇଁ ଯାଇଥାଇପାରନ୍ତି।

## ଗ୍ୟାସ-ତେଲ-କଣ୍ଡୋମ ଅଭାବ
## ୫୦% ଦର ବୃଦ୍ଧି ଆଶଙ୍କା



ୱାଶିଂଟନ : ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଦେଶରେ କଣ୍ଡୋମ ମୂଲ୍ୟ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ତେଲ ଏବଂ ଗ୍ୟାସ ପରେଏବେ କଣ୍ଡୋମ ଉତ୍ପାଦନରେ ବ୍ୟବହୃତ କଞ୍ଚାମାଲର ଅଭାବ ଦେଖାଦେଇଛି। ପ୍ରମୁଖ କଣ୍ଡୋମ ନିର୍ମାତା , ଏଚଏଲଏଲ ଲାଇଫକେୟାର ମ୍ୟାନ କାଇଣ୍ଡ ଫାର୍ମା ଏବଂ —କୁପଡ ଲିମିଟେଡ୍ ଆମୋନିଆ ଏବଂ ସିଲିକନ ତେଲର ଅଭାବର ସମ୍ମୁଖୀନ ହେଉଛନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ ଇନପୁଟ ଖର୍ଚ୍ଚ ବୃଦ୍ଧି ବଜାରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି, ଏବଂ ମୂଲ୍ୟ ୪୦% ରୁ ୫୦% ବୃଦ୍ଧି ପାଇପାରେ। ଭାରତର କଣ୍ଡୋମ ବଜାରର ମୂଲ୍ୟ ପ୍ରାୟ ୧.୭ ବିଲିୟନ ଡଲାର (ପ୍ରାୟ ୧୪,୦୦୦ କୋଟି)। କଣ୍ଡୋମ ଉତ୍ପାଦନ ପାଇଁ ଆବଶ୍ୟକ 'ଏନହାଇଡ୍ରସ୍ ଆମୋନିଆ'ର ୮୬% ପାଇଁ ଭାରତ ଆମଦାନୀ ଉପରେ ନିର୍ଭର କରେ। ଏହା ମୁଖ୍ୟତଃ ସାଉଦି ଆରବ, କତାର ଏବଂ ଓମାନ ଭଳି ଉପସାଗରୀୟ ରାଷ୍ଟ୍ରଗୁଡ଼ିକରୁ ଆସେ। ସଂଘର୍ଷ ଯୋଗୁ ହର୍ମୁଜ ପ୍ରଣାଳୀ ଦେଇ ପରିବହନ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଯୋଗାଣ ବନ୍ଦ ହୋଇଯାଇଛି। ଆମୋନିଆ ଲେଟେକ୍ସକୁ ଏହାର ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ। ଏହା ବିନା କଣ୍ଡୋମ ଉତ୍ପାଦନ ଯନ୍ତ୍ରପାତି ଦ୍ୱାରା କଞ୍ଚାମାଲ ପ୍ରକ୍ରିୟାକରଣ କରାଯାଇପାରିବ ନାହିଁ। ସିଲିକନ ତେଲ, ଯାହା କଣ୍ଡୋମ ଉତ୍ପାଦନରେ ଲୁବ୍ରିକାଣ୍ଟ ଭାବରେ ବ୍ୟବହୃତ ହୁଏ। ମଧ୍ୟ ବୃଦ୍ଧି ପାଇଛି। ମୁଖ୍ୟତଃ ଚାଇନାରୁ ଉତ୍ସ ହୋଇଥିବା ବେଳେ, ଏହାର ଯୋଗାଣ ରିଫାଇନାରୀ ପ୍ରକ୍ରିୟା ଏବଂ ବିଶ୍ୱ ଲଜିଷ୍ଟିକ୍ସ ସହିତ ଜଡ଼ିତ। ଏହା ଅନିଚ୍ଛାକୃତ ଗର୍ଭଧାରଣ, ମାତୃ ମୃତ୍ୟୁ ହାର ଏବଂ ଶିଶୁ ମୃତ୍ୟୁ ହାର ଉପରେ ସିଧାସଳଖ ପ୍ରଭାବ ପକାଇବ। ଏହା ସହିତ ଯୌନ ସଂକ୍ରମିତ ସଂକ୍ରମଣ ମାମଲା ମଧ୍ୟ ବୃଦ୍ଧି ପାଇପାରେ। ଭାରତ ସରକାର ୨୦୩୦ ସୁଦ୍ଧା ଆଧୁନିକ ଗର୍ଭନିରୋଧକ ପଦ୍ଧତିର ଚାହିଦାର ୭୫% ପୂରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି; କିନ୍ତୁ, ଏହି ଅଭାବ ଜାତୀୟ ପରିବାର ଯୋଜନା କାର୍ଯ୍ୟକ୍ରମର ଲକ୍ଷ୍ୟକୁ ବାଧା ଦେଇପାରେ।

## ମଧ୍ୟରାତ୍ର ପରେ ୧୭ ଲକ୍ଷ ଭୋଟିଂ
## ଆସିଲା ସାଂଘାତିକ ଅଭିଯୋଗ

ଆନ୍ଧ୍ର ପ୍ରଦେଶ, ୦୪/୦୪: ମଧ୍ୟରାତ୍ର ପରେ ପ୍ରାୟ ୧୭ ଲକ୍ଷ ଭୋଟିଂ। ୬ ସେକେଣ୍ଡରେ ଦିଆଯାଇଥିଲା ଗୋଟିଏ ଲେଖାଏ ଭୋଟ। ୨୦୨୪ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଏପରି ଢଙ୍ଗରେ ଭୋଟିଂ ହୋଇଥିବା ଅଭିଯୋଗ ହୋଇଛି। ୨୦୨୪ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡ଼ିପି ନେତୃତ୍ୱାଧୀନ ଏନ୍‌ଡିଏ ୧୭୫ ଆସନରୁ ୧୬୪ଟି ଜିତିଥିଲା। ହେଲେ ଏବେ ଆନ୍ଧ୍ର ପ୍ରଦେଶର ଭୋଟିଂ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି। ଅର୍ଥନୀତିଜ୍ଞ ପାରାକାଲା ପ୍ରଭାକରଙ୍କ ସମେତ ଏକାଧିକ ସାମାଜିକ କର୍ମୀ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଭୋଟିଂ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଭାକର ଦାବି କରିଛନ୍ତି ଯେ ଆନ୍ଧ୍ରର ୩୫୦୦ ବୁଥରେ ରାତି ୨ଟା ଯାଏ ଭୋଟିଂ ଚାଲିଥିଲା। ତାଙ୍କ କହିବା କଥା ସାମ୍ନାକୁ ଆସିଥିବା ତଥ୍ୟ ଗୋଟିଏ ସାଂଘାତିକ ଘଟଣାର ପର୍ଦ୍ଦାଫାସ କରିଛି। ତଥ୍ୟ ଅନୁସାରେ, ରାତି ୧୧.୪୫ରୁ ଭୋର ୨ଟା ମଧ୍ୟରେ ମୋଟ ଭୋଟର ୪.୧୬% ଭୋଟିଂ ହୋଇଥିଲା। ରାତି ୮ଟାରୁ ଭୋର ୨ଟା ମଧ୍ୟରେ ପ୍ରାୟ ୫୨ ଲକ୍ଷ ଭୋଟ ରେକର୍ଡ କରାଯାଇଥିଲା। ସେହିପରି କେବଳ ମଧ୍ୟରାତ୍ର ପରେ ପ୍ରାୟ ୧୭ ଲକ୍ଷ ଭୋଟିଂ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମଧ୍ୟରାତ୍ର ପରେ ପ୍ରତି ୨୦ ସେକେଣ୍ଡ ଭିତରେ ଗୋଟିଏ ଭୋଟିଂ ହୋଇଥିଲା। ପ୍ରଭାକର କହିଛନ୍ତି, "ରିସେଟ ପାଇଁ ଯଦି ଇଭିଏମ ୧୪ ସେକେଣ୍ଡ ସମୟ ନେଇଥାଏ, ତା'ହେଲେ ଭୋଟ କେମିତି ୬ ସେକେଣ୍ଡ ମଧ୍ୟରେ ରେକର୍ଡ ହେଉଥିଲା? ଏହି ସ୍ୱଳ୍ପ ସମୟ ମଧ୍ୟରେ ଜଣେ ଭୋଟର ବୁଥ ଭିତରୁ ଯାଇ ଭୋଟିଂ କରି ବାହାରି ପାରିବ କି? ରାତି ୮ଟା ପରେ କିଛି ଅସ୍ୱାଭାବିକ ଘଟଣା ଘଟିଛି।" ୨୦୨୪ ବିଧାନସଭା ନିର୍ବାଚନ ପରେ ଚନ୍ଦ୍ରବା ନାଇଡୁ ୪ର୍ଥ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଟିଡ଼ିପି ସର୍ବାଧିକ ୧୩୫ଟି ଆସନ ଜିତିଥିବା ବେଳେ ବିଜେପି ୮ଟି ଓ ପବନ କଲ୍ୟାଣଙ୍କ ଜନ ସେନା ୨୧ଟି ଆସନ ପାଇଥିଲା। ଭାରତ ଯୋଡ଼ ଅଭିଯାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅର୍ଥନୀତିଜ୍ଞ ପ୍ରଭାକରଙ୍କ ସମେତ ଯୋଗେନ୍ଦ୍ର ଯାଦବ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଭାରତ ଯୋଡ଼ ଅଭିଯାନର ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ମଧ୍ୟ ବିଭିନ୍ନ ବିରୋଧୀ ଦଳ ଓ ବିଶେଷଜ୍ଞମାନେ ମଧ୍ୟ ଆନ୍ଧ୍ର ପ୍ରଦେଶର ଭୋଟିଂ ପ୍ରତିଶତକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ।

## ଯୁଦ୍ଧ ଭିତରେ ଆସିଲା ଭଲ ଖବର
## ୭ ବର୍ଷ ପରେ ଭାରତକୁ ଆସୁଛି ଇରାନ ତେଲ



ନୂଆଦିଲ୍ଲୀ, ୦୪/୦୪: ବିଦେଶୀ ପତାକା ଲାଗିଥିବା ଜାହାଜଟି ପ୍ରାୟ ୬ ଲକ୍ଷ ବାରେଲ ଇରାନୀୟ ଅଶୋଧିତ ତୈଳ ନେଇ ଏପ୍ରିଲ ୪ ସୁଦ୍ଧା ଗୁଜରାଟର ଦୀନଦୟାଲ ବନ୍ଦରର ବଦିନାରରେ ଲଗାଇବ ବୋଲି ଆଶା କରାଯାଉଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ମଧ୍ୟରେ ଭାରତ ଆସିଛି ବଡ଼ ଓ ଭଲ ଖବର। ଦୀର୍ଘ ୭ ବର୍ଷ ପରେ ଭାରତ ପାଇବାକୁ ଯାଉଛି ଇରାନର ଅଶୋଧିତ ତୈଳ। ଆମେରିକାର କଟକଣା ଯୋଗୁ ଭାରତୀୟ କମ୍ପାନୀ ଗୁଡ଼ିକ ୨୦୧୯ରୁ ଇରାନରୁ ଅଶୋଧିତ ତୈଳ ଆମଦାନୀ କରିପାରୁ ନଥିଲେ। ଏବେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ସହ ଯୁଦ୍ଧ କରୁଛନ୍ତି। କିନ୍ତୁ ଏହାରି ଭିତରେ ଇରାନରୁ ପ୍ରାୟ ୬ ଲକ୍ଷ ବାରେଲର ଅଶୋଧିତ ତୈଳ ଧରି ଗୋଟିଏ ଜାହାଜ ଭାରତ ଅଭିମୁଖେ ଆସୁଛି। ବିଦେଶୀ ପତାକା ଲାଗିଥିବା ଜାହାଜଟି ପ୍ରାୟ ୬ ଲକ୍ଷ ବାରେଲ ଇରାନୀୟ ଅଶୋଧିତ ତୈଳ ନେଇ ଏପ୍ରିଲ ୪ ସୁଦ୍ଧା ଗୁଜରାଟର ଦୀନଦୟାଲ ବନ୍ଦରର ବଦିନାରରେ ଲଗାଇବ ବୋଲି ଆଶା କରାଯାଉଛି। ୨୦୧୯ରେ ଆମେରିକା କଟକଣା ଯୋଗୁ ଭାରତ ଅଶୋଧିତ ତୈଳ ଇରାନ ଠାରୁ ଆମଦାନୀ ବନ୍ଦ କରିଦେଇଥିଲା। ଏବେ ୭ ବର୍ଷ ପୁଣି ଭାରତ ସିଧା ଇରାନ ତୈଳ ପାଇବାକୁ ଯାଉଛି। କେପଲର୍ସର ମେରାଇନ ଟ୍ରାଫିକ ରିଅଲ୍-ଟାଇମ୍ ତଥ୍ୟ ଅନୁଯାୟୀ, ଇସ୍ୱାତିନୀ ପତାକା ଲାଗିଥିବା ଅଶୋଧିତ ତୈଳ ବୋଝେଇ ଟ୍ୟାଙ୍କର 'ପିଙ୍ଗ୍ ଶୁନ୍' ଭାରତ ଆଡ଼କୁ ଆସୁଛି। ଏହା ଭାରତର ଶକ୍ତି ଯୋଗାଣ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରି ଦେଇଛି। ଏଥିଯୋଗୁ ଭାରତରେ ଠିକ ଭାବେ ତୈଳ ଓ ଗ୍ୟାସ ପହଞ୍ଚି ପାରୁନି। ଏପରି ଏକ ସ୍ଥିତିରେ ଭାରତକୁ ଇରାନରୁ ତୈଳ ଆସିବା ବେଶ ଗୁରୁତ୍ୱପୂର୍ଣ୍ଣ। ମିଳିଥିବା ସୂଚନା ଅନୁସାରେ, ୬ ଲକ୍ଷ ବାରେଲ ଅଶୋଧିତ ତୈଳ ଧରି ପିଙ୍ଗ ଶୁନ ଜାହାଜ ଇରାନର ଖାର୍ଗ ଦ୍ୱୀପରୁ ଯାତ୍ରା ଆରମ୍ଭ କରିଥିଲା। ଏହା ବଦିନାର ଅଭିମୁଖେ ଆସୁଛି। ଯଦିଓ ଏହି ତେଲର କ୍ରେତାଙ୍କ ନାଁ ଜଣାପଡ଼ିନି, କିନ୍ତୁ ବଦିନାରରେ ରୁଷ ସମର୍ଥିତ ନାୟାରେ ଏନର୍ଜୀ ଦ୍ୱାରା ପରିଚାଳିତ ଗୋଟିଏ ସର୍ବବୃହତ୍ତ ରିଫାଇନାରୀ ରହିଛି। ଏଠାରୁ ଅଶୋଧିତ ତୈଳ ମଧ୍ୟପ୍ରଦେଶର ବିଣାକୁ ଯାଇଥାଏ। ସେଠାରେ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃର ଗୋଟିଏ ରିଫାନାରୀ କାର୍ଯ୍ୟ କରୁଛି। ଭେସେଲ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଛି ଯେ ଇରାନରୁ ଆସୁଥିବା ଜାହାଜର ଗୁଜରାଟକୁ ଆସୁଛି। କିନ୍ତୁ ଏହା ବଦଳି ମଧ୍ୟପାରେ। କଟକଣା ଲାଗିଥିବା ଦେଶରୁ ଆସୁଥିବା ଜାହାଜ ନିଜକୁ ରକ୍ଷା କରିବା ପାଇଁ ନିଜ ଲକ୍ଷ୍ୟ ସ୍ଥଳ ବଦଳାଇବାର ନଜିର ରହିଛି। ତଥାପି ପିଙ୍ଗ ଶୁନ ଗୁଜରାଟ ବନ୍ଦରରେ ଲାଗିବାର ଯଥେଷ୍ଟ ସମ୍ଭାବନା ରହିଛି।

## ପ୍ରିପେଡ୍ ମିଟର ବାଧ୍ୟତାମୂଳକ ନୁହେଁ : କେନ୍ଦ୍ର




ନୂଆଦିଲ୍ଲୀ, ୦୪/୦୪: ବିଦ୍ୟୁତ୍ ଗ୍ରାହକମାନଙ୍କ ପାଇଁ ପ୍ରିପେଡ୍ ମିଟର୍ ଲଗାଇବା ବାଧ୍ୟତାମୂଳକ କରାଯାଇନାହିଁ। ଲୋକସଭାରେ ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟର ଏହି ସୂଚନା ଦେଇଛନ୍ତି। କିଛି ଘରୋଇ କମ୍ପାନି ପ୍ରିପେଡ୍ ବିଦ୍ୟୁତ୍ ମିଟର ଲଗାଇବା ଉପରେ ଜୋର ଦେଉଛନ୍ତି। ସରକାର ମଧ୍ୟ ସମାନ ଢଙ୍ଗରେ ବିଦ୍ୟୁତ୍ ଗ୍ରାହକଙ୍କୁ ସେଭଳି ମିଟର ଲଗାଇବାକୁ ବାଧ୍ୟ କରୁଛନ୍ତି ବୋଲି ହେଉଥିବା ଅଭିଯୋଗକୁ ସେ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଗରିବ ଚାଷୀମାନଙ୍କ ସମ୍ପର୍କରେ ସେ କହିଛନ୍ତି ଯେ ସେମାନଙ୍କ ପାଇଁ ନମନୀୟ ରିଚାର୍ଜ ସୁବିଧା ରହିଛି। ଚାଷୀମାନେ ପାଞ୍ଚ ଦିନିଆ, ୧୦ ଦିନିଆ ରିଚାର୍ଜ କରିପାରିବେ। ତେବେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ବିଦ୍ୟୁତ୍ ବିଲ୍ ପଇଠ କରୁନଥିବା ଅଭ୍ୟାସଗତ ଠକମାନଙ୍କୁ ସାବାଡ଼ କରିବା ଲାଗି ସେମାନଙ୍କୁ ପ୍ରିପେଡ୍ ମିଟର ଲଗାଇବାକୁ କୁହାଯାଉଛି। ଏହା ଦ୍ୱାରା ବିଦ୍ୟୁତ୍ ବିଲ୍‌ରେ ଖିଲାପ ହ୍ରାସ ହୋଇପାରିବ ବୋଲି ସରକାର ଭାବୁଛନ୍ତି। ସେ ଏହା ମଧ୍ୟ ଜଣାଇଛନ୍ତି ଯେ ବିଦ୍ୟୁତ୍ ବିପଣନ କମ୍ପାନିଗୁଡ଼ିକ ବ୍ୟବସାୟ କରୁଛନ୍ତି। ବ୍ୟବସାୟ ଜାରି ରଖିବା ପାଇଁ ସେମାନଙ୍କୁ ରାଜସ୍ୱ ଦରକାର।

## ରାଷ୍ଟ୍ରପତିଙ୍କୁ ବେଖାତିର : ଆଇଆରଜିସି ହାତରେ ଏବେ ଇରାନର ଶାସନ ଡୋରି



ନୂଆଦିଲ୍ଲୀ, ୦୪/୦୪: ବର୍ତ୍ତମାନ ଇରାନର ଶକ୍ତିଶାଳୀ ଇସ୍‌ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ ବା ଆଇଆରଜିସି ସବୁ କିଛି ନିୟନ୍ତ୍ରଣ କରୁଛି। ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ସହିତ ଆଇଆରଜିସିର ମତଭେଦ ଲାଗି ରହିଥିଲା। ଇରାନ ସହ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଉଦ୍ୟମ ଚାଲିଥିବା ଆମେରିକା ରାଷ୍ଟ୍ରପତି ଚଳିତ ସପ୍ତାହରେ କହିଥିଲେ। ତାଙ୍କ କହିବା କଥା ଇରାନର ଅଧିକ ଦାୟିତ୍ୱବାନ ନେତାମାନଙ୍କ ସହ ଆଲୋଚନା ହେଉଛି। କିନ୍ତୁ ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଏହାପରେ ଇରାନକୁ କିଏ ନିୟନ୍ତ୍ରଣରେ ରଖିଛି, ତା'କୁ ନେଇ ପ୍ରଶ୍ନ ଉଠିବାରେ ଲାଗିଥିଲା।

ଏସବୁ ଭିତରେ ରିପୋର୍ଟ ମିଳିଛି ଯେ ବର୍ତ୍ତମାନ ଇରାନର ଶକ୍ତିଶାଳୀ ଇସ୍‌ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ ବା ଆଇଆରଜିସି ସବୁ କିଛି ନିୟନ୍ତ୍ରଣ କରୁଛି। ଇରାନର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ସହିତ ଆଇଆରଜିସିର ମତଭେଦ ଲାଗି ରହିଥିଲା। ଏହାପରେ ଆଇଆରଜିସି ରାଷ୍ଟ୍ରପତିଙ୍କୁ ସାଇଡ୍ କରି ଇରାନର ଶାସନ ଭାର ନିଜ ହାତକୁ ନେଇଛି। ପେଜେସ୍କିଆନ ଜଣେ ମଧ୍ୟମଧରଣର ନେତା। ଏବେ ତାଙ୍କୁ ଏବେ ରାଜନୀତିକ ନିଷ୍ପତ୍ତି ନେବାରୁ ସଂପୂର୍ଣ୍ଣ ଦୂରେଇ ଦିଆଯାଇଛି। ଆମେରିକା ଆକ୍ରମଣ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ନେତୃତ୍ୱ ନେଉଥିବା ଆଇଆରଜିସି ଏବେ ଦେଶର ମୁଖ୍ୟ କାର୍ଯ୍ୟଗୁଡ଼ିକର ନିୟନ୍ତ୍ରଣ ନିଜ ହାତକୁ ନେଇଥିବା ଗୋଟିଏ ସୂତ୍ରରୁ ସ୍ପଷ୍ଟ ହୋଇଛି।

ମୋଜତବା ଖାମେନେଇ କେଉଁଠି ଅଛନ୍ତି? ଆଇଆରଜିସିର ଶାସନ ନିୟନ୍ତ୍ରଣ କରିବାର କାରଣ ହେଉଛି ଇରାନରେ ଜଣେ ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତି। ଯୁଦ୍ଧର ପ୍ରଥମ ଦିନରେ ଇରାନର ସୁପ୍ରିମ ଲିଡର ଆୟତୋଲ୍ଲା ଅଲୀ ଖାମେନେଇ ଓ ଉଚ୍ଚ ନେତୃବୃନ୍ଦ ନିହତ ହୋଇଥିଲେ। ଯୁଦ୍ଧ ଆରମ୍ଭ ହେବାର କିଛି ଦିନ ପରେ ଅଏ ଖାମେନେଇଙ୍କ ପୁଅ ମୋଜତବାଙ୍କୁ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଏଯାଏ ମୋଜତବାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିନି। ସର୍ବୋଚ୍ଚ ନେତାଙ୍କ ବାର୍ତ୍ତା କେବଳ ଲାଇଭ୍ ଟିଭିରେ ପଢ଼ି ଶୁଣାଯାଉଛି। ମୋଜତବା ବାସ୍ତବରେ ଜୀବିତ ନଥିବା କଥା ମଧ୍ୟ କୁହାଯାଉଛି। ତାଙ୍କ ଅନୁପସ୍ଥିତି ଗୋଟିଏ ରାଜନୀତିକ ଶୂନ୍ୟତା ସୃଷ୍ଟି କରିଛି। ଯୁଦ୍ଧ ବେଳେ ନିୟମିତ ସେନାଠାରୁ ଅଧିକ କ୍ଷମତା ଓ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛି ଆଇଆରଜିସି। ତେଣୁ ଶୀର୍ଷ ନେତୃତ୍ୱଙ୍କ ଅନୁପସ୍ଥିତି ଯୋଗୁ ଆଇଆରଜିସି ଇରାନର ଶାସନ ନିୟନ୍ତ୍ରଣକୁ ନିଜ ହାତକୁ ନେଇ ଯାଇଛି। ରିପୋର୍ଟ ଅନୁସାରେ, ଆଇଆରଜିସିର ଉଚ୍ଚ ପାହ୍ୟାର ଅଧିକାରୀଙ୍କୁ ନେଇ ଗଠିତ ସାମରିକ ପରିଷଦ ଏବେ ଇରାନର ଦୈନନ୍ଦିନ ନିଷ୍ପତ୍ତି ନେଉଛି। ବାସ୍ତବରେ ଆଇଆରଜିସି ପକ୍ଷରୁ ମୋଜତବାଙ୍କ ଚାରିପାଖରେ ଏକ କଠୋର ସୁରକ୍ଷା ବଳୟ ସ୍ଥାପନ କରିଛି। ଦେଶର ସ୍ଥିତି ସମ୍ପର୍କରେ ସରକାରୀ ରିପୋର୍ଟ ତାଙ୍କ ପାଖରେ ପହଞ୍ଚି ପାରୁନି। ରାଷ୍ଟ୍ରପତି ଓ ଅନ୍ୟ ରାଜନୀତିକ ନେତୃବୃନ୍ଦ ତାଙ୍କୁ ସ୍ଥିତି ସମ୍ପର୍କରେ ଜଣାଇବାକୁ ଚାହୁଁଥିଲେ ହେଁ ଏହାକୁ ଆଇଆରଜିସି ଅଟକାଇ ଦେଉଛି।

ଇରାନ ରାଷ୍ଟ୍ରପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଆଇଆରଜିସିର ନେତୃବୃନ୍ଦ ତାଙ୍କୁ ସର୍ବୋଚ୍ଚ ନେତା ମୋଜତବାଙ୍କୁ ଦେଖା କରିବାକୁ ଛାଡୁ ନାହାନ୍ତି। ରାଜନୀତିକ ନେତୃତ୍ୱ ଓ ମୋଜତବାଙ୍କ ମଧ୍ୟରେ ଯୋଗାଯୋଗ ହୋଇପାରୁନି। ଏହାବାଦ ରାଷ୍ଟ୍ରପତିଙ୍କ ନେଇଥିବା ନିଷ୍ପତ୍ତି ଗୁଡ଼ିକ ଉପରେ ମଧ୍ୟ ଆଇଆରଜିସି ରୋକ ଲଗାଇ ଦେଇଛି। ଗତ ସପ୍ତାହରେ ପେଜେସ୍କିଆନ ଦେଶର ଗୁଇନ୍ଦା ମନ୍ତ୍ରୀ ଭାବେ ହୁସେନ ଦେହଗାନଙ୍କୁ ନିଯୁକ୍ତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଆଇଆରଜିସିର ମୁଖ୍ୟ କମାଣ୍ଡର ଅହମଦ ଭାହିଦୀଙ୍କ ଯୋଗୁ ଏହା ସମ୍ଭବ ହୋଇପାରି ନଥିଲା। ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଇଆରଜିସିର ମୁଖ୍ୟ କମାଣ୍ଡର ମହମ୍ମଦ ପାକପୁର ନିହତ ହେବା ପରେ ଭାହିଦୀ ଏହି ଶକ୍ତିଶାଳୀ ବାହିନୀର ନିୟନ୍ତ୍ରଣ ନିଜ ହାତକୁ ନେଇଛନ୍ତି। ଏଥିସହ ଯୁଦ୍ଧ ସମୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପଦବୀଗୁଡ଼ିକର ନିଯୁକ୍ତି ନିଷ୍ପତ୍ତି ସିଧାସଳଖ ଆଇଆରଜିସି ନେବ ବୋଲି ଭାହିଦୀ କହିଛନ୍ତି।

## ବାପା ମୁଣ୍ଡରେ ବନ୍ଧୁକ ପୁଅ ଲୁଟିନେଲା ୧୦ ଲକ୍ଷ

ନୂଆଦିଲ୍ଲୀ, ୦୪/୦୪: ପୁଅ ଜନ୍ମ କରିଥିଲା ବାପା। ମନରେ ଅନେକ ଆଶା ଥିଲା। ପୁଅ ବଡ ହେବ । ବାପାର ନାଁ ରଖିବ । ପୁଅର ପରିଚୟରେ ବାପା ପରିଚିତ ହେବ। କିନ୍ତୁ ପୁଅ ସିନା ପରିଚୟ ପାଇଲା ହେଲେ ତାହା ସୁନାମ ନୁହେଁ ଦୁର୍ନାମରେ। ବାପାର ମୁଣ୍ଡ ତଳକୁ ହୋଇଗଲା । ସତ ଜଣିବା ପରେ ପାଦ ତଳୁ ମାଟି ଖସିଗଲା । ଦିଲ୍ଲୀରେ ଘଟିଛି ଭୟଙ୍କର ଘଟଣା । ଗିରଫ ହୋଇଛନ୍ତି ୨୧ ବର୍ଷୀୟ ଯୁବକ । ତାହା ପୁଣି ଚୋରି ମାମଲାରେ । ଅନ୍ୟ କେଉଁଠି ନୁହେଁ ବରଂ ନିଜ ଘରୁ ଗନ୍ ପଏଣ୍ଟ୍ ବା ବନ୍ଧୁକ ମୁନରେ ଚୋରି କରିଛନ୍ତି ଯୁବକ । ହଜାର କି ଦୁଇ ହଜାର ନୁହେଁ ପୁରା ୧୦ ଲକ୍ଷ ଟଙ୍କା। ଯାହାର ରହସ୍ୟ ଖୋଲିଛି ପୋଲିସ । ପୋଲିସର କହିବାନୁସାରେ, ଗିରଫ ହୋଇଥିବା ଯୁବକ ହେଲେ ତବଲିନ୍। ସେ ଏକ ବନ୍ଧୁକ ଏବଂ ଦୁଇ ସହଯୋଗୀଙ୍କ ସହ ମିଶି ନିଜ ଘରେ ପ୍ରବେଶ କରିଥିଲେ । ସମସ୍ତେ ମୁହଁରେ ମୁଖା ପିନ୍ଧିଥିଲେ । ଏହି ସମୟରେ ଘରେ ଥିଲେ ତବଲିନଙ୍କ ବୁଢ଼ା ବାପା। ମୁଖା ପିନ୍ଧିଥିବାରୁ ସେ ପୁଅକି ଚିହ୍ନି ପାରିନଥିଲେ । ପୁଅ ଏବଂ ସହଯୋଗୀ ଘରେ କଳାକନା ବୁଲାଇଥିଲେ । ବ୍ଲାଙ୍କ୍ ଫାୟାରିଂ ମଧ୍ୟ କରିଥିଲେ ।

ସମ୍ପାଦକୀୟ

# ଆଜିର ଭସ୍ମାସୁର

ଭସ୍ମାସୁର ଗପ ଆମେ ସମସ୍ତେ ପଢ଼ିଛନ୍ତି ପିଲାବେଳେ କିମ୍ବା ଶୁଣିଛନ୍ତି ଗୁରୁଜନଙ୍କ ପାଖରୁ। ଭାରତୀୟ ପୁରାଣ ସାହିତ୍ୟରେ ଥିବା ରାଶି ରାଶି ଗଳ୍ପରାଜି ଭିତରୁ ଏହା ଏକ ପ୍ରତୀକାତ୍ମକ ପ୍ରସଙ୍ଗ। ଜଣେ ଅସୁର ବହୁ ସାଧନା କରି ଶିବଙ୍କଠାରୁ ଗୋଟିଏ ବର ପାଇଥିଲା, ବରଟି ଥିଲା ଏମିତି ଯେ, ଅସୁର ଯେକୌଣସି ବ୍ୟକ୍ତିର ମୁଣ୍ଡକୁ ଛୁଇଁ ଦେବା ମାତ୍ରେ ତା'ର ମୁଣ୍ଡ ପାଉଁଶରେ ପରିଣତ ହୋଇଯାଉଥିଲା। ଏହି ବର ପାଇବା ପରେ ସଂପୃକ୍ତ ଅସୁରଟି ତା'ର ଶତ୍ରୁମାନଙ୍କୁ ବିନାଶ କରିବାର ସହଜସାଧ୍ୟ ଉପାୟଟିଏ ପାଇଗଲା, କ୍ରମେ ତା'ର ଗୋଟିଏ ନାଁ ହୋଇଗଲା ଭସ୍ମାସୁର । ତା'ର ଅହଂକାର ଏତେ ବଢ଼ିଗଲା ଯେ, ସେ ଚାହିଁଲା ସେହି ବରକୁ ବରଦାତା ଶିବଙ୍କ ଉପରେ ପ୍ରୟୋଗ କରିବ। ଶିବ ଏହା ଜାଣିପାରିଲେ, ସେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ।

ବିଷ୍ଣୁ କାଳବିଳମ୍ବ ନ କରି ନିଜକୁ ଜଣେ ସୁନ୍ଦରୀ ନୃତ୍ୟାଙ୍ଗନା ଭାବରେ ରୂପ ବଦଳେଇ ଦେଲେ ଏବଂ ଭସ୍ମାସରକୁ କହିଲେ ସେ ଯଦି ନୃତ୍ୟରେ ତାଙ୍କୁ ପରାଜିତ କରିପାରିବେ ତା'ହେଲେ ତାଙ୍କର ପାଣିଗ୍ରହଣ କରିବାକୁ ସେ ରାଜି। ଭସ୍ମାସୁର ଭାବିଲା ସେ ବି ନୃତ୍ୟରେ ସେଇ ନର୍ତ୍ତକୀକୁ ପରାସ୍ତ କରିପାରିବ। ତେଣୁ ସେ ନୃତ୍ୟ ପଟ୍ଟିୟସୀକୁ ଅନୁକରଣ କରି ନାଚିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ସେହି ନର୍ତ୍ତକୀ (ମୋହିନୀ : ବିଷ୍ଣୁଙ୍କ ପ୍ରତିରୂପୀ) ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ। ଏହି ଆତ୍ମ ପ୍ରଶଂସାରେ ଖୁସି ଥିବା ବେଳେ ମୋହିନୀ ନିଜ ମୁଣ୍ଡକୁ ଛୁଇଁ ଦେବାରୁ ଭସ୍ମାସୁର ଅନୁରୂପ ଅଭିନୟ କରିବାକୁ ଆଗେଇ ଆସିଲେ ଏବଂ କିଛି ବୁଝିବା ପୂର୍ବରୁ ଭସ୍ମାସୁର ନିଜେ ଭସ୍ମ ହୋଇ ସାରିଥିଲା। ପୁରାଣର ଏଇ କଥାବସ୍ତୁକୁ ପୁନର୍ବାର ଅଧ୍ୟୟନ କଲା ପରେ ଆଉ କ'ଣ ବୁଝିବାକୁ ବାକି ରହିବ ଯେ, ଅନ୍ୟ କେହି ମଣିଷ ଛଡ଼ା ଭସ୍ମାସୁରର ଅଭିନୟ କରିପାରିବ ? ଏହା କୌଣସି ନାଟକର ଅଭିନୟ ନୁହେଁ ଏହା ହେଉଛି ସତସତିକା ଅଭିନୟ, ଯାହା ମଣିଷ କରି ଚାଲିଛି।

ଯେଉଁ ବରଦାନ ପାଇ ନିଜକୁ କ୍ଷମତାଶାଳୀ ବୋଲି ଭାବୁଛି ସେ ସବୁ ପ୍ରକୃତିରୁ ନୁହେଁ କି ? ସେ ଖାଦ୍ୟ ହେଉ ବା ପାନୀୟ, ହେଉ ସେ ବସ୍ତ୍ର ଅଥବା ବାସଗୃହ – ସବୁକିଛି ସେ ପାଉଛି ସେଇ ପ୍ରକୃତିରୁ। ଅଥଚ ପ୍ରକୃତିକୁ କାବୁ କରି ତାକୁ ଧ୍ୱଂସ କରିବାକୁ ଚାହୁଁଛି ପ୍ରତିନିୟତ। ତା'ର ଧାରଣା ହୁଏତ ସେଇ ପୌରାଣିକ ଚରିତ୍ର ଭସ୍ମାସୁରର ଚିନ୍ତାର ଅନୁରୂପ – ସେ ଯଦି ବରଦାତା ଶିବଙ୍କୁ ଧ୍ୱଂସ କରିପାରିବ, ତାହେଲେ ସିନା ସେ ଶିବଙ୍କଠାରୁ ଅଧିକ କ୍ଷମତାଶାଳୀ ବୋଲି ବିବେଚିତ ହେବ । ଏହି କ୍ଷମତା ଆହରଣ ଓ ତା'ର ପ୍ରମାଣ ଭିତରେ ନିମଜ୍ଜମାନ ମଣିଷ ଆଧୁନିକ ଭସ୍ମାସୁର ନୁହେଁ ତ ଆଉ କ'ଣ !

ଆପଣଙ୍କୁ ଅବିଶ୍ୱାସ୍ୟ ଲାଗିଲେ ବି ସତ ଯେ ସଦ୍ୟ ପ୍ରକାଶିତ ୟୁଏନ୍‌ଇପି (ୟୁନାଇଟେଡ ନେସନ୍ସ ଏନଭାଇରନମେଣ୍ଟ ପ୍ରୋଗ୍ରାମ)ରିପୋର୍ଟରେ ଦର୍ଶାଇଛି ଯେ, ସାରା ବିଶ୍ୱରେ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ଏକ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏହାକୁ ଧ୍ୱଂସ କରିବା ପାଇଁ ୩୦ ଡଲାର ଖର୍ଚ୍ଚ କରାଯାଉଛି। ଅର୍ଥାତ୍ ଧ୍ୱଂସ ପାଇଁ ଖର୍ଚ୍ଚ ସଂରକ୍ଷଣର ୩୦ଗୁଣ। ମିଳିତ ଜାତିସଂଘର ପର୍ଯ୍ୟାବରଣ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଙ୍ଗର ଆଣ୍ଡରସନ୍‌ଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସାରା ବିଶ୍ୱ ୨୦୨୩ ମସିହାରେ ୭.୩ ଟ୍ରିଲିୟନ ଡଲାର ପର୍ଯ୍ୟାବରଣକୁ କ୍ଷତି କରୁଥିବା ପଦକ୍ଷେପରେ ବିନିଯୋଗ କରିଛି। ତନ୍ମଧ୍ୟରୁ ବ୍ୟକ୍ତିଗତ ଉଦ୍ୟୋଗ ମାଧ୍ୟମରେ ୪.୯ ଟ୍ରିଲିଅନ ଡଲାର ବିନିଯୋଗ ହୋଇଛି ମୁଖ୍ୟତଃ ଶିଳ୍ପ ସ୍ଥାପନରେ, ଇନ୍ଧନ ଖୋଜିବାରେ ବା ଖଣିଖାଦାନରେ। ଏହା ଛଡ଼ା ବିଭିନ୍ନ ଦେଶ ରାଷ୍ଟ୍ରୀୟ ଅର୍ଥ ଖର୍ଚ୍ଚ କରିଛନ୍ତି ପ୍ରାୟ ୨.୪ ଟ୍ରିଲିୟନ ଡଲାର, ଯାହାର ବିନିଯୋଗ ହୋଇଛି ଫସିଲ ଫୁଏଲ ସବ୍‌ସିଡି, କୃଷି, ଜଳ, ଗମନାଗମନ ଏବଂ ନିର୍ମାଣ କାର୍ଯ୍ୟରେ। ଏହି ଅର୍ଥର ତିରିଶ ଭାଗରୁ ଭାଗେ ଖର୍ଚ୍ଚ ହୋଇଛି ପ୍ରକୃତିର ସଂରକ୍ଷଣଜନିତ ବିଭିନ୍ନ କାର୍ଯ୍ୟକ୍ରମରେ। ଆମର କାର୍ଯ୍ୟକ୍ରମ ସୂଚେଇ ଦେଉଛି ଆମେ କେମିତି ଧ୍ୱଂସ ଦିଗରେ ଅଗ୍ରସର ହେଉଛନ୍ତି।

କାହାକୁ ଅଜଣା ନାହିଁ ଯେ, ୨୦୦୦ ମସିହାରେ ସହସ୍ରାବ୍ଦର ବିକାଶ ଲକ୍ଷ୍ୟ ସମ୍ବଳିତ ଏକ ଶପଥ ପତ୍ର ମିଳିତ ଜାତିସଂଘ ତରଫରୁ ଜାରି କରାଯାଇଥିଲା। ଏହାକୁ ସଂକ୍ଷେପରେ ଏମ୍‌ଡିଜି (ମିଲେନିୟମ ଡେଭଲପମେଣ୍ଟ ଗୋଲ୍ସ) ବୋଲି କୁହାଯାଉଥିଲା। ସେତେବେଳେ ଆଠଗୋଟି ଲକ୍ଷ୍ୟ ପୂରଣ କରିବାକୁ ସହଯୋଗୀ ରାଷ୍ଟ୍ରମାନେ ଅଙ୍ଗୀକାରବଦ୍ଧ ହୋଇଥିଲେ ଏବଂ ଦୁଇହଜାର ପନ୍ଦର ସୁଦ୍ଧା ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂରଣ ହୋଇ ନ ପାରିବାରୁ ୨୦୧୫ରେ ଏକ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ହାତକୁ ନିଆଗଲା ଯାହା ୨୦୩୦ ସୁଦ୍ଧା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ଏହାକୁ ଏସ୍‌ଡିଜି ବା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ସ ବୋଲି କୁହାଯାଏ। ଏଥିରେ ସତର ଗୋଟି ଲକ୍ଷ୍ୟ ଲିପିବଦ୍ଧ ହୋଇଥିଲା। ସିଧା ସଳଖ ଭାବରେ ପାଞ୍ଚଟି ଏହା ଭିତରୁ ପର୍ଯ୍ୟାବରଣର ବିକାଶ ସହିତ ସଂଯୁକ୍ତ। ମାତ୍ର ପରୋକ୍ଷ ବିଚାରକୁ ଗଣିଲେ ସବୁତକ ପରିବେଶ ସମ୍ପର୍କିତ।

ପରିବେଶ ଅନୁକୂଳ ବିକାଶର ନକ୍ସା ଦିନକୁ ଦିନ ରୁଗ୍‌ଣ ହେବାର ମୁଖ୍ୟ କାରଣ ହେଲା ଯେଉଁ ଦେଶମାନେ ସମୃଦ୍ଧ ତାଲିକାରେ ଅଛନ୍ତି ସେମାନେ ସଂପୃକ୍ତ କାର୍ଯ୍ୟ ପାଇଁ ବ୍ୟୟ ବରାଦ କରିବାକୁ ଅନିଚ୍ଛୁକ। ୨୦୧୫ରେ ପ୍ୟାରିସ୍ ? ବୁଝାମଣା ନାଁରେ ଗୋଟିଏ ନିର୍ଦ୍ଧାରଣ ପତ୍ର ପାରିତ ହୋଇଥିଲା ବିଶ୍ୱର ରାଷ୍ଟ୍ରମାନଙ୍କ ଦ୍ୱାରା। ଏଥିରେ ବିଶ୍ୱତାପନ ପ୍ରଭାବକୁ ନ୍ୟୂନତମ ସ୍ତରକୁ ନେବା ପାଇଁ ବିବିଧ ବ୍ୟବସ୍ଥା ରହିଥିଲା। ୨୦୧୭ ରେ ଆମେରିକାର ସେତେବେଳର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଏଇ ରାଜିନାମାରୁ ଯୁକ୍ତରାଷ୍ଟ୍ର ଓହରିଗଲା ବୋଲି ଘୋଷଣା କଲେ । ତାଙ୍କର ଯୁକ୍ତି ଥିଲା ଏହା ଫଳରେ ଆମେରିକାକୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିବ ଏବଂ ଆମେରିକା ଅର୍ଥନୀତି କ୍ଷତିଗ୍ରସ୍ତ ହେବ। ପରବର୍ତ୍ତୀ ସମୟରେ ପୂର୍ବତନ ରାଷ୍ଟ୍ରପତି ବାଇଡ଼େନ୍ ଏହି ଚୁକ୍ତିକୁ ସମର୍ଥନ କରିଥିଲେ ମଧ୍ୟ ପୁନର୍ବାର ଟ୍ରମ୍ପ ନିର୍ବାଚିତ ହେଲା ପରେ ଏହି ରାଜିନାମାକୁ ଶକ୍ତ ଧକ୍କା ଲାଗିଛି।

ବିକଶିତ ଦେଶର ଲୋକମାନେ ବୋଧହୁଏ ଅନୁଭବ କରିପାରନ୍ତି ନାହିଁ ଯେ, ସେମାନଙ୍କ ଦ୍ୱାରା ପୃଥିବୀର କେତେ ଅଧିକ ଶକ୍ତି ଉପଯୋଗ ହୁଏ। ଆମେରିକାର ପ୍ରତି ପରିବାରରେ ବହୁ ସଂଖ୍ୟକ ଦାମୀ ଗାଡ଼ି ଥାଏ ଏବଂ ସେମାନେ ବହୁ କୋଠରି ବିଶିଷ୍ଟ ଘରେ ବସବାସ କରନ୍ତି । ସେହି ଘରଗୁଡ଼ିକୁ ଉଷୁମ ରଖିବାକୁ ଏବଂ ଗାଡ଼ିଗୁଡ଼ିକୁ ଚଳନକ୍ଷମ କରିବା ପାଇଁ ଯାହା ଖର୍ଚ୍ଚ ହୁଏ ତାହାର ଆକଳନ ସାଧାରଣଠାରୁ ଯଥେଷ୍ଟ ଅଧିକ। ସେମାନଙ୍କର ଉର୍ଜା ବ୍ୟବହାରକୁ ଲକ୍ଷ୍ୟ କଲେ ଅନୁଭବ ହୋଇପାରେ, ପୁରାଣରେ ଆଲୋଚିତ କୁମ୍ଭକର୍ଣ୍ଣ ପରି ଅସୁରଠାରୁ ସେମାନେ ଜଣେ ଜଣେ କମ୍ ନୁହନ୍ତି।

ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରକୃତିର ପରିଧି। ଜଳକୁ ଆମର ଜୀବନ କୁହାଯାଏ । ପାନୀୟ ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ । ମାତ୍ର ବିଶ୍ୱରେ ଯେତିକି ଜଳ ଅଛି ତାହା ମଧ୍ୟରୁ ମାତ୍ର ଏକ ପ୍ରତିଶତ କେବଳ ପାନୀୟ ଜଳ ପାଇଁ ଉପଯୋଗୀ। ଜଳଉତ୍ସଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ଜାଣିପାରନ୍ତି ନାହିଁ କାରଣ ଆମର ଭୁଲ୍ ଧାରଣା ଯେ ଆମର ସାଗର ମହାସାଗରଗୁଡ଼ିକ ଅଛନ୍ତି। ମାତ୍ର ସାଗରର ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରିବା ପାଇଁ ଏତେ ଖର୍ଚ୍ଚ ହେବ ତାହାର କଳନା କରାଯାଇପାରିବ ନାହିଁ।

ଆମର ବାୟୁ ମଣ୍ଡଳ ଏବେ ପ୍ରଦୂଷିତ। ଖାଦ୍ୟ ଶସ୍ୟ ଉପତ୍ପାଦନ ପାଇଁ ଆମେ ମାଟି ଉପରେ ନିର୍ଭରଶୀଳ, ମାତ୍ର ମୃତ୍ତିକାକ୍ଷୟ ବିପଜ୍ଜନକସ୍ତରରେ। ବାୟୁକୁ ଆହୁରି ବିଷାକ୍ତ କରୁଛି ଯୁଦ୍ଧର ବିଭୀଷିକା। ଏସବୁକୁ ଲକ୍ଷ୍ୟ କଲେ ଲାଗିବ ମଣିଷ ଭସ୍ମାସୁର ପାଲଟିଯାଇଛି ଏବଂ ସେ ନିଜକୁ ମାରିବା ପାଇଁ ଯେମିତି ଉତ୍ସାହରେ ଆଗେଇ ଚାଲିଛି। ବିକାଶ ଧାରା ପ୍ରକାରାନ୍ତରେ ପାଲଟିଛି ବିନାଶର ଜୟଯାତ୍ରା। ଏଥିରୁ କ'ଣ ମୁକ୍ତି ମିଳିବ ?



ପ୍ରମୋଦ ସାମନ୍ତରାୟ

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଶ୍ୱ ପାଇଁ ବିପଦ

ଚଳିତ ବର୍ଷ ଫେବୃଆରୀ ୨୮ରୁ ଚାଲିଛି ଇରାନ ବିପକ୍ଷରେ ଯୁଦ୍ଧ। ଆମେରିକା ଓ ଇସ୍ରାଏଲ ଯୋଡ଼ି ଅଚାନକ ଇରାନ୍ ଉପରେ ବୋମାବର୍ଷଣ କରି ଇରାନର ଶୀର୍ଷନେତା ଆୟାତୋଲ୍ଲା ଖାମନେଇ ଓ ତାଙ୍କ ପରିବାର ସହିତ ଅନ୍ୟ ସାମରିକ ନେତାଙ୍କୁ ହତ୍ୟା କରିଛନ୍ତି। କେବଳ ସେତିକି ନୁହେଁ ଇରାନର ଏକ ବାଳିକା ବିଦ୍ୟାଳୟରେ ଆକ୍ରମଣ ଯୋଗୁ ୧୮୦ ଛାତ୍ରୀ ଏବଂ ଶିକ୍ଷକଙ୍କର ମୃତ୍ୟୁ ଘଟିଛି। ଏହି ଆକ୍ରମଣର ପୂର୍ବଦିନ ପର୍ଯ୍ୟନ୍ତ ସୁଇଜରଲାଣ୍ଡର ଜେନେଭାରେ ଇରାନ-ଆମେରିକା ମଧ୍ୟରେ ଆଲୋଚନା ଚାଲିଥିଲା ଏବଂ ଓମାନ ମଧ୍ୟସ୍ଥତା କରୁଥିଲା। ସେତେବେଳ ପର୍ଯ୍ୟନ୍ତ ଇରାନ କିମ୍ବା ଓମାନ ଜାଣି ନ ଥିଲେ ଯେ, ଆଉ କେଇଘଣ୍ଟା ପରେ ଆମେରିକା-ଇସ୍ରାଏଲ ଆକ୍ରମଣ କରିବେ। ଅର୍ଥାତ ଶାନ୍ତି ଆଲୋଚନା ଥିଲା ଏକ ଛଳନା। ଆଲୋଚନାର ପର୍ଦ୍ଦା ପଛରେ ଇସ୍ରାଏଲ ଓ ଆମେରିକା ମଧ୍ୟରେ ଗୁପ୍ତ ମନ୍ତ୍ରଣା ଚାଲିଥିଲା ଇରାନ ଉପରେ କିପରି ଆକ୍ରମଣ କରାଯିବ।

ତାହା ପୂର୍ବରୁ ୨୦୨୫ ଜୁନ୍‌ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ୧୨ ଦିନ ଧରି ଆକ୍ରମଣ କରିଥିଲେ ଏବଂ ଇରାନର ସୁଡ଼ଙ୍ଗ ଭିତରେ ଥିବା ଆଣବିକ ଶକ୍ତିକୁ ବଙ୍କର ବିଧ୍ୱଂଶି ବୋମାମାଡ଼ କରି ଧ୍ୱଂସ ଉଦ୍ୟମ ସହିତ ଇରାନ ସେନାପତିମାନଙ୍କୁ ହତ୍ୟା କରିଥିଲେ। ଏହି ଆକ୍ରମଣ ଯୋଗୁ ଇରାନର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା ଓ ଇରାନରେ ସରକାର ବିରୋଧରେ ଲଗାତର ବିକ୍ଷୋଭ ହୋଇଥିଲା। ଅବଶ୍ୟ ଏହି ଗଣବିକ୍ଷୋଭ ପଛରେ ସି.ଆଇ.ଏ.ର ହାତ ଥିଲା। ଇରାନ ସରକାର ଏହି ବିକ୍ଷୋଭକୁ ଦମନ କରିବାକୁ ଯାଇ ପ୍ରାୟ ତିନି ହଜାର ଲୋକଙ୍କୁ ହତ୍ୟା କରିଥିଲେ। ଆମେରିକା ଆଶା କରିଥିଲା ଯେ, ଇରାନର ଲୋକମାନେ ସରକାରଙ୍କୁ ବିତାଡିତ କରିଦେବେ, ଯେମିତି ବାଂଲାଦେଶ ଓ ନେପାଳରେ ହୋଇଥିଲା। ଆମେରିକା ରାଷ୍ଟ୍ରପତି ବାରମ୍ବାର ଇରାନର ବିକ୍ଷୋଭକାରୀଙ୍କୁ ସରକାରକୁ ଭାଙ୍ଗି ଦେବା ପାଇଁ ଆହ୍ୱାନ ଦେଇଥିଲେ। ହେଲେ ଆମେରିକାର ଏହି ଚକ୍ରାନ୍ତ ସଫଳ ହେଲା ନାହିଁ।

ଅନ୍ୟ ଏକ ଦେଶର ସରକାରକୁ ହଟାଇ, ଶାସନକୁ ବଦଳାଇ ଦେବାର ଧାରା ଆମେରିକା ଜାରି ରଖିଛି। ଇରାକର ରାଷ୍ଟ୍ରପତି ସଦାମ ହୁସେନ, ଲିବିୟାର ରାଷ୍ଟ୍ରପତି ଗଦାଫି, ପାନାମାର ରାଷ୍ଟ୍ରପତି ନରିଏଗା, କଂଗୋର ରାଷ୍ଟ୍ରମୁଖ୍ୟ ପ୍ୟାଟ୍ରିସ ଲୁଲୁମ୍ବା, ଚିଲିର ରାଷ୍ଟ୍ରପତି ସାଲଭୋଦୋର ଆଲେଣ୍ଡେ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମିଲୋସେଭିକ ଓ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇ ପ୍ରମୁଖଙ୍କୁ ଆମେରିକା ହତ୍ୟା କରିଛି ବା ଜେଲରେ ମାରିଛି। ଗତ ଜାନୁଆରୀ ୩ରେ ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ବଳପୂର୍ବକ ଅପହରଣ କରି, ମିଥ୍ୟା ମାମଲାରେ ଜେଲରେ ରଖିଛି। ଆମେରିକା ନିଜକୁ ଏକ ସଭ୍ୟ ଓ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ଡିଣ୍ଡିମ ପିଟୁଛି। ମାତ୍ର ଏହା ବର୍ବରତା ଓ ଅସଭ୍ୟତାର ରାସ୍ତା ଧରିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ (୧୯୪୫) ପୃଥିବୀରେ ଯେଉଁ ବିଶ୍ୱବ୍ୟବସ୍ଥା ଗଢ଼ି ଉଠିଛି, ଆମେରିକା ତାହାକୁ ପରିବର୍ତ୍ତନ କରିବାକୁ ଚାହୁଁଛି। ରାଷ୍ଟ୍ରସଂଘକୁ ଭାଙ୍ଗି ଦେଇ ଆମେରିକା ନେତୃତ୍ୱରେ ଆଉ ଏକ ବିଶ୍ୱସଂସ୍ଥା ଗଢିବାକୁ ଆମେରିକା ଚାହୁଁଛି। ଜର୍ମାନୀର ମ୍ୟୁନିକ ସହରରେ ଅନୁଷ୍ଠିତ 'ନିରାପା ସମ୍ମିଳନୀ' (ଫେବୃଆରୀ ୧୩-୧୫, ୨୦୨୬)ରେ ଆମେରିକାର ସେକ୍ରେଟାରି ଅଫ୍ ଷ୍ଟେଟ୍‌ସ ମାର୍କୋ ରୁବିଓ ଯେଉଁ ଭାଷଣ ଦେଲେ ତାହା ସବୁଠାରୁ ଗମ୍ଭୀର ଓ ବିପଦପୂର୍ଣ୍ଣ। ରୁବିଓ କହିଲେ , କଲମ୍ବସଙ୍କ ଆମେରିକାର ଆବିଷ୍କାର ପରଠାରୁ ୧୪୫୨ରୁ ୧୯୪୫ ପର୍ଯ୍ୟନ୍ତ ପାଞ୍ଚଶହ ବର୍ଷ ଧରି ପାଶ୍ଚାତ୍ୟ ସଭ୍ୟତା ସମଗ୍ର ବିଶ୍ୱକୁ କବଳିତ କରିଥିଲା। ମାତ୍ର ଦା-ହାତୁଡ଼ି ପତାକା ଧରି ଧର୍ମଦ୍ରୋହୀମାନେ ବିପ୍ଳବ କରି, ପୃଥିବୀର ଭାରସାମ୍ୟକୁ ବଦଳାଇବାକୁ ଉଦ୍ୟମ କରୁଛନ୍ତି। ଏହି ପରିସ୍ଥିତିରେ ବିଶ୍ୱରେ ପାଶ୍ଚାତ୍ୟ ସଭ୍ୟତାକୁ ଶକ୍ତିଶାଳୀ କରିବା ପାଇଁ ଆମେରିକା ପଛରେ ୟୁରୋପ ନିଃସର୍ତ୍ତରେ ଠିଆ ହେବା ଦରକାର। ଏହାର ଅର୍ଥ ଆମେରିକା ଓ ପଶ୍ଚିମ ୟୁରୋପ ମିଳିତ ଭାବେ ସମଗ୍ର ବିଶ୍ୱକୁ କବଳିତ କରିବାକୁ ହେବ। ଭେନଜୁଏଲା ଉପରେ ଆକ୍ରମଣ କରିଥିବା ପଟଭୂମିରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଆମେରିକାକୁ ସମର୍ଥନ କରିଛନ୍ତି। ଇରାନ ଉପରେ ଇସ୍ରାଏଲ-ଆମେରିକା ଆକ୍ରମଣ କରିବା ପରେ ପଶ୍ଚିମ ୟୁରୋପ ଓ ଉପସାଗରୀୟ ଆମେରିକାର ବୋଲକରା ଦେଶଗୁଡ଼ିକ ଆମେରିକା ଯୁଦ୍ଧଘାଟି ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିଛନ୍ତି। ଆଉ ଏକ ଘଟଣା ହେଉଛି ଯେ, ୟୁରୋପର ଅଧିକାଂଶ ଦେଶ ଆମେରିକାର ଆକ୍ରମଣ ନୀତିକୁ ଗ୍ରହଣ କରୁନାହାନ୍ତି।

ପଶ୍ଚିମ ଏସିଆ ସୀମା ଡେଇଁ ଏହି ଯୁଦ୍ଧ ଭାରତ ମହାସାଗରକୁ ସମ୍ପ୍ରସାରିତ ହୋଇଛି। ଗତ ଫେବୃଆରୀରେ ଭାରତ ସରକାରଙ୍କ ନିମନ୍ତ୍ରଣ ପାଇ ଇରାନର ଏକ ଯୁଦ୍ଧଜାହାଜ ବିଶାଖାପାଟଣା ବନ୍ଦର ନିକଟରେ ଭାରତ ସହିତ ମିଳିତ ସମରାଭ୍ୟାସ କରି ଫେରୁଥିଲା। ଶ୍ରୀଲଙ୍କା ନିକଟରେ ଏହି ଯୁଦ୍ଧ ଜାହାଜ ଥିବା ଅବସ୍ଥାରେ ଆମେରିକାର ସବମରିନରୁ ମାରଣାସ୍ତ୍ର କ୍ଷେପଣ କରାଯାଇ ତାକୁ ଧ୍ୱଂସ କରଦିଆଗଲା। ଫଳରେ ଶତାଧିକ ନୌବାହିନୀ ଅଫିସର ପ୍ରାଣ ହରାଇଛନ୍ତି। ଶ୍ରୀଲଙ୍କାର ତଟରକ୍ଷୀ ବାହିନୀ ୩୨ ଜଣଙ୍କୁ ଉଦ୍ଧାର କରିଛନ୍ତି। ପରିତାପର ବିଷୟ, ଭାରତ ମହାସାଗରକୁ ଏ ଯୁଦ୍ଧ ପହଞ୍ଚିବା ପରେ ଓ ଭାରତର ନିମନ୍ତ୍ରଣକ୍ରମେ ଆସିଥିବା ଏହି ଯୁଦ୍ଧ ଜାହାଜକୁ ଭାବେ ଧ୍ୱଂସ କରାଯିବା ସତ୍ତ୍ୱେ ଭାରତ ସରକାର ନୀରବ ରହିଛନ୍ତି।

ଇରାନସ୍ଥିତ ହର୍ମୁଜ ଷ୍ଟ୍ରେଟ୍ ଦେଇ ବିଶ୍ୱର ପ୍ରାୟ ୨୦ ଶତାଂଶ ବ୍ୟବସାୟିକ ଜାହାଜ ବିଭିନ୍ନ ଦେଶକୁ ଯାଇଥାଏ। ଇରାନ ଏବେ ହର୍ମୁଜ ଷ୍ଟ୍ରେଟ୍ ଦେଇ ଜାହାଜଗୁଡ଼ିକୁ ଯିବାପାଇଁ ଅନୁମତି ଦେଉନାହିଁ। ରୁଷିଆ, ଚାଇନା ଓ ଭାରତର କିଛି ଜାହାଜକୁ ଅବଶ୍ୟ ଯିବାକୁ ଅନୁମତି ଦିଆଯାଉଛି। ୟୁରୋପର ଜାହାଜ ଅଟକି ଯିବା ଫଳରେ ତେଲ ଓ ଗ୍ୟାସ ସରବରାହ ବନ୍ଦ ହୋଇଯାଇଛି।

ୟୁରୋପିୟାନ ୟୁନିୟନ ତଥା ନାଟୋର ସଦସ୍ୟ ସ୍ପେନ ନିଜ ଦେଶର ବନ୍ଦର ବା ବିମାନ ବନ୍ଦରରୁ କ୍ଷେପଣାସ୍ତ୍ର ପ୍ରୟୋଗ କରି ଇରାନ ଉପରେ ଆକ୍ରମଣ କରିବାକୁ ଅନୁମତି ଦେଉନାହିଁ। ଫଳରେ ସ୍ପେନ ଓ ଆମେରିକାର ସମ୍ପର୍କରେ ଅବନତି ଘଟୁଛି। ଆମେରିକା ଭିତରେ ଏହି ଯୁଦ୍ଧକୁ ବିରୋଧ କରାଯାଉଛି, କାରଣ ଏହି ଯୁଦ୍ଧ ପାଇଁ ଆମେରିକା କଂଗ୍ରେସର ଅନୁମତି ନିଆଯାଇନାହିଁ। ବିଶେଷଜ୍ଞଙ୍କ ମତରେ ଆମେରିକା ଦୀର୍ଘକାଳ ଧରି ଯୁଦ୍ଧ ଚଳାଇବା ସମ୍ଭବ ନୁହେଁ। କାରଣ କ୍ରମଶଃ ବିଶ୍ୱ ଜନମତ ଆମେରିକା ବିରୋଧରେ ଯାଉଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ଶିଶୁ ଓ ମହିଳାଙ୍କୁ ହତ୍ୟା କରିବାର ପାଗଳାମି ଦେଖାଇଛନ୍ତି।

ଇରାନରେ କିଏ ସରକାରରେ ରହିବ, ତାହା ନିଷ୍ପତ୍ତି ନେବ ଆମେରିକା। ୧୯୭୯ରେ ଇସ୍‌ଲାମିକ ବିପ୍ଳବ ସମୟରେ ଇରାନର ଶେଖ ଦେଶ ଛାଡ଼ି ପଳାଇଥିଲେ। ବର୍ତ୍ତମାନ ତାଙ୍କ ପୁଅ ରେଜା ପାହେଲଭିଙ୍କୁ ଇରାନର ରାଷ୍ଟ୍ର କ୍ଷମତାରେ ବସାଇବା ପାଇଁ ଆମେରିକା ମସୁଧା କରୁଛି। ତେବେ ଏହା ଆଦୌ ସହଜ ନୁହେଁ। ଇରାନ, ଇରାକ ନୁହେଁ। ଇରାନର ସାଧାରଣ ଲୋକମାନେ ଦେଶର ଶାସକଙ୍କୁ ବିରୋଧ କରିବା ପରିବର୍ତ୍ତେ ତାଙ୍କ ସମର୍ଥନରେ ବିଶାଳ ଶୋଭାଯାତ୍ରା କରୁଛନ୍ତି। ଅତୀତରେ ଇରାନର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ୧୯୫୩ରେ ସି.ଆଇ.ଏ. ଦ୍ୱାରା ଗାଦିଚ୍ୟୁତ କରାଯିବା ପରେ ଫାଶୀ ଦିଆଯାଇଥିଲା ଓ ଆମେରିକାର ବୋଲାକରା ରେଜା ପାହଲିଭିଙ୍କୁ କ୍ଷମତାସୀନ କରାଯାଇଥିଲା। ଏହି ଷଡ଼ଯନ୍ତ୍ରରେ ଆମେରିକା ଓ ଇଂଲଣ୍ଡ ସାମିଲ ଥିଲେ। ମାତ୍ର ୧୯୭୯ରେ ଖୋମେନିଙ୍କ ନେତୃତ୍ୱରେ ଇସଲାମିକ ବିପ୍ଳବ ଘଟିଥିଲା ଓ ଶାହା ଗାଦିଚ୍ୟୁତ ହୋଇଥିଲେ। ଆମେରିକା ୧୯୭୯ ଠାରୁ ଇରାନ ବିରୋଧରେ ବାସନ୍ଦ ଲଗାଇଛି।

୧୯୮୦ ଦଶକରେ ଇରାକ-ଇରାନ ଯୁଦ୍ଧ ଆଠ ବର୍ଷ ଧରି ଚାଲିଥିଲା। ଏହି ଯୁଦ୍ଧରେ ଆମେରିକା ଇରାକକୁ ସାହାଯ୍ୟ କରିଥିଲା। ମାତ୍ର ଇରାନ ଏଥିରେ ଲୋପ ହୋଇନଥିଲା। ଏବେ ଇରାନ ସାହସର ସହ ଆମେରିକା ଓ ଇସ୍ରାଏଲର ମିଳିତ ବାହିନୀ ବିରୋଧରେ ଲଢୁଛି। ଉପସାଗରୀୟ ଦେଶଙ୍କ ମଧ୍ୟରୁ ଲେବାନନ, ସିରିଆ ଏବଂ ଓମାନକୁ ଛାଡ଼ିଦେଲେ ଅନ୍ୟ ସବୁ ଦେଶ ଯଥା- ସାଉଦିଆରବ, ଜୋର୍ଡାନ, ୟୁଏଇ, କାତାର, କୁଏଟ ଆଦି ଆମେରିକାର ବୋଲକରା ତଥା ଏଜେଣ୍ଟ ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ବେଲଜିୟମ, ୟୁକ୍ରେନ, ହଙ୍ଗେରୀ ସମେତ ୟୁରୋପିୟାନ ୟୁନିୟନମାନେ ଆମେରିକା ସପକ୍ଷରେ। ଏକ ଅନ୍ୟାୟ ଓ ଧ୍ୱଂସକାରୀ ଯୁଦ୍ଧକୁ ତଥାକଥିତ ସଭ୍ୟ ଦେଶଗୁଡ଼ିକ ସମର୍ଥନ ଦେବା ଘୃଣାର ବିଷୟ।

ଏ ଯୁଦ୍ଧର ପରିଣାମ କ'ଣ ହେବ, ତାହା ସ୍ପଷ୍ଟ ନୁହେଁ। ତେବେ ଇରାନ ପ୍ରମାଣ କରିଚାଲିଛି ଯେ, ସେ ଆମେରିକା ଓ ଇସ୍ରାଏଲର ଅନ୍ୟାୟ ସର୍ତ୍ତ ପାଖରେ ଆତ୍ମସମର୍ପଣ କରିବ ନାହିଁ କି ସେମାନଙ୍କ ଗୋଲାମ ହେବ ନାହିଁ। ଭାରତ ସରକାର ଇରାନ ପାଖରୁ ଅନେକ କିଛି ଶିଖିବାର ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମ୍ୟବାଦୀ ସୋଭିଏତ ରୁଷ ଓ ପୁଞ୍ଜିବାଦୀ ଆମେରିକା ମଧ୍ୟରେ ସୃଷ୍ଟି ହେଲା ଶୀତଳଯୁଦ୍ଧର ବାତାବରଣ। ୧୯୪୯ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନେତୃତ୍ୱରେ 'ନାଟୋ' ଭଳି ଏକ ସାମରିକ ମେଣ୍ଟ ସୃଷ୍ଟି ହେଲା, ତାହାର ଜବାବରେ ୧୯୫୫ ମସିହାରେ ପୋଲାଣ୍ଡର ରାଜଧାନୀ ୱାର୍‌ସ ଠାରେ ସୋଭିଏତ୍ ନେତୃତ୍ୱରେ ଗଢ଼ାଗଲା ଏକ ମିଳିତ ସୈନ୍ୟବାହିନୀ। ସାମ୍ୟବାଦ ଓ ପୁଞ୍ଜିବାଦର ସଂଘାତ ରୂପ ନେଲା ବର୍ଲିନ ଅବରୋଧରେ ଭୟାବହ କୋରିଆ ଓ ଭିଏତନାମ ଯୁଦ୍ଧରେ। ତା' ପରେ ଘଟିଛି ଅସୁମାରି ଯୁଦ୍ଧ, ଯାହା ଏସିଆ, ଆଫ୍ରିକା, ମଧ୍ୟପ୍ରାଚ୍ୟ ଅଞ୍ଚଳର ଅନେକ ଦେଶକୁ ଦଗ୍ଧୀଭୂତ କରିବା ସହିତ ଗଣମୃତ୍ୟୁ ଓ ବିସ୍ଥାପନ ଭଳି ଦାରୁଣ ମନୁଷ୍ୟ ଟ୍ରାଜେଡି ସୃଷ୍ଟି କରିଛି। କହିବାର ତାତ୍ପର୍ଯ୍ୟ ହେଲା, ଶାନ୍ତି ପ୍ରତିଷ୍ଠାର ଏଭଳି ଉଦ୍ୟମ ସତ୍ତ୍ୱେ ପୃଥିବୀ ଯୁଦ୍ଧର ବାତାବରଣରୁ କେବେହେଁ ମୁକ୍ତ ପାଇପାରି ନାହିଁ। ଜାତିସଂଘ ଅନେକ ବାର ସଂପୂର୍ଣ୍ଣ ଅସହାୟ ଦିଶିଛି ଏବଂ ପୃଥିବୀର ବୃହତ୍ ଶକ୍ତିମାନଙ୍କ ଆୟତ୍ତାଧୀନ ଭଳି ବ୍ୟବହାର ପ୍ରଦର୍ଶନ କରିଛି।

ସଂପ୍ରତି ଚାଲିଥିବା ପଶ୍ଚିମ ଏସିଆ ଯୁଦ୍ଧ ପରିପ୍ରେକ୍ଷୀରେ ଜାତିସଂଘର ଭୂମିକା ନେଇ ପ୍ରଶ୍ନ ଉଠୁଛି, କିନ୍ତୁ ଏଭଳି ପ୍ରଶ୍ନ ଅନାବଶ୍ୟକ, ଏପରିକି ଅପ୍ରାସଙ୍ଗିକ ଭଳି ମଧ୍ୟ ମନେ ହୋଇଥାଏ। କାରଣ ମିଳିତ ଜାତିସଂଘର ଡି.ଏନ୍.ଏ.ରେ ରହିଛି ଆମେରିକା ପ୍ରତି ମାତ୍ରାତିରିକ୍ତ ଅନୁରକ୍ତି। ଆଫଗାନିସ୍ତାନ ଓ ଇରାକ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ସ୍ୱୀକୃତି ଦେଇଥିଲା। ଶାନ୍ତି ନାମରେ ସାମରିକ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଆନ୍ତର୍ଜାତିକ କଟକଣା ଜାରିକରି ଜାତିସଂଘ ସର୍ବଦା କପଟାଚାରୀ ଓ ସମର-ବିଳାସୀ ଆମେରିକାର ବଚସ୍କର ଭଳି ଦିଶି ଆସିଛି। ଭାରତ ଏବେ ପୃଥିବୀର ବୃହତ୍ତମ ଗଣତନ୍ତ୍ର ଓ ଚତୁର୍ଥ ବୃହତ୍ତମ ଅର୍ଥନୀତି। ମାତ୍ର ତାକୁ ଜାତିସଂଘର ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ଦିଆଯାଉ ନାହିଁ। ଅନେକ ଏସୀୟ, ଲାଟିନ ଆମେରିକୀୟ ଓ ଆଫ୍ରିକୀୟ ଦେଶ ମୁହ୍ୟମାନ ଯେ ସେମାନେ ଜାତିସଂଘରେ ଯଥାର୍ଥ ପ୍ରତିନିଧିତ୍ୱ ଲାଭ କରିନାହାନ୍ତି। ଅବଶ୍ୟ, ଏଥିରେ ଦ୍ୱିରୁକ୍ତି ନାହିଁ ଯେ ପୃଥିବୀରୁ ଦାରିଦ୍ର୍ୟ ଅଶିକ୍ଷା, ଅପସ୍ୱାସ୍ଥ୍ୟ ଇତ୍ୟାଦିର ବିମୋଚନ ଉଦ୍ୟମରେ ଜାତିସଂଘ ବ୍ରତୀ ରହିଛି, କିନ୍ତୁ ଯୁଦ୍ଧ ମୁକ୍ତ ପୃଥିବୀ ସୃଷ୍ଟି କ୍ଷେତ୍ରରେ ତାହା ନିଷ୍ପ୍ରଭାବୀ, ଏପରିକି ଅପ୍ରାସଙ୍ଗିକ ହୋଇ ପଡ଼ିଛି। ଏହା ଏବେ ସ୍ପଷ୍ଟ ହେଲାଣି ଯେ ଅତୀତର ହିଟଲର ବା ମୁସୋଲିନିଙ୍କ ଭଳି ଏବର ଟ୍ରଂପ ବା ନେତାନ୍ୟାହୁଙ୍କ ଭଳି ମୁଷ୍ଟିମେୟ ଯୁଦ୍ଧଖୋର ରାଷ୍ଟ୍ରନେତା ସମଗ୍ର ପୃଥିବୀ ଏବଂ ତା'ର ଆଠଶହ କୋଟି ଜନସାଧାରଣଙ୍କୁ ଚରମ ହାହାକାର ଭିତରକୁ ନିକ୍ଷେପ କରିବାକୁ ସମର୍ଥ, ଏ ପରିପ୍ରେକ୍ଷୀରେ ବିବେକ ଜାଗରଣ ନାମରେ ଜାତିସଂଘ କେବଳ ଧର୍ମକୁ ଏକ ଆଖି ଠାର ଭଳି !

ଏହି ଯୁଦ୍ଧର ମାସକ ପରେ ଅନୁଭୂତ ହେଉଛି ଯେ ଯୁଦ୍ଧ ବିଧ୍ୱସ୍ତ ଇରାନରୁ ଅକଥନୀୟ ମାନବ ଟ୍ରାଜେଡି ସଂବଳିତ ସମ୍ବାଦର ପ୍ରବାହ ଅତ୍ୟନ୍ତ କ୍ଷୀଣ ! ଏଣେ, ଯୁଦ୍ଧ ନେଇ ତର୍କ ଓ ବ୍ୟାଖ୍ୟାନ ମୁଖର ଗଣମାଧ୍ୟମ ମଞ୍ଚରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହୋଇଛି ଶକ୍ତି ସଂକଟ, ଟ୍ରଂପଙ୍କ ବାଚାଳ ସୁଲଭ ବୟାନବାଜି, ଯୁଦ୍ଧର ସ୍ୱରୂପ ଓ ସମାପ୍ତି ନେଇ ବିଶେଷଜ୍ଞମାନଙ୍କ ଅସରନ୍ତି ଅନୁମାନ ଓ ଆକଳନ, ଡ୍ରୋନ ବା ଯୁଦ୍ଧ ବିମାନ ବା ବିଶେଷ ସାମରିକ ପ୍ରଯୁକ୍ତି ଇତ୍ୟାଦିକୁ ଘେନି ଜ୍ଞାନର ସଂପ୍ରେଷଣ ଇତ୍ୟାଦି !

ଗଲା ୨୮ ତାରିଖରେ 'ଅପରେସନ ଏପିକ ଫ୍ୟୁରି'କୁ ମାସଟିଏ ପୂରିଲା ଏବଂ ଇସ୍ରାଏଲ -ଆମେରିକା ଦ୍ୱାରା ସଂଘଟିତ ମିଳିତ ଆକ୍ରମଣରେ ମାର୍ଚ୍ଚ ମାସର ପ୍ରଥମ ପ୍ରଭାତ ବେଳକୁ ଇରାନ ଚୂର୍ଣ୍ଣବିଚୂର୍ଣ୍ଣ ହେବାକୁ ଲାଗିଥିଲା। ତେବେ, ଏହି ଯୁଦ୍ଧ କିଭଳି ଉପରୋକ୍ତ ତିନିଟି ରାଷ୍ଟ୍ର ମଧ୍ୟରେ ସୀମାବଦ୍ଧ ନ ରହି ସମଗ୍ର ପୃଥିବୀକୁ କବଳିତ କରସାରିଛି, ସେ ନେଇ ଅଧିକ କୁହାଯିବା ଅନାବଶ୍ୟକ। ସଂପ୍ରତି, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଆକ୍ରମଣର ଆଗ୍ନିକ ଦୃଶ୍ୟ ଓ ମଞ୍ଜଥରା ଶବ୍ଦର ପ୍ରାବଲ୍ୟରେ ଯଦିଓ ସମସ୍ତେ ପରିପୃକ୍ତ, ମୃତାହତଙ୍କ ସଂଖ୍ୟା ଓ ପୀଡ଼ିତମାନଙ୍କ ଦୁର୍ଦ୍ଦଶା ଓ ବିସ୍ଥାପନର କାରୁଣ୍ୟ ସଂପର୍କିତ ସୂଚନା ଓ ଚିତ୍ର ବୁନ୍ଦା ପ୍ରାୟ ମିଳିବାରେ ଲାଗିଛି। ଜାତିସଂଘ ଓ ଅନ୍ୟାନ୍ୟ କେତେକ ସୂତ୍ରରୁ ହିସାବ କରାଯାଉଛି ଯେ ଏହି ଅବଧି ମଧ୍ୟରେ କେବଳ ଇରାନରେ ୨୦୦୦ (୩ ଭାରତୀୟଙ୍କ ସମେତ), ଲେବାନନରେ ୧୦୦୦ ଓ ୧୩ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଛି ଏବଂ ୨ ନିୟୁତ ଲୋକ ବିସ୍ଥାପିତ ହୋଇ ସାରିଲେଣି। ଏହି ଯୁଦ୍ଧ ତା'ର ଆକାର ଏବଂ ତହିଁରେ ଅନ୍ୟ ରାଷ୍ଟ୍ରମାନଙ୍କ ସଂପୃକ୍ତି ଦୃଷ୍ଟିରୁ ହୁଏତ ଏକ ବିଶ୍ୱଯୁଦ୍ଧର ସମକକ୍ଷ ହୋଇ ନ ପାରେ; କିନ୍ତୁ ଅନୁମାନ କରାଯାଇଥାଏ ଯେ ଏହା ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରାନ୍ତ 'ୱର୍ଲଡ ଅର୍ଡର' ବା 'ବିଶ୍ୱର ଧାରା'ରେ ପରିବର୍ତ୍ତନ ଘଟିବ। ଏଭଳି ସ୍ଥିତିରେ ମାସକ ପରେ ଏହି ଯୁଦ୍ଧ ଓ ତା'ର ପ୍ରଭାବ ଉପରେ ଦୃଷ୍ଟି ନିକ୍ଷେପ କରାଯିବାର ଆବଶ୍ୟକତା ରହିଛି।

ଏହା ସୁବିଦିତ ଯେ ଏହି ଯୁଦ୍ଧରେ ଇସ୍ରାଏଲ ସହ ଯୋଗ ଦେବା ସପକ୍ଷରେ ଆମେରିକା ଦ୍ୱାରା ପ୍ରଦତ୍ତ କାରଣଟି ଥିଲା ଇରାନକୁ ଧର୍ମାନ୍ଧ ଓ ଏକଛତ୍ରବାଦୀ ଆୟୋତୋଲ୍ଲା ଶାସନ କବଳରୁ ମୁକ୍ତ କରିବା। ହୁଏତ ଧାରଣା ଥିଲା ଯେ ଏକ ବାହ୍ୟ ଆକ୍ରମଣ ହେବା ମାତ୍ରକେ ମୁକ୍ତି ଲାଗି ଉଦ୍‌ଗ୍ରୀବ ଜନସାଧାରଣ ସଡ଼କକୁ ଓହ୍ଲାଇ ଆସି ଆୟୋତୋଲ୍ଲା ଶାସନକୁ ଭୂଲୁଣ୍ଠିତ କରି ପକାଇବେ ! ସେହି ପଥ ସୁଗମ କରିବା ଲାଗି ଇରାନର ସମସ୍ତ ଶୀର୍ଷ ସ୍ଥାନୀୟ ନେତୃ ମଣ୍ଡଳିକୁ ସୁନିର୍ଦ୍ଦିଷ୍ଟ ଭାବେ ହତ୍ୟା କରାଯାଇଥିଲା। ଗୋଟିଏ ମାସର ନିରନ୍ତର ବୋମା ମାଡ଼ ପରେ ଇରାନ କ୍ରମଶଃ ଏକ ଧ୍ୱଂସସ୍ତୂପରେ ପରିଣତ ହେବାରେ ଲାଗିଛି। ସେଠାରେ ଆୟୋତୋଲ୍ଲା ବିରୋଧୀ କ୍ଷୀଣତମ ସ୍ୱର ଶୁଭିବା ତ ଦୂରର କଥା, ଯାହା ଦୁର୍ବୋଧ୍ୟ ହୋଇ ପଡ଼ିଛି, ତାହା ହେଲା ଭଗ୍ନାବଶେଷ ତଳୁ ତୀବ୍ର ପାଲଟା ଆକ୍ରମଣ ଜାରି ରଖିବାର ସାମର୍ଥ୍ୟ ଏକ ମୁରବି-ବିହୀନ ଇରାନ ପାଉଛି କେଉଁଠୁ ? ଖୁବ୍ ସମ୍ଭବ ଯେ ପ୍ରାଚୀନ ପାରସ୍ୟ ସଭ୍ୟତା ଓ ଅଦ୍ୱିତୀୟ ବୀର 'ସାଇରସ ଦ ଗ୍ରେଟ'ଙ୍କ ସାହସର ସ୍ମୃତି କଣିକା ଏ ଯାବତ୍ ଇରାନୀ ଜନସମାଜର ଶୋଣିତରେ ପ୍ରବାହିତ ହେଉଛି, ଯଦ୍ଦ୍ୱାରା ନିଜ ଭୂଖଣ୍ଡର ସାର୍ବଭୌମତ୍ୱର ହନନ ସେମାନଙ୍କ ଲାଗି ଅକ୍ଷମଣୀୟ ହୋଇ ଉଠିଛି; ଯେଉଁ ସ୍ଥିତିରେ ଆୟୋତୋଲ୍ଲା ବିରୋଧୀ ଅସନ୍ତୋଷ ଅଗତ୍ୟା ମୂଲ୍ୟହୀନ ଭଳି ଦିଶୁଛି ! ତେଣୁ ବିଧିବଦ୍ଧ ଯୁଦ୍ଧ ବିରତି ସମ୍ଭବ ନ ହେଲେ ଏହି ଯୁଦ୍ଧ ପ୍ରଲମ୍ବିତ ହେବା ପ୍ରାୟ ନିଶ୍ଚିତ।

ଏବେ ହୃଦ୍‌ବୋଧ ହେଉଛି ଯେ ହର୍ମୁଜ ପ୍ରଣାଳି ହେଉଛି ସେହି ନାଡ଼ି ଯାହାକୁ ଚିପି ଧରି ପୃଥିବୀକୁ ଶକ୍ତିହୀନ କରି ଦେବାର କ୍ଷମତା ଇରାନ ଠାରେ ଅଛି। ସେମିତି ଆରବ ରାଷ୍ଟ୍ରଗୁଡ଼ିକ ପ୍ରଥମ ଥର ଲାଗି ଇରାନୀ ଆକ୍ରମଣର ଶରବ୍ୟ ହେବା ପରେ ଅଗତ୍ୟା ସେମାନଙ୍କ ସାଞ୍ଜୁର ଛିଦ୍ର ଆବିଷ୍କାର କରି ମୁହ୍ୟମାନ ହୋଇଥିବେ। ମାସଟିଏ କାଳ ଇରାନ ପକ୍ଷରୁ ସଂଘଟିତ ଅତର୍କିତ କ୍ଷେପଣାସ୍ତ୍ର ଆଘାତ ସହିବା ପରେ ଅନ୍ତତଃ ଏତିକି ଜ୍ଞାନୋଦୟ ହୋଇଥାଇପାରେ ଯେ ନିଜ ନିଜ ଦେଶର ସୁରକ୍ଷା ଦାୟିତ୍ୱକୁ 'ଆଉଟ୍ ସୋର୍ସି' (ଆମେରିକା ହାତରେ) କରି ଦିଆଯିବା ଏକ ବଡ଼ ଧୃଷ୍ଟତା !

ନିଜ ରାଷ୍ଟ୍ରର ସୁରକ୍ଷା ସଂଦର୍ଭରେ ଦୁଇ ଧାପ ଆଗେଇ ଯାଇ ଉତ୍ତର କୋରିଆର ଶାସନ ମୁଖ୍ୟ କିମ୍ ଜୋଙ୍ଗ ଉନ୍ ଗଲା ଶୁକ୍ରବାର ଦିନ, ତାଙ୍କ ସଂସଦରେ ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରଦାନ କରିଥିବା ବାର୍ତ୍ତାଟି ହେଲା, ପରମାଣୁ ଅସ୍ତ୍ରର ନିର୍ମାଣ ଓ ଭଣ୍ଡାର ସୃଷ୍ଟି ହେଉଛି ସାଂପ୍ରତିକ ସମୟର ଅନିବାର୍ଯ୍ୟତା, ଯଦ୍ଦ୍ୱାରା ଗୋଟିଏ ରାଷ୍ଟ୍ର ବାହ୍ୟ ଆକ୍ରମଣର ଆଶଙ୍କାରୁ ନିଷ୍କୃତି ପାଇବ ! ଅନେକ ବିଶେଷଜ୍ଞଙ୍କ ଅନୁମାନ ଯେ ଯୁଦ୍ଧର ଅବସାନ ପରେ ଇରାନର ଏକମାତ୍ର ଧ୍ୟେୟ ହୋଇପାରେ କଳେ ବଳେ କୌଶଳେ ପରମାଣୁ ଅସ୍ତ୍ର ନିର୍ମାଣ ଓ ଧାରଣର ସାମର୍ଥ୍ୟ ଲାଭ। ତେଣୁ ହୁଏତ ଏଣିକି ପରମାଣୁ ନିରସ୍ତ୍ରୀକରଣ ପରିବର୍ତ୍ତେ ପରମାଣୁ ଆକ୍ରମଣ ରଚିବାର ସାମର୍ଥ୍ୟ ହିଁ ହେବ ପୃଥିବୀକୁ ଯୁଦ୍ଧର ସଂତ୍ରାସରୁ ମୁକ୍ତ ରଖିବାର ଉପାୟ।

ଏହି ଯୁଦ୍ଧର ମାସକ ପରେ ଅନୁଭୂତ ହେଉଛି ଯେ ଯୁଦ୍ଧ ବିଧ୍ୱସ୍ତ ଇରାନରୁ ଅକଥନୀୟ ମାନବ ଟ୍ରାଜେଡି ସଂବଳିତ ସମ୍ବାଦର ପ୍ରବାହ ଅତ୍ୟନ୍ତ କ୍ଷୀଣ ! ଯେଉଁ ଶକ୍ତିଶାଳୀ ଗଣମାଧ୍ୟମଗୁଡ଼ିକ ପ୍ରଭାବ ସୃଷ୍ଟି କରିପାରନ୍ତେ, ସେମାନେ ୟୁଟ୍ୟୁବ ଓ ଇନଷ୍ଟଗ୍ରାମରେ ଉପଲବ୍ଧ ଫଟୋ ଓ ଭିଡ଼ିଓ ଦେଖାଇ ଏବଂ ନିଉଜରୁମ୍‌ରେ ତର୍କ-ବିତର୍କର ତୁମ୍ବି ତୋଫାନ ସୃଷ୍ଟି କରି ସନ୍ତୁଷ୍ଟ ରହୁଛନ୍ତି।

ପୃଥିବୀ ପ୍ରାରମ୍ଭରୁ ଅସୁମାରି ଯୁଦ୍ଧ ଓ ତା'ର ବିଭୀଷିକା ଦେଖି ଆସିଥିଲେ ହେଁ ଯୁଦ୍ଧକୁ ନେଇ ସେହି ଚିରନ୍ତନ ମାର୍ମିକ ପ୍ରଶ୍ନର ଉତ୍ତର ଖୋଜିବାରେ ବେଳ ଅବେଳରେ ଘାରି ହୁଏ, ଯାହା ହେଲା, ଯୁଦ୍ଧରେ କିଏ ଜିତେ ? ଡୋନାଲ୍‌ଡ ଟ୍ରମ୍ପଙ୍କ ଉଭଟ ଉଚ୍ଛାଟ ଯେ ସେ ଏହି ଯୁଦ୍ଧ ଜିଣି ସାରିଛନ୍ତି ! ନୋବେଲ ପୁରସ୍କାର ବିଜେତା ଆମେରିକୀୟ ଲେଖକ ଅର୍ନେଷ୍ଟ ହେମିଂୱେ ଯୁଦ୍ଧ ସଂଦର୍ଭରେ ଲେଖିଥିଲେ ପ୍ରଖ୍ୟାତ ଉପନ୍ୟାସ 'ଫର ହୁମ ଦି ବେଲ ଟୋଲ୍‌ସ', ଏହାର ସାରମର୍ମ ହେଉଛି ଯୁଦ୍ଧ ମାତ୍ରକେ ଅର୍ଥହୀନ; କୌଣସି ଯୁଦ୍ଧରେ କାହାର ହେଲେ ବିଜୟ ଘଟି ନ ଥାଏ; ଯିଏ ବିଜୟୀ ବୋଲି ଦର୍ପୋନ୍ମତ୍ତ ହୁଏ, ସେ ହୁଏତ ଶୁଣି ପାରି ନ ଥାଏ ଯେ ତା' ସକାଶେ ମଧ୍ୟ ଗିର୍ଜାର ଘଣ୍ଟି ବାଜୁଥାଏ ! ତେଣୁ ସେ ପଚାରିଚନ୍ତି, 'କାହା ଲାଗି ଘଣ୍ଟି ବାଜେ ?'

ଏହି ଯୁଦ୍ଧ ଏବେ ଠିକ୍ ସେହି କଥା ମନେ ପକାଇଦେଇଛି। ଟ୍ରମ୍ପଙ୍କ ଔଦ୍ଧତ୍ୟ ଓ ନେତନ୍ୟାହୁଙ୍କ ଜିଦଖୋର୍ ତଥା ବିସ୍ତାରବାଦି ନୀତି ପାଇଁ ସାରା ବିଶ୍ୱ ଏବେ ବିପଦରେ। ଅନେକ ରାଷ୍ଟ୍ରରେ ତୈଳ ସଙ୍କଟ ସହିତ ଦର ବୃଦ୍ଧି ଘରିସାରିଲାଣି। ଆମେରିକା ବି ଏଥିରୁ ବାଦ୍ ପଡ଼ିନାହିଁ। ପାକିସ୍ତାନ ଭଳି ଆଉ କିଛି ରାଷ୍ଟ୍ରରେ ଏନର୍ଜି ଲକ୍ ଡାଉନ୍ ପରିସ୍ଥିତି ଆରମ୍ଭ ହୋଇସାରିଲାଣି। ଭାରତରେ ବି ତୈଳ ଦର ବଢ଼ିଛି। କିନ୍ତୁ କେନ୍ଦ୍ର ସରକାର କିଛି ରାଜ୍ୟରେ ହେବାକୁ ଯାଉଥିବା ନିର୍ବାଚନ ପାଇଁ ତାକୁ ଟାଣି ଘୋଷାରି ଅପରିବର୍ତ୍ତିତ ରଖୁଛନ୍ତି। ସେଥିପାଇଁ ସରକାର ପେଟ୍ରୋଲ ଉପରେ ଟିକସ ହ୍ରାସ କରିଛନ୍ତି। ଏହାଦ୍ୱାରା ସାଧାରଣ ଲୋକ ହୁଏତ ଏବେ ପେଟ୍ରୋଲ ଦର ବୃଦ୍ଧିର ବୋଝ ବୋହୁନାହାନ୍ତି, କିନ୍ତୁ ସରକାରଙ୍କ ରାଜକୋଷ ଉପରେ ଏହାର ପ୍ରଭାବ ପଡୁଛି। ବିଧାନ ସଭା ନିର୍ବାଚନ ପରେ ଦେଶରେ ପେଟ୍ରୋଲ ଡିଜେଲ ଦର ବୃଦ୍ଧି ନିଶ୍ଚିତ, ଏକଥା ସମସ୍ତ ସଚେତନ ନାଗରିକ ଜାଣନ୍ତି। ଏହା ଭିତରେ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି। ଏହାଦ୍ୱାରା ଆମଦାନୀ ଖର୍ଚ୍ଚ ବଢୁଛି। ଯୁଦ୍ଧ ଯୋଗୁ ଭାରତରୁ ରପ୍ତାନି ପ୍ରଭାବିତ ହୋଇଛି। ଏହି କାରଣରୁ ଦେଶରେ ମୁଦ୍ରାସ୍ଫିତି ବଢିବା ସହିତ ଅଭିବୃଦ୍ଧି ହାର ହ୍ରାସ ପାଇବ। ତାହା ସହିତ ଗ୍ୟାସ ଓ ପେଟ୍ରୋଲ ଡିଜେଲ ଦରବୃଦ୍ଧି ସାଧାରଣ ଜନତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିବ। କହିବାକୁ ଗଲେ ଇରାନ ଯୁଦ୍ଧ ପାଇଁ ସାରା ବିଶ୍ୱ ଏକ ଘୋର ଆର୍ଥିକ ମାନ୍ଦବସ୍ଥା ଆଡ଼କୁ ମୁହାଁଉଛି ଓ ବିଶ୍ୱ ପାଇଁ ବିବିଧ ବିପଦ ମାଡ଼ି ଆସୁଛି।

ବରିଷ୍ଠ ସାମ୍ବାଦିକ
ଭୁବନେଶ୍ୱର



ସିତାଂଶୁ ଶେଖର ମିଶ୍ର

# ମହଙ୍ଗା ବଜାରରେ ପେନସନଭୋଗୀଙ୍କ ଦୁଃଖ: 'ଭ୍ୟାଲିଡେସନ୍ ଆକ୍ଟ ୨୦୨୫' ଉପରେ ପୁନଃଚିନ୍ତନର ସମୟ

ସାରା ଭାରତର ପେନସନଭୋଗୀ ରାଜ୍ୟ ଫେଡେରେସନଙ୍କ ଆହ୍ୱାନକ୍ରମେ ଗତ ୨୫ ମାର୍ଚ୍ଚ ୨୦୨୬ ରେ ପ୍ରଧାନମନ୍ତ୍ରୀଙ୍କୁ 'ଭ୍ୟାଲିଡେସନ୍ ଆକ୍ଟ ୨୦୨୫' ପ୍ରତ୍ୟାହାର ଦାବି ସହ ସ୍ମାରକପତ୍ର ପ୍ରଦାନ ଘଟଣା, ଦେଶର କୋଟି କୋଟି ପେନସନଭୋଗୀଙ୍କ ମନରେ ସଞ୍ଚିତ ଅସନ୍ତୋଷର ସ୍ପଷ୍ଟ ପ୍ରତିଫଳନ। ଏହା କେବଳ ଏକ ଦାବି ନୁହେଁ। ଏହା ଜୀବନର ସାୟାହ୍ନରେ ପହଞ୍ଚିଥିବା ନାଗରିକଙ୍କ ନିରାପତ୍ତା, ସମ୍ମାନ ଓ ମୌଳିକ ଅଧିକାର ସହ ଜଡିତ ଗଭୀର ପ୍ରଶ୍ନ। ବର୍ତ୍ତମାନର ଅର୍ଥନୈତିକ ପରିପ୍ରେକ୍ଷିରେ ମୁଦ୍ରାସ୍ଫୀତି ଦିନକୁ ଦିନ ବଢୁଥିବା ବେଳେ, ସ୍ୱଳ୍ପ ପେନସନଭୋଗୀଙ୍କ ପାଇଁ ଜୀବନଯାପନ ଏକ ଦୁର୍ଲଭ ଚ୍ୟାଲେଞ୍ଜ ହୋଇଉଠିଛି। ଖାଦ୍ୟପଦାର୍ଥ, ଔଷଧ, ଘରୋଇ ଆବଶ୍ୟକୀୟ ସାମଗ୍ରୀ ଓ ଚିକିତ୍ସା ଖର୍ଚ୍ଚ ଆକାଶଛୁଆଁ ହେଉଥିବା ସମୟରେ ପେନସନ ପ୍ରାୟ ସ୍ଥିର ଅଛି। ଏହାର ପରିଣାମରେ ଅନେକ ପେନସନଭୋଗୀ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ କଠିନ ସଂଘର୍ଷ କରୁଛନ୍ତି। କେତେକ ସ୍ଥାନରେ ସେମାନେ ଔଷଧ କିଣିବେ କି ଖାଦ୍ୟ ସଂଗ୍ରହ କରିବେ—ଏହି ଦୁଇଟି ମଧ୍ୟରେ ନିରୁପାୟ ଭାବେ ଚୟନ କରିବାକୁ ବାଧ୍ୟ। ଏହି ପରିସ୍ଥିତି କେବଳ ଦୁଃଖଦ ନୁହେଁ; ଏହା ଏକ ସଚେତନ ସମାଜ ପାଇଁ ଲଜ୍ଜାଜନକ। ଏହି ପରିସ୍ଥିତିରେ ସରକାରୀ ନୀତିର ଦିଗ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏକ ପକ୍ଷରେ ଲୋକକଲ୍ୟାଣର କଥା କୁହାଯାଉଥିବା ବେଳେ, ଅନ୍ୟ ପକ୍ଷରେ 'ଭ୍ୟାଲିଡେସନ୍ ଆକ୍ଟ ୨୦୨୫' ଭଳି ପଦକ୍ଷେପ ପେନସନଭୋଗୀଙ୍କ ମନରେ ଅସୁରକ୍ଷାକୁ ବଢାଇଛି। ଯଦି ସରକାର ପ୍ରକୃତରେ ଏହି ବର୍ଗର ଜୀବନ ସଂଘର୍ଷକୁ ଅନୁଭବ କରୁଥାନ୍ତା, ତେବେ ଏପରି ନିଷ୍ପତ୍ତି ପୂର୍ବରୁ ଅଧିକ ସମ୍ବେଦନଶୀଳ ଓ ମାନବିକ ଭାବନା ଦେଖାଯାଇଥାନ୍ତା।

ସ୍ୱାଧୀନତା ପରେ ଗଠିତ ବିଭିନ୍ନ ବେତନ କମିଶନର ସୁପାରିଶରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ପେନସନଭୋଗୀମାନେ ମଧ୍ୟ ସମାନ ଭାବରେ ଆର୍ଥିକ ଲାଭ ପାଇଆସୁଥିଲେ। ଏହା ଏକ ସମନ୍ୱିତ ଓ ନ୍ୟାୟସଙ୍ଗତ ପ୍ରଣାଳୀର ପ୍ରତିକ ଥିଲା। କିନ୍ତୁ ବର୍ତ୍ତମାନ ଏପରି ଏକ ନୀତି ଦେଖାଯାଉଛି ଯାହା ପେନସନଭୋଗୀଙ୍କ ମନରେ ବଞ୍ଚିତ ହେବାର ଭାବନା ସୃଷ୍ଟି କରୁଛି। ବିଶେଷକରି, ଯେତେବେଳେ ଅଷ୍ଟମ ବେତନ କମିଶନ କାର୍ଯ୍ୟାରମ୍ଭ କରିଛି ଏବଂ କର୍ମଚାରୀ ଓ ପେନସନଭୋଗୀ ଉଭୟଙ୍କ ଆର୍ଥିକ ସ୍ଥିତି ସୁଧାର କରିବା ଲକ୍ଷ୍ୟ ରଖିଛି, ସେତେବେଳେ ଏହି ଭଳି ଆଇନ୍ ତାହା ସହ ବିରୋଧାଭାସୀ ମନେହୁଏ। ଏହା ନୀତିଗତ ସମନ୍ୱୟ ଉପରେ ମଧ୍ୟ ପ୍ରଶ୍ନ ଉଠାଏ।

ଆଶ୍ଚର୍ଯ୍ୟର କଥା ହେଉଛି, ଦେଶର ସବୁଠାରୁ କଠିନ ସମୟ—ଜରୁରୀକାଳୀନ ପରିସ୍ଥିତି—ସମୟରେ ମଧ୍ୟ ପେନସନଭୋଗୀଙ୍କ ଉପରେ ଏପରି ଆର୍ଥିକ ଚାପ ଦେଖାଯାଇନଥିଲା। ଆଜି, ଯେତେବେଳେ ଲୋକତନ୍ତ୍ରକୁ ଆହୁରି ସୁଦୃଢ଼ କରିବାର କଥା କୁହାଯାଉଛି, ସେତେବେଳେ ଏହି ବର୍ଗର ଦୁଃଖକୁ ଅବହେଳା କରିବା ଗଣତନ୍ତ୍ରର ମୂଳ ଆତ୍ମାକୁ ପ୍ରଶ୍ନବିଦ୍ଧ କରେ।

ଗତ ଏକ ବର୍ଷ ଧରି ଅନେକ ଅନୁରୋଧ ସତ୍ତ୍ୱେ ସରକାରଙ୍କ ନିର୍ବାକତା ପେନସନଭୋଗୀଙ୍କୁ ଆନ୍ଦୋଳନର ମାର୍ଗ ଧରିବାକୁ ବାଧ କରିଛି। ଏହା ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ। ଲୋକଙ୍କ କଥା ଶୁଣିବା ଓ ସମସ୍ୟାର ସମାଧାନ କରିବା ହେଉଛି ଶାସନର ମୂଳ ଦାୟିତ୍ୱ। ଏହି ପରିପ୍ରେକ୍ଷିରେ ଆବଶ୍ୟକ ହେଉଛି ଏକ ସମତୁଳିତ ଓ ମାନବିକ ଦୃଷ୍ଟିକୋଣ। ସରକାର ଉଚିତ୍ ପେନସନ ପ୍ରଣାଳୀକୁ ପୁନଃବିବେଚନା କରି ମୁଦ୍ରାସ୍ଫୀତି ସହ ସମନ୍ୱୟ ରଖି ସମୟୋପଯୋଗୀ ସଂଶୋଧନ କରିବା, ସ୍ୱାସ୍ଥ୍ୟ ସୁବିଧା ବିସ୍ତାର କରିବା ଓ ସାମାଜିକ ସୁରକ୍ଷାକୁ ଶକ୍ତିଶାଳୀ କରିବା। ଏହା କେବଳ ଆର୍ଥିକ ନୀତି ନୁହେଁ; ଏହା ଏକ ନୈତିକ ଦାୟିତ୍ୱ।

ସେହିପରି, 'ଭ୍ୟାଲିଡେସନ୍ ଆକ୍ଟ ୨୦୨୫' ଉପରେ ପୁନଃଚିନ୍ତନ କରିବା ଏବେ ସମୟର ଆବଶ୍ୟକତା। ପେନସନଭୋଗୀଙ୍କ ଦୁଃଖକୁ ବୁଝି ତାଙ୍କୁ ନ୍ୟାୟ ଦେବାରେ ସରକାର ଆଗୁଆ ହେଉ—ଏହା ଗଣତନ୍ତ୍ରର ସଠିକ୍ ପରିଚୟ ହେବ।

ଏହା କେବଳ ପେନସନଭୋଗୀଙ୍କ ପ୍ରଶ୍ନ ନୁହେଁ, ଏହା ଆମ ସମାଜର ମାନବିକତାର ପରୀକ୍ଷା।

ଶାନ୍ତିନଗର, ସୋନପୁର
୮୧୪୪୮ ୭୦୭୨୯

# ପ୍ରବାଦ ପୁରୁଷଙ୍କୁ ନେଇ ବିବାଦ

## ବିଜୁବାବୁଙ୍କ ପ୍ରେରଣାଦାୟୀ ବାର୍ତ୍ତା

### ଓଡ଼ିଆ ପୁଅ କାହାର ଦୟାରେ ନୁହେଁ, ନିଜ ବଳରେ ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରିଛି

ବିଜୁ ବାବୁ ସବୁବେଳେ ଓଡ଼ିଆ ଯୁବପିଢ଼ିଙ୍କୁ ସାହସୀ ହେବା ପାଇଁ ପ୍ରେରଣା ଦେଉଥିଲେ। ତାଙ୍କର ଏକ ସ୍ମରଣୀୟ ଉକ୍ତି ହେଉଛି କି 'ଓଡ଼ିଆ ପୁଅ କାହାର ଦୟା ଉପରେ ନୁହେଁ, ବରଂ ନିଜର ବୁଦ୍ଧି, ଜ୍ଞାନ ଏବଂ ପୁରୁଷାର୍ଥ ବଳରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠିତ କରୁ। ତାଙ୍କର ଏହି ନିର୍ଭୀକ ଶୈଳୀ ପାଇଁ ତାଙ୍କୁ 'କଳିଙ୍ଗ ଷଣ୍ଢ' ବୋଲି କୁହାଯାଏ।



## ବିଜୁଙ୍କ ଦେହାନ୍ତର ୨୮ ବର୍ଷ ପରେ

ଆସନ୍ତା ଅପ୍ରେଲ ୧୭ ତାରିଖ ୨୦୨୫ ମସିହା ବେଳକୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁକୁ ୨୮ ବର୍ଷ ପୁରିବ ଏବଂ ଏହି ଦିନକୁ ଦଳମତ ନିର୍ବିଶେଷରେ ରାଜ୍ୟ ତଥା ଦେଶ ବାହାରେ ବିଜୁପ୍ରେମୀ, ବିଭିନ୍ନ ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀ ଓ ସ୍ୱାଧିନତା ସଂଗ୍ରାମୀମାନେ ତାଙ୍କ ଶ୍ରଦ୍ଧାଞ୍ଜଳୀ ଉତ୍ସବରେ ଯୋଗଦେଇ ସେହି ମହାନ ଅମରଆତ୍ମାଙ୍କ ସଦ୍‌ଗତି କାମନା କରିବେ।

ତେବେ ସ୍ୱର୍ଗତ ଶ୍ରୀ ପଟ୍ଟନାୟକଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବଡ଼ ନେତା ଓ ସ୍ୱାଧିନତା ସଂଗ୍ରାମୀ ଭାବେ ବିବେଚନା କରୁଥିବା ବେଳେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିବାଦୀୟ ବୟାନ ରାଜ୍ୟବାସୀଙ୍କୁ ମର୍ମାହତ କରିଛି।



ଭୁବନେଶ୍ୱର, ୦୪/୦୩ : ବର୍ତ୍ତମାନ ଓଡ଼ିଶାରେ ପ୍ରବାଦ ପୁରୁଷ ପଟ୍ଟନାୟକଙ୍କୁ ନେଇ ଏକ ବଡ଼ ରାଜନୈତିକ ବିବାଦ ଦେଖାଦେଇଛି। ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ ଯେ, ବିଜୁ ବାବୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ଆମେରିକାର ଗୋଇନ୍ଦା ସଂସ୍ଥା (ସିଆଇଏ) ମଧ୍ୟରେ ଏକ 'ଲିଙ୍କ୍' ବା ମାଧ୍ୟମ ଭାବରେ କାମ କରୁଥିଲେ। ସେ ଆହୁରି ମଧ ଦାବି କରିଥିଲେ ଯେ ଚାରବାଟିଆ ଏୟାରବେସରୁ ସିଆଇଏର ୟୁ-୨ ବିମାନ ଚଳାଚଳ କରିବାରେ ବିଜୁ ବାବୁଙ୍କର ଭୂମିକା ଥିଲା। ଏହି ଘଟଣା ପରେ ଏହି ମନ୍ତବ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ନିଶିକାନ୍ତ ଦୁବେଙ୍କୁ 'ମାନସିକ ଡାକ୍ତରଙ୍କ ପରାମର୍ଶ' ଆବଶ୍ୟକ। ନବୀନ ବାବୁ ସ୍ମରଣ କରିଛନ୍ତି ଯେ ଚୀନ ଆକ୍ରମଣ ସମୟରେ ନେହେରୁ ନିଜେ ବିଜୁ ବାବୁଙ୍କୁ ଦିଲ୍ଲୀରେ ତାଙ୍କ ପାଖାପାଖି ଏକ ଅଫିସ୍ ଦେଇଥିଲେ ଯାହା ଦ୍ୱାରା ସେ ଚୀନ ବିରୋଧରେ ରଣନୀତି ପ୍ରସ୍ତୁତ କରିପାରିବେ। ଏହି ମନ୍ତବ୍ୟ ପରେ ଓଡ଼ିଶାରେ ବିଜେଡି କର୍ମୀମାନେ ଜୋରଦାର ବିରୋଧ କରିଛନ୍ତି। ଅନେକ ସ୍ଥାନରେ ନିଶିକାନ୍ତ ଦୁବେଙ୍କ ପୁତ୍ତଳିକା ଦାହ କରାଯାଇଛି ଏବଂ ବିଜେପିକୁ ଓଡ଼ିଶାର ଅସ୍ମିତା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଥିବା ଅଭିଯୋଗ କରାଯାଇଛି। ବିବାଦ ବଢ଼ିବା ପରେ ସାଂସଦ ଦୁବେ ଏକ ସ୍ପଷ୍ଟୀକରଣ ରଖି କହିଛନ୍ତି ଯେ ସେ ବିଜୁ ବାବୁଙ୍କୁ ବ୍ୟକ୍ତିଗତ ଭାବେ ଟାର୍ଗେଟ୍ କରିନାହାଁନ୍ତି ଏବଂ ସେ କେବଳ ନେହେରୁ ପରିବାରର କାର୍ଯ୍ୟକଳାପ ବିଷୟରେ କହୁଥିଲେ। ଯଦି କାହାକୁ ଆଘାତ ଲାଗିଥାଏ, ତେବେ ସେଥିପାଇଁ ସେ କ୍ଷମା ମଧ ପ୍ରାର୍ଥନା କରିଛନ୍ତି।

ଉପସ୍ଥାପନା : ସତ୍ୟଜିତ ମହାପାତ୍ର



## ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ କିଛି ରୋଚକ ତଥ୍ୟ

**୧୯୪୭ ମସିହାରେ ଯେତେବେଳେ ଡଚ୍ ସେନା ଇଣ୍ଡୋନେସିଆକୁ ଚାରିପଟୁ ଘେରି ଯାଇଥିଲେ, ସେତେବେଳେ ବିଜୁ ବାବୁ ନିଜ ଜୀବନକୁ ବାଜି ଲଗାଇ ବିମାନ ଉଡ଼ାଇ ସେଠାକାର ନେତା ସୁକର୍ଣ୍ଣୋଙ୍କୁ ଉଦ୍ଧାର କରି ଭାରତ ଆଣିଥିଲେ। ଏଥିପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଭୂମିପୁତ୍ର' ଉପାଧିରେ ସମ୍ମାନିତ କରିଥିଲେ।**

- **ସାଇକେଲରେ ପେଶାୱାର ଯାତ୍ରା:** ଛାତ୍ର ଅବସ୍ଥାରେ ବିଜୁ ବାବୁ ଜଣେ ସାହସୀ କ୍ରୀଡ଼ାବିତ୍ ଥିଲେ। ସେ କଟକରୁ ପେଶାୱାର (ପାକିସ୍ତାନ) ପର୍ଯ୍ୟନ୍ତ ପ୍ରାୟ ୪୫୦୦ ମାଇଲ୍ ବାଟ ସାଇକେଲ୍ ଚଳାଇ ଯାଇଥିଲେ, ଯାହା ସେ ସମୟରେ ଏକ ବଡ଼ ସଫଳତା ଥିଲା।
- **ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ରୟାଲ୍ ଏୟାରଫୋର୍ସ:** ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ୍ ରୟାଲ୍ ଏୟାରଫୋର୍ସରେ ପାଇଲଟ୍ ଥିଲେ। ମାତ୍ର ସେ ଗୁପ୍ତରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ବିମାନ ଯୋଗେ ସେମାନଙ୍କ ପାଖକୁ ଗୁପ୍ତ ଚିଠି ଓ ପୁସ୍ତିକା ପହଞ୍ଚାଉଥିଲେ। ଏଥିପାଇଁ ତାଙ୍କୁ ଜେଲ୍ ମଧ ଯିବାକୁ ପଡ଼ିଥିଲା।
- **କଳିଙ୍ଗ ପୁରସ୍କାରର ପ୍ରତିଷ୍ଠାତା:** ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ସେ ନିଜ ପକେଟରୁ ଟଙ୍କା ଦେଇ ୟୁନେସ୍କୋ ଜରିଆରେ ବିଶ୍ୱ ପ୍ରସିଦ୍ଧ 'କଳିଙ୍ଗ ପୁରସ୍କାର' ଆରମ୍ଭ କରିଥିଲେ। ଏହା ଆଜି ବି ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଏକ ସମ୍ମାନଜନକ ପୁରସ୍କାର।
- **ଶିଳ୍ପାୟନର ଜନକ:** ଓଡ଼ିଶାର ଶିଳ୍ପ ବିକାଶ ପାଇଁ ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ସୈନିକ ସ୍କୁଲ୍ ଭଳି ଅନେକ ବଡ଼ ଅନୁଷ୍ଠାନ ଗଠନ କରିଥିଲେ। ସେ ସବୁବେଳେ କହୁଥିଲେ, 'ମୁଁ ଓଡ଼ିଶାକୁ ଏମିତି ଏକ ସ୍ଥାନରେ ଦେଖିବାକୁ ଚାହେଁ ଯେଉଁଠି ଓଡ଼ିଆମାନେ କାହା ଆଗରେ ହାତ ପାତିବେ ନାହିଁ।' ବିଜୁ ବାବୁଙ୍କ ବିଷୟରେ ଆଉ କିଛି ଆଶ୍ଚର୍ଯ୍ୟଜନକ କଥା ଏଠାରେ ଅଛି:
- **ନେହେରୁଙ୍କୁ ଚ୍ୟାଲେଞ୍ଜ:** ଥରେ ଜବାହରଲାଲ ନେହେରୁ ବିଜୁ ବାବୁଙ୍କୁ ପଚାରିଥିଲେ, 'ତୁମେ ଏତେ ସାହସୀ କାହିଁକି ?' ବିଜୁ ବାବୁ ହସି କହିଥିଲେ, 'ମୁଁ ଜଣେ ଓଡ଼ିଆ ଏବଂ ଆମ ରକ୍ତରେ କଳିଙ୍ଗର ସାହସ ଅଛି।'
- **ଆକାଶରୁ ଖାଦ୍ୟ ବଣ୍ଟନ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ଜାପାନୀମାନେ ବର୍ମା (ମିଆଁମାର) ଉପରେ ଆକ୍ରମଣ କଲେ, ବିଜୁ ବାବୁ ନିଜ ବିମାନରେ ଖାଦ୍ୟ ଏବଂ ଔଷଧ ନେଇ ସେଠାରେ ଫସି ରହିଥିବା ସୈନ୍ୟ ଏବଂ ସାଧାରଣ ଲୋକଙ୍କୁ ସାହାଯ୍ୟ କରିଥିଲେ।
- **ଜେଲରେ ବିଜ୍ଞାନ:** ଯେତେବେଳେ ସେ ସ୍ୱାଧୀନତା ସଂଗ୍ରାମ ପାଇଁ ଜେଲରେ ଥିଲେ, ସେ ସମୟକୁ ନଷ୍ଟ ନକରି ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବହି ପଢୁଥିଲେ। ତାଙ୍କର ଏହି ଜ୍ଞାନ ପରବର୍ତ୍ତୀ ସମୟରେ ଓଡ଼ିଶାର ଶିଳ୍ପାୟନରେ ବହୁତ କାମରେ ଆସିଥିଲା।ପାରାଦ୍ୱୀପ
- **ବନ୍ଦର ପାଇଁ ଜିଦ୍:** ଯେତେବେଳେ କେନ୍ଦ୍ର ସରକାର ପାରାଦ୍ୱୀପରେ ବନ୍ଦର ନିର୍ମାଣ ପାଇଁ ଅର୍ଥ ଦେବାକୁ ମନା କରିଦେଲେ, ବିଜୁ ବାବୁ କହିଥିଲେ, 'କେନ୍ଦ୍ର ସରକାର ଟଙ୍କା ଦିଅନ୍ତୁ କି ନାହିଁ, ଓଡ଼ିଶା ନିଜସ୍ୱ ସମ୍ବଳରେ ଏହି ବନ୍ଦର ତିଆରି କରିବ।' ସେ ନିଜ ଜିଦ୍‌ରେ ଅଟଳ ରହି ଏହାକୁ ସମ୍ଭବ କରିଥିଲେ।
- **ଆଧୁନିକ ଓଡ଼ିଶାର ନିର୍ମାତା:** ଆଜି ଆମେ ଯେଉଁ ରାଉରକେଲା ଇସ୍ପାତ କାରଖାନା, ସୁନାବେଡ଼ା ମିଗ୍ (ଗସଏ) ବିମାନ କାରଖାନା ଏବଂ ଭୁବନେଶ୍ୱର ସୈନିକ ସ୍କୁଲ ଦେଖୁଛୁ, ଏସବୁ ପଛରେ ତାଙ୍କର ଦୂରଦୃଷ୍ଟି ରହିଥିଲା।
- **ନିର୍ଭୀକ ସ୍ୱଭାବ:** ସେ କୌଣସି ବିପଦକୁ ଭୟ କରୁନଥିଲେ। ୧୯୬୬ ମସିହାରେ ଯେତେବେଳେ ଓଡ଼ିଶାରେ ଭୟଙ୍କର ବନ୍ୟା ଆସିଥିଲା, ସେ ନିଜେ ବିମାନ ଉଡ଼ାଇ ବିପନ୍ନ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବାଣ୍ଟିବାକୁ ଯାଇଥିଲେ।
- **ନାରୀ ସଶକ୍ତିକରଣ:** ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣ ପ୍ରଥମେ ବିଜୁ ବାବୁ ହିଁ ଓଡ଼ିଶାରେ ଲାଗୁ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ସାରା ଦେଶ ପାଇଁ ଏକ ଉଦାହରଣ ସାଜିଥିଲା।ବିଜୁ ବାବୁଙ୍କ ପରିବାର ଏବଂ ତାଙ୍କ ଶେଷ ସମୟର କିଛି ସ୍ମୃତି ଏଠାରେ ରହିଲା:
- **ନବୀନ ବାବୁଙ୍କ ରାଜନୀତି ପ୍ରବେଶ:** ବିଜୁ ବାବୁ ଜୀବିତ ଥିବା ସମୟରେ ତାଙ୍କ ପୁଅ ନବୀନ ପଟ୍ଟନାୟକ କେବେ ବି ରାଜନୀତିରେ ନଥିଲେ। ସେ ଦିଲ୍ଲୀରେ ରହି ସାହିତ୍ୟ ଏବଂ କଳା ପ୍ରତି ରୁଚି ରଖୁଥିଲେ। ମାତ୍ର ୧୯୯୭ରେ ବିଜୁ ବାବୁଙ୍କ ଦେହାନ୍ତ ପରେ, ଜନତାଙ୍କ ଅନୁରୋଧ କ୍ରମେ ସେ ଓଡ଼ିଶା ଫେରିଲେ ଏବଂ ତାଙ୍କ ଉତ୍ତରାଧିକାରୀ ଭାବେ ରାଜନୀତିରେ ପାଦ ଦେଲେ।
- **ଜ୍ଞାନୀ ପରିବାର:** ବିଜୁ ବାବୁଙ୍କ ଝିଅ ଗୀତା ମେହେଟ୍ଟା ଜଣେ ବିଶ୍ୱ ପ୍ରସିଦ୍ଧ ଲେଖିକା ଥିଲେ। ତାଙ୍କର ବଡ଼ ପୁଅ ପ୍ରେମ ପଟ୍ଟନାୟକ ଜଣେ ସଫଳ ବ୍ୟବସାୟୀ। ବିଜୁ ବାବୁଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ ମଧ ଜଣେ ପାଇଲଟ୍ ଥିଲେ, ଯିଏ ବିଜୁ ବାବୁଙ୍କ ସହ ଅନେକ ସାହସିକ ଯାତ୍ରାରେ ସାଥୀ ହୋଇଥିଲେ।
- **ଶେଷ ସମୟର ଦୃଶ୍ୟ:** ୧୭ ଏପ୍ରିଲ ୧୯୯୭ରେ ଯେତେବେଳେ ଦିଲ୍ଲୀରେ ତାଙ୍କର ଦେହାନ୍ତ ହେଲା, ସାରା ଓଡ଼ିଶା ସ୍ତବ୍ଧ ହୋଇଯାଇଥିଲା। ତାଙ୍କ ଶେଷ ଯାତ୍ରା ସମୟରେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଲକ୍ଷ ଲକ୍ଷ ଲୋକ ଅଶ୍ରୁଳ ନୟନରେ ତାଙ୍କୁ ବିଦାୟ ଦେଇଥିଲେ।
- **ତିନୋଟି ଦେଶର ପତାକା:** ସେ ବୋଧହୁଏ ଏକମାତ୍ର ବ୍ୟକ୍ତି ଯାହାଙ୍କ ପାର୍ଥିବ ଶରୀରକୁ ତିନୋଟି ଦେଶ - ଭାରତ, ଇଣ୍ଡୋନେସିଆ ଏବଂ ରୁଷିଆର ଜାତୀୟ ପତାକା ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହା ତାଙ୍କର ଆନ୍ତର୍ଜାତୀୟ ଖ୍ୟାତିର ପ୍ରମାଣ ଦିଏ।

## ବିଜୁ ବାବୁଙ୍କ ଦ୍ୱାରା ଓଡ଼ିଶାରେ ନିର୍ମିତ ବୃହତ ପ୍ରକଳ୍ପ

- **ହୀରାକୁଦ ବନ୍ଧ:** ଯଦିଓ ଏହି ବନ୍ଧର ପରିକଳ୍ପନା ଆଗରୁ ହୋଇଥିଲା, କିନ୍ତୁ ବିଜୁ ବାବୁ ଏହାର ଶୀଘ୍ର ନିର୍ମାଣ ଏବଂ ସେଠାରୁ ବିଦ୍ୟୁତ୍ ଉତ୍ପାଦନ କରି ଶିଳ୍ପାୟନରେ ବ୍ୟବହାର କରିବା ପାଇଁ ବହୁତ ଚେଷ୍ଟା କରିଥିଲେ। ତାଙ୍କ ସମୟରେ ଓଡ଼ିଶାରେ ଜଳସେଚନ ଓ ଶକ୍ତି କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଥିଲା।
- **ମିଗ୍ ବିମାନ କାରଖାନା:** ସୁନାବେଡ଼ା (କୋରାପୁଟ) ଠାରେ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍‌ର ବିମାନ ଇଞ୍ଜିନ୍ କାରଖାନା ପ୍ରତିଷ୍ଠା କରିବାରେ ବିଜୁ ବାବୁଙ୍କର ମୁଖ୍ୟ ଭୂମିକା ଥିଲା। ସେ ଚାହୁଁଥିଲେ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ମଧ ବଡ଼ ଶିଳ୍ପ ଗଢ଼ିଉଠୁ।
- **ନିର୍ବାଚନ ରେକର୍ଡ:** ବିଜୁ ବାବୁ ପ୍ରଥମେ ୧୯୪୬ ମସିହାରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ମୋଟ୍ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ (୧୯୬୧-୬୩ ଏବଂ ୧୯୯୦-୯୫) ହୋଇଥିଲେ। ଏଥିସହିତ ସେ କେନ୍ଦ୍ରରେ ଇସ୍ପାତ ଏବଂ ଖଣି ମନ୍ତ୍ରୀ ଭାବେ ମଧ ଦାୟିତ୍ୱ ତୁଲାଇଥିଲେ।
- **ଲୋକପ୍ରିୟତା:** ୧୯୯୦ ନିର୍ବାଚନରେ ବିଜୁ ବାବୁଙ୍କ ନେତୃତ୍ୱରେ ଜନତା ଦଳ ଓଡ଼ିଶାର ୧୪୭ଟି ଆସନ ମଧ୍ୟରୁ ୧୨୩ଟି ଆସନ ଜିତି ଏକ ଐତିହାସିକ ରେକର୍ଡ ସୃଷ୍ଟି କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ଏକ ବଡ଼ ସଫଳତା ଭାବେ ଗଣାଯାଏ।
- **ଭୁବନେଶ୍ୱର ବିମାନବନ୍ଦର:** ଆଜି ଆମେ ଯେଉଁ ବିମାନବନ୍ଦର ଦେଖୁଛୁ, ତାହାର ନାମ ତାଙ୍କ ସମ୍ମାନାର୍ଥେ 'ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର' ରଖାଯାଇଛି।ବିଜୁ ବାବୁଙ୍କ ପ୍ରିୟ 'ଡାକୋଟା' ଡିସି -୩ ବିମାନ ବିଷୟରେ ଏହି ରୋଚକ ତଥ୍ୟଗୁଡ଼ିକ ଆପଣଙ୍କୁ ନିଶ୍ଚିତ ଭାବେ ଭଲ ଲାଗିବ:
- **କଳିଙ୍ଗ ଏୟାରଲାଇନ୍ସ :** ବିଜୁ ବାବୁ ନିଜେ ଜଣେ ଦକ୍ଷ ପାଇଲଟ୍ ଥିଲେ ଏବଂ ସେ 'କଳିଙ୍ଗ ଏୟାରଲାଇନ୍ସ' ପ୍ରତିଷ୍ଠା କରିଥିଲେ। ତାଙ୍କ ପାଖରେ ପ୍ରାୟ ୧୫ରୁ ଅଧିକ ଡାକୋଟା ବିମାନ ଥିଲା।
- **ସାହସିକତାର ପ୍ରତୀକ:** ଏହି ଡାକୋଟା ବିମାନରେ ହିଁ ସେ ଇଣ୍ଡୋନେସିଆର ନେତାଙ୍କୁ ଉଦ୍ଧାର କରିଥିଲେ ଏବଂ କାଶ୍ମୀରରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଭାରତୀୟ ସୈନ୍ୟଙ୍କୁ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।
- **କଲିକତାରୁ ଭୁବନେଶ୍ୱର:** ବିଜୁ ବାବୁଙ୍କର ଏହି ପ୍ରସିଦ୍ଧ ବିମାନ (ଭିଟି ଏୟୁଆଇ) ଦୀର୍ଘ ବର୍ଷ ଧରି କଲିକତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତୀୟ ବିମାନବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା।
- **ଐତିହାସିକ ପ୍ରତ୍ୟାବର୍ତ୍ତନ:** ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଏହି ବିମାନକୁ କଲିକତାରୁ ସମ୍ପୂର୍ଣ୍ଣ ଖୋଲି ତିନୋଟି ବଡ଼ ଟ୍ରଲର ସାହାଯ୍ୟରେ ୨୦୨୩ ମସିହା ଜାନୁଆରୀ ମାସରେ ଭୁବନେଶ୍ୱର ଅଣାଯାଇଥିଲା। ବର୍ତ୍ତମାନ ଏହି ବିମାନକୁ ମରାମତି କରି ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ବାହାରେ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମରେ ରଖାଯାଇଛି। ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ (୫ ମାର୍ଚ୍ଚ ୨୦୨୩) ଅବସରରେ ଏହାକୁ ଲୋକାର୍ପିତ କରାଯାଇଥିଲା।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁ ନାହାନ୍ତି ଯନ୍ତ୍ରୀ
# ନଦୀ ଖୋଳି ନଦୀ ପୋତୁଛି ଠିକାଦାର



ପୁରୀ, ୦୪/୦୪ (ଜେଏନ୍‌ଏସ୍) : ପୁରୀ ଜିଲ୍ଲାରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ଓ ସମସ୍ତ ଜମିକୁ ସଠିକ ଜଳସେଚନର ସୁବ୍ୟବସ୍ଥା ପାଇଁ ନୀଳାଚଳ କୃଷକ ମହାସଂଘ ୧୯୮୫ ମସିହାରୁ ଅହରହ ଚେଷ୍ଟିତ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ମହାସଂଘ ତରଫରୁ ବିଭିନ୍ନ ସମୟରେ ଆନ୍ଦୋଳନ, ବିକ୍ଷୋଭ, ରାସ୍ତାରୋକ, ସରକାରୀ କାର୍ଯ୍ୟାଳୟ ଘେରାଉ, ଅନଶନ ଓ ଆମରଣ ଅନଶନ ଫଳରେ ରାଜ୍ୟ ସରକାର ଉପରୋକ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ନଦୀ ଓ ନାଳ ଖନନ ପାଇଁ ପର୍ଯ୍ୟାୟ କ୍ରମେ ଅର୍ଥ ମଞ୍ଜୁର କରିଆସୁଛନ୍ତି । ଚଳିତ ବର୍ଷ ଦୟାନଦୀର ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚିରିମଲ ଠାରୁ କଣାସ ବ୍ଲକର ବୋତଲମା ପର୍ଯ୍ୟନ୍ତ ଦୀର୍ଘ ୨୧ କିମି ଓ ଲୁଣା ନଦୀର କଣାସ ବ୍ଲକ ଅନ୍ତର୍ଗତ ବଡଗୋଠ ଠାରୁ ମାଢି ପୁର ପର୍ଯ୍ୟନ୍ତ ୧୭.୫ କିମି ଖନନ ପାଇଁ ଜଳ ସମ୍ପଦ ବିଭାଗର ଜଳ ନିଷ୍କାସନ ବିଭାଜନ, ପୁରୀ ଓ ଓଡ଼ିଶା ନିର୍ମାଣ ନିଗମ ଲିଂ, ଭୁବନେଶ୍ୱରଙ୍କ ଜରିଆରେ ଆନ୍ଧ୍ର ପ୍ରଦେଶର ଏକ ଠିକାଦାର ସଂସ୍ଥା - ଏନ୍‌ଏଏସ୍ ବାବୋ କନ୍‌ଷ୍ଟ୍ରକ୍ସନ୍ ପ୍ରା:ଲିକୁ ନିଯୁକ୍ତ କରାଯାଇଅଛି । ଦୟା ନଦୀର ଚିରିମଲ ଠାରୁ ଘୋରଡିଆ ୩ କିମି ପର୍ଯ୍ୟନ୍ତ ୪୦ ମିଟର ଓସାରରେ ଖନନ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଗଭୀରତା ପ୍ରଥମ ୧ କିମି ୧.୨ ମିଟର ଥିବା ବେଳେ, ୨ୟ ୧.୫ମି ଓ ୩ୟ ୧ ମିଟର ଏବଂ ଘୋରଡ଼ିଆ ଠାରୁ ବୋତଲମା ୧୮ କିମି ପର୍ଯ୍ୟନ୍ତ ୩୦ ମିଟର ଓସାରରେ ଖନନ କରାଯିବା ସହିତ ଅନୁନ୍ୟ ୧.୫ ମିଟରରୁ ୩ ମିଟର ଗଭୀରତାରେ ଖନନ ପ୍ରବଧାନିକତା ରହିଅଛି । ସମୁଦାୟ ୧୬,୭୨,୫୩୧ କ୍ୟୁବିମିଟର ପାଇଁ ୧କ୍ୟୁବିମିଟରକୁ ଡ୍ରେଜର ସାହାଯ୍ୟ ଖନନ ପାଇଁ ଟ ୨୪୫/- ହିସାବରେ ୪୧,୦୪,୩୯,୨୮୪ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଦଳ ସଫା ପାଇଁ ଟ ୪୬,୮୩,୦୮୬/- ମଞ୍ଜୁର ହୋଇଅଛି । ସେହିପରି ଲୁଣା ନଦୀର ବଡଗୋଠ ଠାରୁ ମାଢି ପୁର ପର୍ଯ୍ୟନ୍ତ ୧୭.୫ କିମି ନଦୀକୁ ୫୦ମିଟର ଓସାର ଓ ଗହୀଡା ପ୍ରାୟ ୧.୦୦ ମିଟରରୁ ୨ ମିଟର ଖନନ ପାଇଁ ପ୍ରାବଧାନିକତା ଥିବା ବେଳେ ଅନୁନ୍ୟ ୧୦,୯୧,୪୭୩ କ୍ୟୁବିମିଟରମାଟି ଖନନ ପାଇଁ ଟ ୨୬,୭୫,୪୭,୬୨୬ ଙ୍କା ମଞ୍ଜୁର ହୋଇଥିବା ବେଳେ ଦଳ ସଫା ପାଇଁ ଟ ୩୦,୫୬,୧୨୪/- ମଞ୍ଜୁର ହୋଇଅଛି ଏବଂ ଲୁଣା ନଦୀର ଉପର ଭାଗ ପଦନଇଙ୍କ ଠାରୁ ହଟ ଡେଲାଙ୍ଗ ପର୍ଯ୍ୟନ୍ତ ୧୧ କିମିକୁ ଡ୍ରେଜର ସାହାଯ୍ୟରେ ଅନୁନ୍ୟ ୧୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଉକ୍ତ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ନଦୀ ଖୋଳି ପୁଣି ନଦୀରେ ମାଟି ପକାଉ ଅଛନ୍ତି । ବିଗତ ଦିନମାନଙ୍କରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ, ଜଳ ଯୋଗାଣ, କଟକ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭାଗୀୟ ଯନ୍ତ୍ରୀମାନେ ମହାସଂଘକୁ ସମସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରୁଥିଲେ ଏବଂ ଗତ ତା ୧୯-୦୩-୨୦୧୬ ରିଖ ଜିଲ୍ଲାପାଳ, ପୁରୀଙ୍କ ବୈଠକ ବିବରଣୀର କ୍ରମାଙ୍କ ୪୩ରେ ସମସ୍ତ ଅଧିକାରୀ ମହାସଂଘକୁ ଭନ୍ନତି ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ଏବଂ ଗତ ୦୩.୦୨.୨୦୨୬ ରିଖରେ ଜିଲ୍ଲାପାଳ, ପୁରୀ ବିଭାଗୀୟ ଅଧିକାରୀ ମାନଙ୍କୁ ଲିଖିତ ଭାବେ ନିର୍ଦ୍ଦେଶ ପ୍ରଦାନ କରିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ତାଙ୍କ ଇଚ୍ଛା ମୁତାବକ ହେଜିଙ୍ଗ ପାଇଁ ଉଦ୍ଦିଷ୍ଟ ଥିବା କାର୍ଯ୍ୟକୁ ଏସ୍କାଭେଟ ମାଧ୍ୟମରେ ଖନନ କରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ପ୍ରଦାନ କରିବା ସହିତ ତହସିଲଦାରଙ୍କ ଦ୍ୱାରା ଚିହ୍ନଟ ସରକାରୀ ଜାଗାରେ ମାଟି ପୋତିବା ଆଇନକୁ ଅଣଦେଖାକରି ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କୁ ଖନନ ହୋଇଥିବା ବାଲି ଓ ମାଟିକୁ ଚଢ଼ା ଦରରେ ବିକ୍ରୟ କରାଯାଉଥିବା ଖବର ପାଇ ମହାସଂଘର ସଭାପତି ଗୋପୀନାଥ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଗତ ତା ୧୪-୦୩-୨୦୨୬ ରିଖରେ କ୍ଷେତ୍ର ପରିଦର୍ଶନ କରିଥିଲେ ଏବଂ ସଂପୃକ୍ତ ଯନ୍ତ୍ରୀ ମାନେ ସ୍ଥାନୀୟ ରାଜନେତାଙ୍କ ପ୍ରରୋଚନାରେ ଠିକାଦାରକୁ ଏସ୍କଭେଟ ସାହାଯ୍ୟରେ ଖନନ ପାଇଁ ମୌଖିକ ନିର୍ଦ୍ଦେଶ ଦେବା ସହିତ ବାଲି ଓ ମାଟି ବାହାରେ ବିକିବା ସତ୍ୟ ଅଟେ ବୋଲି ଜାଣିଥିଲେ ଏବଂ ଏହାର ତୁରନ୍ତ ପ୍ରତିକାର ଓ ସଂପୃକ୍ତ ଯନ୍ତ୍ରୀ ମାନଙ୍କ ବିରୁଦ୍ଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ମହାସଂଘ ତରଫରୁ ଜିଲ୍ଲାପାଳଙ୍କ ସହିତ ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ, ପିପିଲି, ସତ୍ୟବାଦୀ ଓ ବ୍ରହ୍ମଗିରି, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗ, ଭୁବନେଶ୍ୱର ଓ ମୁଖ୍ୟ ଯନ୍ତ୍ରୀ ଜଳ ଯୋଗାଣ ବିଭାଗ କଟକକୁ ଲିଖିତ୍ ଭାବେ ଅବଗତ କରାଯାଇଅଛି । ଯଦି ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଖୁବଶୀଘ୍ର କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ଆସନ୍ତା ତା ୧୦-୦୪-୨୦୨୬ ରିଖ ଦିନ ୨ ଘଟିକା ଠାରୁ ଦାବୀ ପୂରଣ ପର୍ଯ୍ୟନ୍ତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପଚ୍ଚନାୟିକା ଛକ ଠାରେ ହଜାର ହଜାର ଚାଷୀଙ୍କ ଦ୍ୱାରା ଅବରୋଧ କରାଯିବ ବୋଲି ସଭାପତି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି।

# ବିଜେପି ସାଂସଦ ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ଦିଲ୍ଲୀରେ ବିଜେପି ସାଂସଦ ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି । ସେହିଭଳି ସାଂସଦ ମାନେ ମଧ୍ୟ ନିଜ ନିଜ ନିର୍ବାଚନ ମଣ୍ଡଳୀ ବିଷୟରେ ଚର୍ଚ୍ଚା ଆଲୋଚନା କରିଛନ୍ତି । ଗତ ଶନିବାର ଠାରୁ ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ଏହି ଗସ୍ତ ସମୟରେ ମନ୍ତ୍ରୀମଣ୍ଡଳ ଅଦଳବଦଳ ନେଇ ମଧ୍ୟ ଚର୍ଚ୍ଚା ଚାଲିଥିବା ସୂଚନା ମିଳିଥିଲା । ରାଜ୍ୟରେ ବିଧାନସଭା ପରେ ପରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ନେଇ ବଢ଼ିଲା ଚର୍ଚ୍ଚା । ଦୁଇ ମାସ ପରେ ଦୁଇ ବର୍ଷ ପୂର୍ତ୍ତି କରିବାକୁ ଯାଉଥିବା ମୋହନ ସରକାର ନେଇପାରନ୍ତି ବଡ଼ ପଦକ୍ଷେପ । ମନ୍ତ୍ରୀ ମଣ୍ଡଳରେ ୬ ମନ୍ତ୍ରୀପଦ ଖାଲି ପଡିଛି। ମନ୍ତ୍ରୀପଦ ପୂରଣ ପାଇଁ ଦିଲ୍ଲୀରେ ମାନସ ମନ୍ଥନ ଚାଲିଥିବା ଚର୍ଚ୍ଚା ଜୋର ଧରିଛି। ଏହାସହ ନିଗମ ପଦ ପୂରଣ ନେଇ ବି ବଡ଼ ନିଷ୍ପତ୍ତି ନେଇପାରନ୍ତି ମୁଖ୍ୟମନ୍ତ୍ରୀ । ଦୁଇ ମାସ ପରେ ଦୁଇ ବର୍ଷ ପୂରଣ କରିବେ ମୋହନ ମାଝୀ ସରକାର। ହେଲେ ଏହି ଦୁଇ ମାସ ମଧ୍ୟରେ ସରକାରର ବଡ଼ ନିଷ୍ପତ୍ତି ନେବାକୁ ଅଣ୍ଟା ଭିଡ଼ିଛନ୍ତି । ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହ ବୋର୍ଡ ନିଗମ ପଦବୀ ପୂରଣ ନେଇ ଦିନପରେ ଦିନ ଗଡୁଥିବାରୁ ଏହି ପ୍ରକ୍ରିୟାକୁ ଦୁଇ ମାସ ମଧ୍ୟରେ ଶେଷ କରିବା ପାଇଁ କେନ୍ଦ୍ରରୁ ନିର୍ଦ୍ଦେଶ ଆସିଛି । କୁହାଯାଉଛି ଦିଲ୍ଲୀ ନେତୃତ୍ୱଙ୍କ ପାଖରେ ଏବେ ରାଜ୍ୟ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ । ଏହି ରିପୋର୍ଟ କାର୍ଡ ଅନୁଯାଇ ସମ୍ପ୍ରସାରଣ ହେବ ମନ୍ତ୍ରୀମଣ୍ଡଳ । ଚର୍ଚ୍ଚା ଅନୁଯାଇ ଏକାଧିକ ବିଭାଗ ଥିବା ମନ୍ତ୍ରୀ ମାନଙ୍କ ଠାରୁ କିଛି ବିଭାଗ କାଢ଼ି ନୂଆ ମନ୍ତ୍ରୀମାନଙ୍କୁ ହସ୍ତାନ୍ତର କରାଯିବ । ଅତି ଆବଶ୍ୟକ ପଡ଼ିଲେ ମନ୍ତ୍ରୀମଣ୍ଡଳରେ କିଛି ଅଦଳ ବଦଳ ମଧ୍ୟ କରାଯାଇପାରେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଥିବାରୁ ଏଭଳି ଆଲୋଚନା ଜୋର ଧରିଛି । ତେବେ ସୂଚନା ଅନୁଯାଇ, ବିଧାନସଭା ଅଧିବେଶନ ଶେଷ ହେବା ପରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରିବାକୁ ଦିଲ୍ଲୀରେ ପ୍ରସ୍ତୁତ ହେଉଛି ଯୋଜନା ।

# ବିଜେଡିକୁ ଝଟକା : ଦଳ ଛାଡ଼ିଲେ ୧୧ ନେତା

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ୧୦ ନେତା ସାମୂହିକ ଭାବେ ସେମାନଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେମାନେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସେଥିରେ ଉଲ୍ଲେଖ କରିଛନ୍ତି। ବିଜେଡିରୁ ଆଜି ୧୧ ଜଣ ନେତା ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦୁଝରଗଡ଼ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ। ତାଙ୍କ ସହିତ କେନ୍ଦୁଝରଗଡ଼ ପୌରପାଳିକାର ୮ ଜଣ କାଉନସିଲର ମଧ୍ୟ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଏହି ୯ ନେତା ସାମୂହିକ ଭାବେ ସେମାନଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେମାନେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସେଥିରେ ଉଲ୍ଲେଖ କରିଛନ୍ତି। ସେହିପରି କେନ୍ଦୁଝରର ଆଉ ୨ ଜଣ ନେତା ବିଜେଡିରୁ ଇସ୍ତଫା ଦେଇଛନ୍ତି। ଦଳର କେନ୍ଦୁଝର ସଦରର ସାଧାରଣ ସଂପାଦକ ଥିବା ଶୁଭେନ୍ଦୁ ପଟ୍ଟନାୟକ ଓ ସରତ କୁମାର ସାହୁ ଇସ୍ତଫା ଦେଇଛନ୍ତି। ସେମାନେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବେଳେ ସେମାନଙ୍କ ଇସ୍ତଫାପତ୍ର ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେମାନେ ମଧ୍ୟ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

ଦଳରୁ ଇସ୍ତଫା ଦେଇଥିବା କେନ୍ଦୁଝରଗଡ଼ ପୌରପାଳିକାର ୮ ଜଣ କାଉନସିଲର ହେଉଛନ୍ତି, ୧ ନମ୍ବର ଓ୍ୱାର୍ଡର ଶରତ କୁମାର ସାହୁ, ୭ ନମ୍ବର ଓ୍ୱାର୍ଡର ଅବିନାଶ ମିଶ୍ର, ୮ ନମ୍ବର ଓ୍ୱାର୍ଡର ଦୟାନିଧି ପାତ୍ର, ୧୦ ନମ୍ବର ଓ୍ୱାର୍ଡର ପଦ୍ମିନୀ ପାତ୍ର, ୧୨ ନମ୍ବର ଓ୍ୱାର୍ଡର କରୁଣାକର ମାଝୀ, ୧୫ ନମ୍ବର ଓ୍ୱାର୍ଡର ଭଗବାନ ନାଏକ, ୧୬ ନମ୍ବର ଓ୍ୱାର୍ଡର ସବିତା ପଟ୍ଟନାୟକ ଓ ୨୧ ନମ୍ବର ଓ୍ୱାର୍ଡର ହେମନ୍ତ କୁମାର ପତି। କେନ୍ଦୁଝରଗଡ଼ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ କହିଛନ୍ତି, ଆମ ରାଜନୀତିକ କ୍ୟାରିୟର ଆରମ୍ଭ ହୋଇଥିଲା ଅଣ-କଂଗ୍ରେସ ରାଜନୀତିରୁ। ବର୍ତ୍ତମାନ ବିଜୁ ଜନତା ଦଳ କଂଗ୍ରେସ ସହିତ ମେଣ୍ଟ କରି ରାଜ୍ୟସଭା ନିର୍ବାଚନ ଲଢ଼ିଲା। ଅନ୍ୟାନ୍ୟ କ୍ଷେତ୍ରରେ ବି ସେମାନେ କଂଗ୍ରେସ ସହିତ ମିଶିଛନ୍ତି। ଏହାକୁ ମୁଁ ସହଜରେ ଗ୍ରହଣ କରିପାରିଲି ନାହିଁ। ଏହାକୁ ବିରୋଧ କରି ମୁଁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛି। ବିଜେଡିରୁ ଇସ୍ତଫା ଦେଇଥିବା ଏହି ନେତାମାନେ ବିଜେପିରେ ଯୋଗ ଦେବେ ବୋଲି ଆଲୋଚନା ହେଉଥିବା ବେଳେ ଶ୍ରୀ ଦାସ କହିଛନ୍ତି ଯେ ଏନେଇ କୌଣସି ନିଷ୍ପତ୍ତି ହୋଇନି। ଆଗାମୀ ଦିନରେ ଜଣାପଡ଼ିବ।

# ନିର୍ବାଚନରେ ସମର୍ଥନ ପାଇଁ ମୋଦିଙ୍କୁ ଧନ୍ୟବାଦ ଜଣାଇଲେ ଦିଲ୍ଲୀପ ରାୟ

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ରାଜ୍ୟସଭା ନିର୍ବଚନରେ ବିଜୟ ପରେ ମୋଦିଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି ବିଜେପି ସମର୍ଥିତ ସ୍ୱାଧୀନ ବିଜୟୀ ଦିଲ୍ଲୀପ ରାୟ। ଯାହାକୁ ନେଇ ସେ ନିଜ ସାମଜିକ ଗଣାମଧ୍ୟମରେ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷକରି ନିର୍ବାଚନରେ ସମର୍ଥନ ପାଇଁ ସେ ମୋଦିଙ୍କୁ କୃତଜ୍ଞତା ଜଣାଇଥିବା ଲେଖିଛନ୍ତି। ସେ ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ଭେଟିବା ଏବଂ ସମ୍ପ୍ରତି ରାଜ୍ୟସଭା ନିର୍ବାଚନ ସମୟରେ ତାଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ମୋର ହୃଦୟର କୃତଜ୍ଞତା ପ୍ରକାଶ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅକ୍ଳାନ୍ତ ସମର୍ପଣ ଏବଂ ଦେଶ ପ୍ରତି ଅଟଳ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଇ ଆସୁଛି। ତାଙ୍କ ପ୍ରୋତ୍ସାହନ ଏବଂ ମାର୍ଗଦର୍ଶନରେ ଗଭୀର ଭାବରେ ବିନମ୍ର। ନୂତନ ସଂକଳ୍ପ ସହିତ ଓଡ଼ିଶା ଏବଂ ଦେଶ ସେବା କରିବାକୁ ପ୍ରତିବଦ୍ଧ ବୋଲି ସେ ଲେଖିଛନ୍ତି।

# ରମେଶଙ୍କ ଅସ୍ପଷ୍ଟ ରଣନୀତି, ନେତା ଖୋଜୁଛି କଂଗ୍ରେସ

ବ୍ରହ୍ମପୁର, ୦୪/୦୪ (ଜେଏନ୍‌ଏସ୍) : ରାଜ୍ୟସଭା ନିର୍ବାଚନରେ ଗଞ୍ଜାମ ଜିଲା ସାନଖେମୁଣ୍ଡିର କଂଗ୍ରେସ ବିଧାୟକ ରମେଶ ଜେନା କ୍ରସଭୋଟିଂ କରିବାକୁ ନେଇ ଜିଲା ରାଜନୀତି ସରଗରମ ହୋଇଛି। କ୍ରସଭୋଟିଂ ଅଭିଯୋଗରେ ରମେଶଙ୍କୁ ରାଜ୍ୟ କଂଗ୍ରେସ ନିଲମ୍ବନ କରିବା ସହ ତାଙ୍କର ସଭ୍ୟ ପଦ ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯିବା ପରେ ଏବେ ରମେଶଙ୍କ ଉପରେ ନଜର ରହିଛି। କଂଗ୍ରେସ ପାଇଁ ଗଞ୍ଜାମ ଜିଲାରେ ସାଂଗଠନିକ ଚିନ୍ତା ଲାଗି ରହିଥିବା ବେଳେ ରମେଶଙ୍କ ସ୍ଥାନରେ ସାନଖେମୁଣ୍ଡିରେ କାହାକୁ ନେତୃତ୍ୱ ଭାର ଦିଆଯିବ, ତାହା ଉପରେ ଦଳ ଚିନ୍ତନ ଆରମ୍ଭ କରିଛି। ଗଞ୍ଜାମ ଜିଲାରେ ଦୀର୍ଘ ବର୍ଷ ହେବ କଂଗ୍ରେସର ସାଂଗଠନିକ ସମସ୍ୟା ଲାଗି ରହିଛି। ଏହି ଜିଲାର ୧୩ ବିଧାନସଭା ଆସନ ମଧ୍ୟରୁ କେବଳ ସାନଖେମୁଣ୍ଡିକୁ ବାଦ୍ ଦେଲେ ଗତ କିଛି ବର୍ଷ ହେଲା ଦଳର ସଂଗଠନ ଦୁର୍ବଳ ରହିଛି। ଧାରାକୋଟ ଓ ସାନଖେମୁଣ୍ଡି ବ୍ଲକକୁ ନେଇ ଗଠିତ ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ରମେଶ ୩ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ୨୦୦୯, ୨୦୧୯ ଏବଂ ୨୦୨୪ ନିର୍ବାଚନରେ ସେ ସେଠାରୁ ବିଜୟୀ ହୋଇ କଂଗ୍ରେସର ଗଡ଼କୁ ସୁରକ୍ଷିତ ରଖିବାରେ ସମର୍ଥ ହୋଇଥିଲେ। ୨୦୨୪ରେ ରମେଶ ଜେନା ୬୫,୮୬୬ଟି ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ୨୦୧୯ରେ ୭୫,୦୨୧ଟି ଭୋଟ ପାଇଥିଲେ। ସେହିପରି ୨୦୧୪ରେ ରମେଶ ପରାସ୍ତ ହୋଇ ସୁଦ୍ଧା ୫୦,୪୮୭ ଭୋଟ୍ ପାଇଥିଲେ। ୨୦୨୪ ନିର୍ବାଚନରେ ଗଞ୍ଜାମ ଜିଲାରେ ବିଜେପି ୧୧ ଆସନରେ ବିଜୟୀ ହୋଇଥିବାବେଳେ ବିଜେଡି ଏବଂ କଂଗ୍ରେସ ଗୋଟିଏ ଲେଖାଏଁ ଆସନ ଜିତିଥିଲେ। କହିବାକୁ ଗଲେ ସାନଖେମୁଣ୍ଡି ଆସନରେ କଂଗ୍ରେସ ନିଜର ଭୋଟବ୍ୟାଙ୍କକୁ ଏକପ୍ରକାର ଅତୁଟ ରଖିବାରେ ସକ୍ଷମ ହୋଇଥିଲା। ରମେଶଙ୍କୁ ବାଦ୍ ଦେଲେ ଗତ କିଛି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀମାନେ ଜିଲାର କୌଣସି ବିଧାନସଭା ଆସନରେ ଏତେସଂଖ୍ୟକ ଭୋଟ୍ ପାଇନାହାନ୍ତି। ୨୦୨୪ ନିର୍ବାଚନ ପରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ଗଞ୍ଜାମ ଜିଲାକୁ ୨ଟି ସାଙ୍ଗଠନିକ ଜିଲାରେ ବିଭକ୍ତ କରାଯାଇଥିଲା। କଂଗ୍ରେସ ପକ୍ଷରୁ ନବସୃଜନ ସଂଗଠନ ଜରିଆରେ ତୃଣମୂଳସ୍ତରରୁ ଜିଲା ସଭାପତି ପାଇଁ ବିଭିନ୍ନସ୍ତରରୁ ମତାମତ ସଂଗ୍ରହ କରାଯାଇଥିଲା। ଏହି ଅଭିଯାନରେ ରମେଶ ଗଞ୍ଜାମ ଜିଲା କଂଗ୍ରେସ କମିଟି (ପଶ୍ଚିମ) ସଭାପତି ନିର୍ବାଚିତ ହୋଇଥିଲେ। ଏଭଳି ସ୍ଥିତିରେ କ୍ରସଭୋଟିଂ ପାଇଁ ଦଳରୁ ରମେଶ ନିଲମ୍ବନ ହେବା ପରେ ସେଠାରେ ଦଳ କାହାକୁ ନେଇ ଆଗକୁ ବଢିବ ତାହା ଏଯାଏଁ ସ୍ପଷ୍ଟ ହୋଇନି। ଏବେ ଦଳ ପାଇଁ ପ୍ରମୁଖ ଚିନ୍ତା ହେଉଛି ସାଂଗଠନିକ ପୁନର୍ବିନ୍ୟାସ। ରମେଶଙ୍କ ବଦଳରେ କାହାକୁ ଜିଲା ସଭାପତି କରାଯିବ ସେଥିନେଇ ପିସିସି ପକ୍ଷରୁ ଭୁବନେଶ୍ୱରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ଅଞ୍ଚଳର ବହୁ ନେତାଙ୍କ ମତାମତ ସଂଗ୍ରହ କରାଯାଇଥିଲା। ରମେଶଙ୍କ ସ୍ଥାନରେ କାହାକୁ (ପଶ୍ଚିମ) ଜିଲା ସାଂଗଠନିକ ସଭାପତି ନିଯୁକ୍ତ କରାଯିବ ତାହା ଚୂଡ଼ାନ୍ତ ହୋଇନଥିଲେ ମଧ୍ୟ ଦଣ୍ଡପାଣି ପାତ୍ର ଏବଂ ସଂଗ୍ରାମ ମହାନ୍ତିଙ୍କ ସମେତ ୩ ଜଣଙ୍କ ନାମ ଉପରେ ଆଲୋଚନା ହୋଇଥିଲା। ଏଆଇସିସିର ଅନୁମୋଦନ ପରେ ଏଠାରେ ଖୁବ୍‌ଶୀଘ୍ର ଜିଲା ସଭାପତି ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କଂଗ୍ରେସରୁ ନିଲମ୍ବନ ପରେ ରମେଶ କଂଗ୍ରେସ ଗଡ଼କୁ ଭାଙ୍ଗିବେ ନା’ ନିଜ ଦମ୍‌ରେ ସମର୍ଥକଙ୍କୁ ନେଇ ସଂଗଠନକୁ ବଢାଇବେ ତାହା ସ୍ପଷ୍ଟ ହୋଇନି। ଇତିମଧ୍ୟରେ କଂଗ୍ରେସର କିଛି ନେତା ରମେଶଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କଲେଣି। କଂଗ୍ରେସରୁ ନିଲମ୍ବନ ପରେ ରମେଶ ନିଜ ନିର୍ବାଚନମଣ୍ଡଳୀରେ ଖୁବ୍‌ଶୀଘ୍ର ଶକ୍ତି ପ୍ରଦର୍ଶନ କରିପାରନ୍ତି ବୋଲି କୁହାଯାଉଛି।



# ତହସିଲଦାରଙ୍କୁ ହତ୍ୟା ଧମକ ଦେଲେ ବିଜେଡ଼ି ବିଧାୟିକାଙ୍କ ସ୍ୱାମୀ

ନର୍ଲା, ୦୪/୦୪ (ଜେଏନ୍‌ଏସ୍) : ତହସିଲଦାରଙ୍କୁ ଅଶ୍ଳୀଳ ଭାଷାରେ ଗଲି ଗୁଲଜ କରିବା ସହ ହତ୍ୟା ଧମକ ଦେଲେ ବିଜେଡ଼ି ବିଧାୟିକାଙ୍କ ସ୍ୱାମୀ। ବିଜେଡିର ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଦୁର୍ଗାପ୍ରସନ୍ନ ମହାନ୍ତିଙ୍କ ନାମରେ ଆସିଲା ସାଙ୍ଘାତିକ ଅଭିଯୋଗ। କଳାହାଣ୍ଡି ଜିଲ୍ଲା ନର୍ଲା ବିଧାୟିକାଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତି ଓରଫ ମୁନ୍ନା ମହାନ୍ତିଙ୍କ ନାମରେ ଆସିଛି ସାଙ୍ଘାତିକ ଅଭିଯୋଗ। ମୁନ୍ନା ନର୍ଲା ତହସିଲଦାର ବିଭୁପ୍ରସାଦ ସିଂ ଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ ଦେବା ସହ ଜୀବନରେ ମାରି ଦେବାର ଧମକ ଦେଇଥିବା ତହସିଲଦାର ପୋଲିସ ପାଖରେ ଅଭିଯୋଗ କରିଥିଲେ। ତେବେ କିଛି ଦିନ ହେଲା କଳାହାଣ୍ଡି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରରେ ଡେରା ପକେଇ ମୁନ୍ନା ମହାନ୍ତି ଉପରେ ନଜର ରଖିଥିଲେ। ମୁନ୍ନା ବିଧାୟିକାଙ୍କ ସରକାରୀ ବାସଭବନରେ ଥିବା ଜାଣିପାରି ଆଜି ଚଢ଼ଉ କରିଥିବା ଜଣାପଡିଛି। ତେବେ ଏହାକୁ ନେଇ ବିଜେଡି ନେତା ମାନେ ଘଟଣା ସ୍ଥଳରେ ପହଞ୍ଚି ପୋଲିସକୁ ବିରୋଧ କରିଛନ୍ତି। ଘଟଣାକୁ ନେଇ ପୋଲିସ ପାଖରେ ମାମଲା ରୁଜୁ ହୋଇଥିବାକୁ ଜଣାପଡିଛି।

# ଓଡ଼ିଶା କଂଗ୍ରେସର ସୋସିଆଲ ମିଡିଆ ନୂଆ ଅଧକ୍ଷ ହେଲେ ବିଶ୍ୱଜିତ୍



କଟକ, ୦୪/୦୪ (ଜେଏନ୍‌ଏସ୍) : ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ନୂଆ ଅଧକ୍ଷ ହେଲେ ବିଶ୍ୱଜିତ୍ ମହାନ୍ତି । ଶ୍ରୀ ମହାନ୍ତି ଅଳ୍ପ କିଛିଦିନ ପୂର୍ବେ ବିଜେଡି ଛାଡ଼ି କଂଗ୍ରେସ ଦଳରେ ଯୋଗଦେଇଥିଲେ ।ଜଣେ ଦକ୍ଷ ରାଜନେତା ଭାବରେ କଟକ ସହରରେ ଶ୍ରୀ ମହାନ୍ତିଙ୍କର ପ୍ରଭାବ ରହିଛି ।ଆଇନଜ୍ଞ ପରିବାରରୁ ଆସିଥିବା ଶ୍ରୀ ମହାନ୍ତି ରାଜନୀତିରେ ସକ୍ରିୟ ଥିବା ସହିତ ଜଣେ ଟ୍ରେଡ ୟୁନିଅନ ଲିଡର ଭାବେ ବିଭିନ୍ନ ଶ୍ରମିକ ସଂଗଠନ ସହିତ ମଧ୍ୟ ଜଡ଼ିତ ଅଛନ୍ତି ।ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରଚାର ପ୍ରସାର ପାଇଁ ସୋସିଆଲ ମିଡିଆ ଏକ ଉତ୍ତମ ପନ୍ଥା ହୋଇଥିବାବେଳେ ଏହାକୁ ଅଧିକ କ୍ରିୟାଶୀଳ କରି ଦଳର ନୀତି ଆଦର୍ଶ ଓ ବିଭିନ୍ନ ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ସ୍ୱର ହେବାକୁ କଂଗ୍ରେସ ଦଳ ଗୁରୁତ୍ୱ ଦେଉଛି । ଏହି ପରିପ୍ରେକ୍ଷୀରେ ବିଶ୍ୱଜିତ୍ ମହାନ୍ତି ଙ୍କୁ ରାଜ୍ୟ କଂଗ୍ରେସ ସୋସିଆଲ ମିଡିଆ ଅଧକ୍ଷ କରି ଦଳକୁ ଅଧିକ ଚଳ ଚଞ୍ଚଳ କରିବା ଲକ୍ଷ୍ୟ ରଖିଛି କଂଗ୍ରେସ ।ବିଶ୍ୱଜିତ୍ ଙ୍କ ଏହି ନୂତନ ଦାୟିତ୍ୱ ନିଶ୍ଚୟ ଦଳକୁ ମଜବୁତ କରିବ ବୋଲି କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା,ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ,ବରିଷ୍ଠ ନେତା ନିର୍ମଳ ସ୍ୱାଇଁ, ରଜନୀ ବସ୍ତିଆ,ଜୟନାରାୟଣ ତ୍ରିପାଠୀ, ରଶ୍ମିକାନ୍ତ ସାମଲ, ପ୍ରମୁଖ ଆଶାବ୍ୟକ୍ତ କରିବା ସହ ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏହି ନିଯୁକ୍ତି ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲୁ,ଅଖିଳ ଭାରତ କଂଗ୍ରେସ କମିଟି ସଂଗଠନ ସମ୍ପାଦକ ଶ୍ରୀ ଭେନୁ ଗୋପାଳ ଜୀ,ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମାଲିକାର୍ଜୁନ ଖଡଗେ ଜୀ ଓ ସର୍ବୋପରି ଶ୍ରୀ ରାହୁଲ ଗାନ୍ଧୀଜୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# ଧ୍ୱଂସର ତାଣ୍ଡବ ରଚୁଛି ନିଆଁ-ସାତକୋଶିଆ, ଚିନ୍ତାରେ ପରିବେଶ ପ୍ରେମୀ



**ଅନୁଗୁଳ, ୦୪/୦୪ (ବିଜୟ ସ୍ୱାଇଁ) :** ସାତକୋଶିଆ ଜୈବ ମଣ୍ଡଳରେ ଲାଗିଛି ନିଆଁ। ବନାଗ୍ନିର କାୟା ପ୍ରଚଣ୍ଡ ଭାବରେ ବିସ୍ତାର କରି ଜନ ବସତି ମୁହାଁ ହେଲାଣି। ନିଆଁକୁ ଆୟତ କରିବାରେ ବନ ବିଭାଗ ଅସମର୍ଥ । ଅସହାୟ କର୍ମଚାରୀ ନିଆଁର କରାଳ ରୁପ ଆଗରେ ନୀରବ ଦ୍ରଷ୍ଟା ହେବା ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ ଉପାୟ ନାହିଁ । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଟିକରପଡା ପଂଚାୟତ ଅନ୍ତର୍ଗତ ଗଇଁଦି ପାହାଡରେ ଶୁକ୍ରବାର ଅପରାହ୍ନରେ ଏ ନିଆଁକୁ ଦେଖି ଗ୍ରାମ ବାସୀ ଭାୟଭୀତ ହୋଇ ଯାଇଛନ୍ତି । ଗାଆଁକୁ ଲାଗି ରହିଥିବା ଏହି ପାହାଡର ନିଆଁ ଗାଆଁ ମୁହାଁ ହେବାର ଆଶଙ୍କା ରହିଛି । ବ୍ୟାଘ୍ର ପ୍ରକଳ୍ପରେ ନିଆଁ ଲାଗିଲେ ଅନେକ ବନ୍ୟ ଜନ୍ତୁ ମଧ୍ୟ ଗାଆଁ ଭିତରକୁ ଚାଲି ଯାଇଥାନ୍ତି । ବିଶେଷ କରି ସାତକୋଶିଆରେ ବନାଗ୍ନି ରୋକିବାକୁ ପ୍ରତି ବର୍ଷ ଗାଆଁ ମାନଙ୍କରେ ବ୍ୟାପକ ଜନ ସଚେତନତା କରାଯିବା ସହିତ ଫାୟାରଲାଇନ କରା ଯିବାର ବ୍ୟବସ୍ଥା ରହିଛି । ଏଥିପାଇଁ ଅଜସ୍ର ଟଙ୍କା ମଧ୍ୟ ପ୍ରତି ବର୍ଷ ଖର୍ଚ୍ଚ କରାଯାଏ । ଏ ସବୁ ସତ୍ତ୍ୱେ ଜଙ୍ଗଲରେ ନିଆଁ ଲାଗିଲା କାହିଁକି ? ଏ ନିଆଁ ମନୁଷ୍ୟ କୃତ ନୁହେଁ ତ ? ଅନେକ ସମୟରେ ବନ ବିଭାଗ ସହିତ ଅଂଚଳବାସୀଙ୍କ ମତଭେଦ ଅଥବା ଅନ୍ୟ କୌଣସି କାରଣ ନେଇ ବିବାଦ ଛିଡା ହେବା ଘଟଣାରେ ଏମିତି ଘଟଣା ମାନ ଦେଖିବାକୁ ମିଳେ । ସେ ସବୁକୁ ଅଧିକାରୀ ମାନେ ଆପୋଷ ଆଲୋଚନା ଜରିଆରେ ସମାଧାନ କରନ୍ତି । ଯଦି କୌଣସି ସମସୟରେ ବିବାଦୀୟ ପରିସ୍ଥିତି ଉପୁଜିଥାଏ ତେବେ ବନ ବିଭାଗ ଉପରେ ଅଂଚଳବାସୀ ଆକ୍ରୋଶ ମୁଳକ ଭାବରେ ଅନେକ ପ୍ରକାର କାଣ୍ଡ ଘଟାଇବାକୁ ବାଧ୍ୟ ହୋଇଥିବା ଦୃଷ୍ଟାନ୍ତ ମଧ୍ୟ ରହିଛି । ତେଣୁ ସବୁ ବେଳେ ବନ ବିଭାଗ ଏବଂ ଅଂଚଳବାସୀଙ୍କ ମଧ୍ୟରେ ସୁ ସଂପର୍କ ରକ୍ଷା କରାଯିବା ପାଇଁ ଅନେକ ଅଧିକରୀ ସର୍ବଦା ସଚେତନ ହୋଇ କାର୍ଯ୍ୟ କରିବାକୁ ପସନ୍ଦ କରିଥାଆନ୍ତି। ଅଂଚଳ ବାସୀ ବହୁ ବିଧ ସମସ୍ୟାକୁ ଆଖି ଆଗରେ ରଖୀ ବନ ବିଭାଗ ଅନେକ କ୍ଷେତ୍ରରେ ସାତକୋଶିଅ ବାସୀଙ୍କ ସ୍ୱାର୍ଥ ଦିଗରେ କୋହଳ ମନୋଭାବ ପ୍ରଦର୍ଶନ ପୁର୍ବକ ସାତକୋଶିଆ ଆଇନ କଟକଣା କୁ ଅଣଦେଖା କରିଥାଆନ୍ତି । ଚଳିତ ବର୍ଷ ଏ ଘଟଣା ପୁର୍ବରୁ ଟିକରପଡା ରେ ଥିବା ଏକ ରେଭନ୍ୟୁ ରାସ୍ତା ରେ କଂକ୍ରିଟ କରାଯିବା ନେଇ ବିବାଦ ସୃଷ୍ଟି ହୋଇଛି। ଅନୁଗୁଳ ତହସିଲଦାର ଦେଇଥିବା ରିପୋର୍ଟ ରେ ରାସ୍ତା ଟି ରେଭନ୍ୟୁ ବିଭାଗର ଅଟେ ବୋଲି ଦର୍ଶା ଯାଇଛି। ମାତ୍ର ଏହି ରାସ୍ତା ବନ ବିଭାଗର ବୋଲି ବିଭାଗ ଦାବୀ କରିବା ପରେ ବିବାଦ ସ୍ଥାନୀୟବାସୀନ୍ଦାଙ୍କ ମନରେ ଅଶନ୍ତୋଷ ପ୍ରକଟ କରିଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଦଣ୍ଡ ଯାତ୍ରା ଚାଲିଥିବା ବେଳେ ଯାତ୍ରା ସରିବା ପରେ ସମଗ୍ର ଅଂଚଳବାସୀଙ୍କ ଏକ ବୈଠକ ବସି ରାସ୍ତା ସଂପର୍କରେ ପଦକ୍ଷେପ ନେବାକୁ ମନ ସ୍ଥିର କରିଥିବା ବିଷୟରେ କିଛି ନେତୃ ମଣ୍ଡଳିଙ୍କ ଠାରୁ ଶୁଣିବାକୁ ମିଳିଥିବା ପ୍ରକାଶ । ପ୍ରକାଶ ଥାଉକି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ର ନିର୍ଦ୍ଦେଶକ କିଛି ମାସ ପୁର୍ବରୁ ଟିକରପଡା ଯାଇଥିଲେ । ଯିବା ବାଟରେ ରାସ୍ତା କଡରେ ଥିବା ଏକ ଛୋଟ ଖଜୁରୀ ଗଛକୁ କିଛି ବ୍ୟକ୍ତି କାଟୁଥିବା ଦେଖି ଉତକ୍ଷିପ୍ତ ହୋଇ ପଡିଥିଲେ । ଏବଂ ସେଠାରେ ସେମାନଙ୍କ ସହ ଯୁକ୍ତି ତର୍କ ହେବା ପରେ ଅଧିକାରୀ ଜଣକ ଆକ୍ରୋଶ ମୁଳକ ଭାରେ ଏମିତି କରିଥିବା ବିଷୟରେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି । କଥା ହେଉଛି ଜଙ୍ଗଲୀ ହାତୀ ମାନେ ଏବେ ଜଙ୍ଗ୍‌ଲ ଛାଡି ରାଜରାସ୍ତା ମୁହାଁ ହୋଇଛନ୍ତି । ପିଚୁ ରାସ୍ତାରେ ସୋନଙ୍କ ପାଦରେ କୌଣସି କ୍ଷତି ହେବା ଘଟଣା ଶୁଣିବାକୁ ମିଳି ନଥିବା ବେଳେ ଟିକରପଡା ଛକରୁ ଟିକରଡା ବନାଂଚଳ ଅଫିସ ରାସ୍ତାକୁ ପକ୍କା କରାଯିବା ବେଳେ ହାତୀ ଚଲାପଥର ଦ୍ୱାହୀରେ ବନ୍ଦ କରାଯିବା ଘଟଣା କେତେ ଯୁକ୍ତି ସଂଗତ ବୋଲି ଟିକରପଡା ବାସୀ ପ୍ରଶ୍ନ କରିଛନ୍ତି । ପ୍ରକାଶ ଥାଉକି ଏମିତି ଏକ ଘଟଣାରେ ୨୦୧୪ ମସିହାରେ ସାତକୋସିଆ ଜଳି ପୋଡି ଛାର ଖାର ହୋଇ ଯାଇଥିଲା। କ୍ରୋଧାନ୍ୱିତ ଜନତାଙ୍କ ଆକ୍ରୋଶରେ ବନ ବିଭାଗର କୋଟି କୋଟି ଟଙ୍କାର ସଂପତି ଜଳି ପୋଡି ନଷ୍ଟ ହୋଇ ଯାଇଥିଲା। ଏବେ ସେମିତି କିଛି ହେବା ଆଗରୁ ବନ ବିଭାଗ ଅଂଚଳ ବାସୀଙ୍କ ସହିତ ସଂପର୍କ ରକ୍ଷା କରିବା ଜରୁରୀ ଅଟେ । ସାତକୋଶିଆର ଜୈବମଣ୍ଡଳକୁ ସୁରକ୍ଷା ଦେବା ଦିଗରେ ବନ ବିଭାଗ ତରନ୍ତ ତତ୍ପରତା ପ୍ରକାଶ କରିବାକୁ ପରିବେଶ ପ୍ରେମୀମାନେ ଦାବୀ କରିଛନ୍ତି ।

# ରାଜ୍ୟସ୍ତରୀୟ ଓଡ଼ିଶା ଦିବସ : ଆସନ୍ତା ୧୦ ବର୍ଷ ସଂକଳ୍ପର ଦଶକ



ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ୨୦୩୬ରେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବ। ଏହି ସମୟରେ ରାଜ୍ୟକୁ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ। ବିକାଶ ସହିତ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି। ଅସ୍ମିତାବିହୀନ ବିକାଶ ଏକ ସଭ୍ୟତା ସୃଷ୍ଟି କରିପାରିବ ନାହିଁ, ଏହା କେବଳ ଏକ ଯନ୍ତ୍ରବତ୍ ସମାଜ ସୃଷ୍ଟି କରିବ। ଆଗାମୀ ୧୦ ବର୍ଷକୁ ସଂକଳ୍ପର ଦଶକ ଭାବେ ଚିହ୍ନଟ କରି ସମସ୍ତଙ୍କୁ ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। କୃଷି ଶିକ୍ଷା ସଦନରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ୧୯୩୬ ମସିହାରେ ଗଠିତ ଓଡ଼ିଶା ରାଜ୍ୟ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଏକ ନୂଆ ଦିଗ ଦେଖାଇଥିଲା। ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ରାଜ୍ୟ ଗଠନ ପାଇଁ ପଥପ୍ରଦର୍ଶକ ହୋଇଥିଲା। ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରି ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ, ପାଇକ ବିଦ୍ରୋହ ଓ ଭାଷା ଆଧାରିତ ଆନ୍ଦୋଳନର ଗୌରବକୁ ଉଲ୍ଲେଖ କରି କହିଥିଲେ ଯେ ଓଡ଼ିଆ ଭାଷା ଓ ସଂସ୍କୃତି ହିଁ ରାଜ୍ୟ ଗଠନର ପ୍ରମୁଖ ଶକ୍ତି। ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାକୁ ବଜାୟ ରଖି ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ।

ଅସ୍ମିତାବିହୀନ ବିକାଶ ଏକ ସଭ୍ୟତା ସୃଷ୍ଟି କରିପାରିବ ନାହିଁ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ, ମହିଳା, କୃଷକ, ଆଦିବାସୀ ଓ ଗରିବ ଲୋକଙ୍କ ସଶକ୍ତୀକରଣ ସରକାରଙ୍କ ପ୍ରାଥମିକତା। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ ସହାୟତା ପାଉଥିବାବେଳେ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଝିଅମାନଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବ। କୃଷକମାନଙ୍କ ପାଇଁ ଧାନର ନ୍ୟାୟସଙ୍ଗତ ମୂଲ୍ୟ, ରିଭଲଭିଙ୍ଗ ପାଣ୍ଠି ଓ ଆଧୁନିକ ଗୋଦାମ ନିର୍ମାଣ ଭଳି ଅନେକ ପଦକ୍ଷେପ ନିଆଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ସ୍ଥାପନ, ଡାକ୍ତର ନିଯୁକ୍ତି ଉଦ୍ୟମ ସହ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ରାଜ୍ୟବାସୀ ଉପକୃତ ହେଉଛନ୍ତି। ସେହିପରି ଶିଳ୍ପ ନିବେଶ ଓ ସରକାରୀ ନିଯୁକ୍ତି ମାଧ୍ୟମରେ ରୋଜଗାର ସୃଷ୍ଟିରେ ରାଜ୍ୟ ଆଗୁଆ ଅଛି। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଏଥି ସହିତ ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ଏପ୍ରିଲ ମାସର ସଂସ୍କରଣ ଏବଂ ପ୍ରଗତି ପ୍ରବାହର ଚତୁର୍ଥ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

# ୧୩ରେ ସରିବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲଙ୍କ ଅବଧି : ଆଶଙ୍କାରେ ଓଡ଼ିଶାର ନ୍ୟାଯ୍ୟ ଦାବି



ନୂଆଦିଲ୍ଲୀ, ୦୪/୦୪ : ଚଳିତ ମାସ ୧୩ ତାରିଖରେ ମହାନଦୀ ଜଳବିବାଦ ନ୍ୟାୟାଧିକରଣ(ଟ୍ରିବ୍ୟୁନାଲ)ର ଅବଧି ଶେଷ ହେବ। ଯଦିଓ ଟ୍ରାଇବ୍ୟୁନାଲଙ୍କ ଅବଧି ବୃଦ୍ଧି ପାଇଁ ଓଡ଼ିଶା ଓ ଛତିଶଗଡ଼ ତରଫରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ତଥାପି ଏନେଇ ସ୍ପଷ୍ଟତା ଆସିନାହିଁ। ଅପରପକ୍ଷେ ଅବଧି ଶେଷ ପୂର୍ବରୁ ଟ୍ରିବ୍ୟୁନାଲ ଏପ୍ରିଲ ୧୧ରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଜଳବିବାଦ ମାମଲାର ଶୁଣାଣି ଧାର୍ଯ୍ୟ କରିଛନ୍ତି। ଯଦି ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ନ ଘଟେ ତେବେ ଏହି ନ୍ୟାୟିକ ଲଢେଇର ଦିଗ କୁଆଡେ ଯିବ ଏବଂ ଓଡ଼ିଶାର ନାଯ୍ୟ ହକ୍ ଅନୁଯାୟୀ ରାଜ୍ୟକୁ ମହାନଦୀ ଜଳ ମିଳିବ କି ନାହିଁ ସେନେଇ କଳ୍ପନାଜଳ୍ପନା ବଢିଛି। ମାର୍ଚ୍ଚ ୨୮ରେ ଅନୁଷ୍ଠିତ ଟ୍ରିବ୍ୟୁନାଲ ଶୁଣାଣି ତଥ୍ୟ ଅନୁଯାୟୀ, ଜଳବିବାଦର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଗଠିତ ଯୁଗ୍ମ ବୈଷୟିକ ସମିତି (ଜଏଣ୍ଟ ଟେକ୍ନିକାଲ କମିଟି) ଆଲୋଚନା 'ଅଗ୍ରଗତି ରିପୋର୍ଟ' ଦାଖଲ କରିପାରିନାହିଁ। କେତେକ ପ୍ରସଙ୍ଗରେ ଟେକ୍ନିକାଲ କମିଟିର ଆପତ୍ତି ଯୋଗୁଁ ରିପୋର୍ଟ ଦାଖଲ ହୋଇପାରି ନ ଥିବା ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯାଇଛି। ଓଡ଼ିଶା ସରକାର ଜଳବିବାଦର ଆପୋସ ସମାଧାନ ନିମନ୍ତେ ଟ୍ରିବ୍ୟୁନାଲରେ ସ୍ଥିତି ପତ୍ର ବା 'ଷ୍ଟାଟସ ନୋଟ' ଦାଖଲ କରିଛନ୍ତି। ତେବେ ବିବାଦର ସମାଧାନ ତଥା ଆଲୋଚନାର ଅଗ୍ରଗତି ନେଇ ଟ୍ରିବ୍ୟୁନାଲ ନିର୍ଦ୍ଦିଷ୍ଟ ଅଗ୍ରଗତି ଅନୁଭବ କରିପାରି ନ ଥିବା ଜଣାପଡ଼ିଛି। ଆସନ୍ତା ଏପ୍ରିଲ ୧୧ ଶୁଣାଣିରେ ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟ ଶୀର୍ଷସ୍ତରରେ ନେତୃତ୍ୱଙ୍କ ମଧ୍ୟରେ ହେଉଥିବା ଆପୋସ ଆଲୋଚନାର ଅଗ୍ରଗତି ବିଷୟରେ ଟ୍ରିବ୍ୟୁନାଲଙ୍କୁ ଜଣାଇବେ। ଜାନୁଆରୀ ତୃତୀୟ ସପ୍ତାହରେ ଟ୍ରିବ୍ୟୁନାଲଙ୍କ ଅବଧି ବୃଦ୍ଧି ପାଇଁ କେନ୍ଦ୍ରକୁ ଓଡ଼ିଶା ସରକାର ସୁପାରିସ କରିଥିଲେ। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପଦରୁ ବିଚାରପତି ଏ.ଏମ. ଖାନ୍ୱିଲକରଙ୍କ ମାର୍ଚ୍ଚ ୨୦୨୪ ଇସ୍ତଫାର ୯ ମାସ ପରେ ଡିସେମ୍ବର ୨୦୨୪ରେ ନୂତନ ଅଧ୍ୟକ୍ଷ ଭାବେ ବିଚାରପତି ବେଲା ଏମ. ତ୍ରିବେଦୀଙ୍କୁ ନିଯୁକ୍ତି ମିଳିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବଜେଟକୁ ବର୍ଜନ...

ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଶାସକ ଦଳ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଗ୍ରହଣ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ବଜେଟ ଅଧିବେଶନରେ ୨୮ ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ହୋଇଥିଲା । କିନ୍ତୁ ୨୩ ଟି କାର୍ଯ୍ୟ ଦିବସରେ ଶେଷ ହୋଇଛି । ସେଥିରେ ୨୨ଟି ବୈଠକ ଦିବସ ଥିବା ବେଳେ ଗୋଟେ ସରକାରୀ କାର୍ଯ୍ୟ ଦିବସ ରହିଥିଲା । ୬ ଜଣ ପୂର୍ବତନ ସଦସ୍ୟଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ ହୋଇ ପାରିତ ହୋଇଛି । ତାରକା ଚିହ୍ନିତ ପ୍ରଶ୍ନ ନୋଟିସ ଗ୍ରହଣ ୩୧୪୨ ଟି ହୋଇଥିବା ବେଳେ ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ୩୬ଟି ରହିଥିଲା । ଅଣତାରକା ଚିହ୍ନିତ ପ୍ରଶ୍ନ ନୋଟିସ ଗ୍ରହଣ ୪୫୬୮ ଟି ଥିବା ବେଳେ ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଉପସ୍ଥାପନ ହୋଇଛି ୬୧୦୪ । ସେହିପରି ୧୦ଟି ମୁଲତବୀ ପ୍ରସ୍ତାବ ନୋଟିସ ଗ୍ରହଣ ଓ ୫ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଛି । ସେହିପରି ଚଳିତ ବଜେଟ ଅଧିବେଶନରେ କାଗଜ ଉପସ୍ଥାପନ ବା ପୁନଃଉପସ୍ଥାପନ ୩୦ଟି ହୋଇଥିବା ବେଳେ ବାର୍ଷିକ ରିପୋର୍ଟ ଉପସ୍ଥାପନ ହୋଇଛି ୧୧ଟି । ଅର୍ଥ କମିଶନଙ୍କ ଗୋଟେ ରିପୋର୍ଟ ଉପସ୍ଥାପନ ହୋଇଛି । ବିଧାନସଭାର ୪୩ କମିଟି ରିପୋର୍ଟ ଉପସ୍ଥାପନ ମଧ୍ୟ ହୋଇଛି । ବିଭିନ୍ନ ପ୍ରସଙ୍ଗରେ ୫ଟି ବିବୃତି ଉପସ୍ଥାପନ ଚଳିତ ଅଧିବେଶନରେ ହୋଇଛି । ଅଧ୍ୟାଦେଶ ଉପସ୍ଥାପନ ଗୋଟେ, ସରକାରୀ ବିଧେୟକ ପ୍ରସ୍ଥାପନ ୨ ଓ ସରକାରୀ ବିଧେୟକ ପାରିତ ଦୁଇଟି ରହିଛି । ସେମିତି ସରକାରୀ ବିଧୟକ ପ୍ରତ୍ୟାହାର ୪ ଓ ୨୧ ଟି ବିଭାଗର ଖର୍ଚ୍ଚ ଦାବୀ ଆଲୋଚନା ହୋଇ ପାରିତ ହୋଇଛି । ୫ଟି ସି.ଏ.ଜି. ରିପୋର୍ଟ ଉପସ୍ଥାପନ ହୋଇଛି । ଗତ ଅଧିବେଶନରେ ଆଗତ ହୋଇ ଚଳିତ ବଜେଟ ଅଧିବେଶନରେ ପ୍ରତ୍ୟାହୃତ ହୋଇଛି ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ବର୍ଦ୍ଧିତ ଦରମା, ଭତ୍ତା ଓ ପେନସନ ବିଲ । ଆର୍ଥିକ ବର୍ଷ ୨୦୨୬/୨୭ ର ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିଥିଲା। ଫେବୃଆରୀ ୨୦ ତାରିଖରେ ଚଳିତ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ମୋହନ ଚରଣ ମାଝୀ । ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟର ଅଧିବେଶନ ରହିଥିଲା । ସେହିପରି ମାର୍ଚ୍ଚ ୯ ତାରିଖରୁ ବିଧାନସଭାର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା । ସେହିଦିନ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ରିପୋର୍ଟ ଉପସ୍ଥାପନ ହୋଇଛି । ମାର୍ଚ୍ଚ ୧୦ ତାରିଖରୁ ବିଭାଗୀୟ ବଜେଟ ଅନୁଦାନ ଉପରେ ଆଲୋଚନା ହୋଇ ପାରିତ ହୋଇଛି । ବଜେଟ ଅଧିବେଶନ ମଧ୍ୟରେ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସଭା ନିର୍ବାଚନ । ୧୧ ଜଣ ବିଧାୟକ କ୍ରସ ଭୋଟିଂ କରି ଚଳିତ ଅଧିବେଶନକୁ ଅଧିକ ଚର୍ଚ୍ଚିତ କରିଦେଇଛନ୍ତି ।

### ଯୁଦ୍ଧକୁ ନେଇ ଚିନ୍ତାରେ...

ମଧ୍ୟରେ ଖସାଇ ଦିଆଯାଇଛି। ଏହି ବିମାନରେ ଥିବା ଜଣେ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି, ଅନ୍ୟ ଜଣେ ନିଖୋଜ ଅଛନ୍ତି। ଏହି ସମୟରେ, ଇରାନୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଇ-୧୦ ଆକ୍ରମଣ ବିମାନ ପାରସ୍ୟ ଉପସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତଥାପି, ଆମେରିକୀୟ ଅଧିକାରୀମାନେ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାଁନ୍ତି ଯେ ବିମାନଟି ତ୍ରୁଟିପୂର୍ଣ୍ଣ ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା କି ଗୁଳି କରି ଖସାଇ ଦିଆଯାଇଥିଲା। ଆମେରିକାର ସେନା ବର୍ତ୍ତମାନ ନିଖୋଜ କ୍ରୁ ସଦସ୍ୟଙ୍କ ସନ୍ଧାନରେ ନିୟୋଜିତ ଅଛି। ଏହି ଅଭିଯାନ ସମୟରେ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟରେ ଅଂଶଗ୍ରହଣ କରୁଥିବା ଏକ ଆମେରିକୀୟ ବ୍ଲାକ ହକ ହେଲିକପ୍ଟର ଇରାନୀ ଗୁଳିର ଶିକାର ହୋଇଥିଲା। ଯଦିଓ ହେଲିକପ୍ଟରଟି କ୍ଷତିଗ୍ରସ୍ତ ହୋଇଥିଲା, ଏହା ଆକାଶରେ ରହିବାରେ ସଫଳ ହୋଇଥିଲା। ଆମେରିକୀୟ ଗଣମାଧ୍ୟମ ଅନୁଯାୟୀ, ଏପରି ଦୁଇଟି ହେଲିକପ୍ଟର ପ୍ରଭାବିତ ହୋଇଥିଲା। ଏହି ହେଲିକପ୍ଟରଗୁଡ଼ିକ ଋ-୧୫ର ର ନିଖୋଜ ପାଇଲଟଙ୍କୁ ଖୋଜିବା ପାଇଁ ଏକ ମିଶନରେ ଥିଲେ। ଇରାନ କହିଛି ଯେ ଏହା ଏକ 'ନୂତନ, ଉନ୍ନତ ପ୍ରତିରକ୍ଷା ପ୍ରଣାଳୀ' ସାହାଯ୍ୟରେ ଆମେରିକୀୟ ବିମାନକୁ ଗୁଳି କରିଛି। ଏହି ଦାବି ଆମେରିକାର ପୂର୍ବ ବିବୃତ୍ତିର ସିଧାସଳଖ ବିରୋଧାଭାସ କରେ ଯେଉଁଥିରେ କୁହାଯାଇଛି ଯେ ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ପୂର୍ବରୁ ନିରପେକ୍ଷ କରାଯାଇଛି। ଇରାନ ଆମେରିକା ଦ୍ୱାରା ଦିଆଯାଇଥିବା ୪୮ ଘଣ୍ଟାର ଅସ୍ତ୍ରବିରତି ପ୍ରସ୍ତାବକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି। ଫାର୍ସ ନ୍ୟୁଜ ଏଜେନ୍ସି ଅନୁଯାୟୀ, ଏହି ପ୍ରସ୍ତାବ ଏକ ତୃତୀୟ-ପକ୍ଷ ରାଷ୍ଟ୍ର ମାଧ୍ୟମରେ ତେହରାନକୁ ପଠାଯାଇଥିଲା, କିନ୍ତୁ ଇରାନ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ବିଷୟରେ ଆମେରିକା ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଦଳ ଛାଡି...

ଯୋଗ ଦେଇ ନବୀନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । କେବଳ ବାଲେଶ୍ୱରର ରବିନ୍ଦ୍ର ଜେନାଙ୍କୁ ସାମନା କରିବା ପାଇଁ ବିଜେଡ଼ି ଛାଡ଼ି ଯାଇଥିବା ବିଜେପି ନେତା ରଘୁନାଥ ମହାନ୍ତି ଓ ଜୀବନ ପ୍ରଦୀପ ଦାଶଙ୍କୁ ଦଳ ଫେରାଇ ଆଣିଥିଲେ ମଧ୍ୟ ସେଭଳି କିଛି ଲାଭ ହେବ ନାହିଁ ବୋଲି ଆକଳନ କରାଯାଇଛି । ବିଭିନ୍ନ ସଂଗଠନର ସମବାୟ ନେତା ବିଜେଡିକୁ ବାଏ ବାଏ କରି ବିଜେପି ସହ ଯୋଡ଼ି ହେବାରୁ ନବୀନଙ୍କ ଅକଲଗୁଡୁମ ହୋଇଛି । ଏକଦା କଂଗ୍ରେସ ଓ ବିଜେପି ଠାରୁ ସମଦୂରତ୍ୱ ରକ୍ଷା କରୁଥିବା ବିଜେଡି ଏବେ କଂଗ୍ରେସ ସହ ହାତ ମିଳାଇ ଆଗକୁ ଯିବା ପାଇଁ ଯେଉଁ ନୂଆ ରଣନୀତି ଆପଣାଇଛି,ତାହା ଦୁଇ ଦଳ ପାଇଁ ବୁମେରାଂ ହୋଇଛି । ଗତ ନିର୍ବାଚନ ପରେ କଂଗ୍ରେସ ବିଜେଡି-ବିଜେପିର ବିବାହଘର କରାଇ ପ୍ରତିବାଦର ପ୍ରତିଛବି ଦେଖାଇଥିଲା । ଏବେ କିନ୍ତୁ ବିଜେଡି କନ୍ୟା ହୋଇଥିବା ବେଳେ ବିଜେପି ଓ କଂଗ୍ରେସ ବିଜେଡିର ବର ହେବା ପାଇଁ ମୁକୁଟ ପିନ୍ଧି ବସିଛନ୍ତି । ଯଦି ଦଳର ନେତାଙ୍କ ଭିତରେ ବିଦ୍ରୋହ ଅଧିକ ହୁଏ,ଦଳ ଛାଡୁଥିବା ନେତାଙ୍କୁ ଆପଣାଇ ନେବା ପାଇଁ ବିଜେପି ଓ କଂଗ୍ରେସ ଜାଲ ପାତିଛନ୍ତି । ଯଦିବା ବିଜେଡି ବିଜେପି ମିଳିତ ଭାବେ ଏସ୍‌ସିବି ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୧୩ଜଣ ବ୍ୟକ୍ତିଙ୍କ ପାଇଁ ବିଧାନସଭା ଭିତରେ ଓ ବାହାରେ ମୋହନ ସରକାରଙ୍କୁ ଘେରିଛନ୍ତି,ତେବେ ଏଥିରେ ଦଳକୁ କେତେ ଫାଇଦା ମିଳିବ,ତାହା ଭବିଷ୍ୟତରେ ଜଣାପଡ଼ିବ । ବିଜେଡିର ସବୁ ବିଧାୟକ ବିଧାନସଭା ହଟ୍ଟଗୋଳ ସପକ୍ଷରେ ନଥିଲେ ବି ସୁପ୍ରିମଙ୍କ କଥା ମାନି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହ ଚଳାଇ ଦେଉନଥିଲେ । ତେବେ ବଜେଟ ଅଧିବେଶନରେ ଆଲୋଚନାରେ ଭାଗ ନ ନେବା ନିଷ୍ପତ୍ତି ଦଳ ପାଇଁ ସଠିକ ନଥିଲା ବୋଲି ଦଳର ବହୁ ବିଧାୟକ କହୁଥିଲେ ମଧ୍ୟ ନବୀନଙ୍କ ପାଇଁ ଗଣମାଧ୍ୟମ ଆଗରେ ମୁହଁ ଖୋଲୁ ନାହାନ୍ତି । ନବୀନ ନିଜେ ଶାସନ କ୍ଷମତାରେ ଥିବାବେଳେ ବିଧାନସଭାରେ କମ୍ ସମୟ ଦିଅନ୍ତି । ଏବେ ତାଙ୍କ କାନ୍ଧରେ ମୁଖ୍ୟ ବିରୋଧୀ ଦଳ ନେତାଙ୍କ ଦାୟିତ୍ୱ ଥିବାରୁ ବାଧ୍ୟବାଧକତାରେ ବିଧାନସଭାରେ ସମୟ ଦେଉଛନ୍ତି । କିନ୍ତୁ ବିଧାନସଭାରେ ବୈଧାନିକ ଆଲୋଚନାରେ ବିଧାୟକମାନଙ୍କୁ ଦୁରେଇ ରଖିବା ଉଚିତ ହୋଇ ନାହିଁ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି ।

# ଚାପ ଖେଳିବେ ମହାପ୍ରଭୁ : ପବିତ୍ର ଚନ୍ଦନ ଯାତ୍ରା ପ୍ରସ୍ତୁତି

ପୁରୀ, ୦୪/୦୪ (ଜେଏନ୍ଏସ୍) : ଆସନ୍ତା ୨୦ ତାରିଖରେ ପବିତ୍ର ଚନ୍ଦନ ଯାତ୍ରା । ନରେନ୍ଦ୍ର ସରୋବରରୁ ବାହାରିଲା ୫ଟି ଡଙ୍ଗା । ନନ୍ଦା, ଭଦ୍ରା, ବୈଜୟନ୍ତୀ,ବିମଳା ଓ ମଙ୍ଗଳା୫ଟି ଡଙ୍ଗା କଢ଼ାଯାଇଛି । ଡଙ୍ଗାରେ ଚାପ ଖେଳିବେ ମହାପ୍ରଭୁ ଶ୍ରୀଜଗନ୍ନାଥ । ପାଣି ଭିତରେ ପୋତା ହୋଇଥିବା ଡଙ୍ଗା କାଢ଼ିଛନ୍ତି ଭୋଇ ସେବକ । ପବିତ୍ର ଚୈତ୍ର ପୂର୍ଣ୍ଣିମାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଛି । ବର୍ଷ ତମାମ ନରେନ୍ଦ୍ର ପୁଷ୍କରିଣୀରେ ପୋତାହୋଇ ରହିଥିବା ନନ୍ଦା, ଭଦ୍ରା, ବୈଜୟନ୍ତୀ, ବିମଳା ଓ ମଙ୍ଗଳା ଡଙ୍ଗାକୁ ପାଣିରୁ ବାହାର କରାଯାଇଛି । ଏସବୁ ଡଙ୍ଗାରୁ ଭୋଇ ସେବକ ମାନେ ପାଣିରୁ କାଢ଼ିଛନ୍ତି । ମାନବ ରୂପରେ ଲୀଳାଖେଳା କରୁଥିବା ମହାପ୍ରଭୁ ଅତ୍ୟଧିକ ଗରମ ଲାଘବ ପାଇଁ ଚାପ ଖେଳିଥାନ୍ତି । ମହାପ୍ରଭୁ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଚାପ ଖେଳିଥାନ୍ତି । ମହାପ୍ରଭୁ ନୌକା ବିହାର କରୁଥିବା ଡଙ୍ଗାଗୁଡ଼ିକୁ ପାଣିରୁ କଢ଼ାଯାଇ ଆବଶ୍ୟକୀୟ ମରାମତି କରାଯାଏ । ଏହାପରେ ଏହାକୁ ରଙ୍ଗ କରାଯାଏ । ତାପରେ ଏଥିରେ ଚାପ ଖେଳନ୍ତି ମହାପ୍ରଭୁ ।

# ଝିଅକୁ ଘରକୁ ପଠାଅ, ୧୦ ହଜାର ଦେବି : ପୋଲିସ ବାବୁଙ୍କ ଅଫର

ମହାରାଷ୍ଟ୍ର, ୦୪/୦୪: ସୀମା ଟପିଛନ୍ତି ଜଣେ ପୋଲିସ୍ ବାବୁ। ଖାକି ବର୍ଦ୍ଦିର ସାଂଘାତିକ ଫାଇଦା ଉଠାଇଛନ୍ତି ପୋଲିସ୍ ବାବୁ ଜଣଙ୍କ। ସେ ଜଣେ ମହିଳାଙ୍କୁ ଅତ୍ୟନ୍ତ ଆପତ୍ତିଜନକ ଭାବେ ସୁନ୍ଦରୀ ବୋଲି ସମ୍ବୋଧନ କରିଛନ୍ତି। ଏଥିସହ ସେ ସୁନ୍ଦରୀ ହୋଇଥିବାରୁ ତାଙ୍କ ତାଙ୍କ ଝିଅ ବି ବହୁତ ସୁନ୍ଦର ବୋଲି ଅଭଦ୍ରଙ୍କ ଭଳି କହିଛନ୍ତି। ଏଥିସହ ଝିଅଙ୍କୁ ଘରକୁ ପଠାଇଲେ ପୋଲିସ୍ ବାବୁ ଜଣଙ୍କ ତାଙ୍କ ସହ ସମୟ କାଟିବେ। ଏହା ବଦଳରେ ସେ ୧୦ ହଜାର ଟଙ୍କା ଦେବେ ବୋଲି ଅଫର ଦେବାକୁ ପଛାଇ ନାହାନ୍ତି। ମହାରାଷ୍ଟ୍ରର ଅକୋଲାର ଜଣେ ଆସିସଷ୍ଟାଣ୍ଟ ସବ ଇନସପେକ୍ଟର (ଏଏସ୍ଆଇ) ଅଟକ ରହିଥିବା ଜଣେ ମହିଳାଙ୍କ ସହ ଏପରି ବ୍ୟବହାର କରିଛନ୍ତି। ଏଥିପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ସେ ଘଟଣା ପରଠାରୁ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଏଏସ୍ଆଇ ଜଣଙ୍କ ହେଲେ ରାଜେଶ ଯାଦବ। ସେ ଡ୍ୟୁଟିରେ ଥିବା ବେଳେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରିଛନ୍ତି। ମହିଳାଙ୍କୁ ଟଙ୍କା ପାଇବାକୁ ହେଲେ ନିଜ ଝିଅଙ୍କୁ ତାଙ୍କ ଘରକୁ ପଠାଇବାକୁ ପଡ଼ିବ ବୋଲି ପ୍ରସ୍ତାବ ଦେଇଛନ୍ତି। ବାସ୍ତବରେ ମହିଳା ଜଣଙ୍କ ୮୦ ଲକ୍ଷ ଟଙ୍କାର ଗୋଟିଏ ଠକେଇ ମାମଲାରେ ଅଟକ ରହିଥିଲେ। ସେ ପୋଲିସ୍ ଷ୍ଟେସନରେ ଅଟକ ରହିଥିବା ବେଳେ ରାଜେଶ ଯାଦବ ତାଙ୍କ ସହ ଏପରି କାଣ୍ଡ ଘଟାଇଛନ୍ତି। ସେ ମହିଳାଙ୍କୁ କହିଥିଲେ ଯେ, "ତୁମେ ବହୁତ ସୁନ୍ଦର। ତୁମ ଝି ବି ଅତି ସୁନ୍ଦର। ତା'କୁ ମୋ ପାଖକୁ ପଠାଅ। ମୁଁ ଏହା ବଦଳରେ ୧୦ ହଜାର ଟଙ୍କା ଦେବି।" ଏକଥା ଶୁଣିବା ପରେ ମହିଳା ଜଣଙ୍କ ପୂରା ରାଗି ଯାଇଥିଲେ। ସେ ଥାନାରେ ଉପସ୍ଥିତ ଥିବା ଜଣେ ମହିଳା ଅଫିସରଙ୍କ ସହାୟତାରେ ଏଏସ୍ଆଇ ରାଜେଶଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ମିଳିବା ପରେ ଅକୋଲା ଏସପି ଅର୍ଚ୍ଚିତ ଚଣ୍ଡକ ତତ୍କାଳ ପ୍ରଭାବରେ ରାଜେଶଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ହୋଇଥିବାରୁ ରାଜେଶ ଗିରଫ ହେବାର ଭୟ ମଧ୍ୟ ରହିଛି। ଏଥିପାଇଁ ସେ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ଏସ୍‌ପି ୩ଟି ଟିମ ଗଠନ କରିଛନ୍ତି। ବରିଷ୍ଠ ପୋଲିସ୍ ଅଧିକାରୀ ଅନୀଲ ଜୁମେଲ ପୂରା ଘଟଣାର ତଦନ୍ତ କରୁଛନ୍ତି। ଅଭିଯୋଗ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରକ୍ରିୟା ଜାରି ରହିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମଧ୍ୟ ସେ ଦେଇଛନ୍ତି।

# ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ

## ଦରମା ବୃଦ୍ଧି ବିଲ୍ ପ୍ରତ୍ୟାହୃତ

ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ଶେଷରେ ପ୍ରତ୍ୟାହୃତ ହୋଇଛି ବିଧାୟକ, ମନ୍ତ୍ରୀ ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ବୃଦ୍ଧି ବିଲ୍। ଏ ସମ୍ପର୍କିତ ୪ଟି ବିଲକୁ ସର୍ବସମ୍ମତିରେ ଫେରାଇ ନେଇଛନ୍ତି ରାଜ୍ୟ ସରକାର। ବିଧାନସଭାର ଗତ ଶୀତ ଅଧିବେଶନର ଶେଷ ଦିନରେ ଏହି ବିଲ୍ ସର୍ବସମ୍ମତିରେ ପାରିତ ହୋଇଥିଲା। ଶାସକ-ବିରୋଧୀ ସବୁ ଏକ ସ୍ୱରରେ ଏହାକୁ ସ୍ୱାଗତ କରିଥିଲେ। ମଙ୍ଗଳବାର ମଧ୍ୟ ସମାନ ଢଙ୍ଗରେ ଶାସକ-ବିରୋଧୀ ଏକ୍ ହୋଇ ଏହି ବିଲକୁ ପ୍ରତ୍ୟାହୃତ କରିବାକୁ ହଁ ହଁ ଭରିଥିଲେ। ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ୪ଟି ଯାକ ବିଲ୍ ପ୍ରତ୍ୟାହାର ନେଇ ପ୍ରସ୍ତାବ



ଆଗତ କରିଥିଲେ। ବାଚନିକ ଭୋଟରେ ଏହା ପାରିତ ହୋଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ, ଏହି ବିଲ୍ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ କିଛି ସଦସ୍ୟ ଏହାକୁ ତର୍ଜମା କରିବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଏହାକୁ ପ୍ରତ୍ୟାହୃତ କରାଯାଉଛି। ଗତ ଶୀତ ଅଧିବେଶନ ସମୟରେ ଏହି ବିଲ୍ ପାରିତ ହୋଇଥିଲା। ବିଧାୟକମାନଙ୍କର ଦରମା, ଭତ୍ତା ବାବଦକୁ ଏକାଥରକେ ଅହେତୁକ ବୃଦ୍ଧି ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ବିଧାନସଭାରେ ପାରିତ ହୋଇଛି ବ୍ୟୟମଞ୍ଜୁରୀ ବିଲ୍। ବ୍ୟୟ ମଞ୍ଜୁରୀ ବିଲ ୨୦୨୬ ଉପରେ ଆଲୋଚନାରେ ଭାଗ ନେଇ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ପୂର୍ବ ସରକାର ସମୟରେ କିଛି ପ୍ରସଙ୍ଗ ନଥାଇ ମନ୍ତ୍ରୀଙ୍କୁ ବଳି ପକାଉଥିଲେ। ଅଫିସର ଯାହା ଚାହୁଁଥିଲେ ସେୟା ହେଉଥିଲା । ଯେତେବେଳେ ଇଚ୍ଛା ହେଉଥିଲା ମନ୍ତ୍ରୀଙ୍କୁ ବଳି ପକାଉ ଥିଲେ। ବିଶେଷ ବାବୁଙ୍କ ଦ୍ୱାରା ଆଜିବି ବିରୋଧୀ ଦଳ ନେତା ପରିଚାଳିତ ବୋଲି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଛନ୍ତି। ପରି, ମମିତା ମେହେର, ମାହାଙ୍ଗା ଘଟଣା , ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ନୈତିକତା କୁଆଡେ ଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ପ୍ରଶ୍ନ କରଛନ୍ତି। ଏସସିବି ଘଟଣାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

# ୬ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମ୍ପ୍ରସାରଣ

ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଯାତ୍ରା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ୬ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର– ଯଶବନ୍ତପୁର ସ୍ପେଶାଲ ୨୦୨୬ ଜୁନ ୨୭ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯଶବନ୍ତପୁର– ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଜୁନ୍ ୨୯ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମ୍ବଲପୁର–ଇରୋଡ୍ ସ୍ୱତନ୍ତ୍ର ଟ୍ରେନ ମେ' ୨୭ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଇରୋଡ–ସମ୍ବଲପୁର ଟ୍ରେନ୍ ମେ' ୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଶାଖାପାଟଣା– ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶାଲିମାର–ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍ ଜୁନ ୩୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଶକ୍ତି ଏ ସପ୍ତାହର



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

**ମେଷ :** ଆର୍ଥିକ ସ୍ଥିତି ପୂର୍ବ ପରି ରହିବ କିନ୍ତୁ ନିବେଶିତ ଟଙ୍କାର ମୂଲ୍ୟ ସେମାନଙ୍କ ମଧ୍ୟରେ ପ୍ରତ୍ୟେହ ବୃଦ୍ଧି ପାଇବ। ଆପଣ ମୂଲ୍ୟବାନ କିଛି ଜିନିଷ କିଣୁଛନ୍ତି। ଆପଣଙ୍କ ପ୍ରିୟଜନଙ୍କ ସହ ସମ୍ପର୍କ ଭଲ ରହିବ ଏବଂ ଯେଉଁମାନେ ବିଚ୍ଛେଦ ଦେଇ ଗତି କରୁଛନ୍ତି ସେମାନେ କୌଣସି ଅସୁବିଧା ବିନା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ଶେଷ ହେବେ। ଆପଣଙ୍କୁ ନୂତନ ଦାୟିତ୍ୱ ଦିଆଯିବ ଯାହା ଆପଣଙ୍କୁ ଦୂର ଭବିଷ୍ୟତରେ ଭଲ ଫଳାଫଳ ଦେବ।

**ବୃଷ :** ଆପଣ ଆଲୋଚନା ପାଇଁ ସଠିକ୍ ସମୟ ଅପେକ୍ଷା କରିଥିଲେ ଏବଂ ସମୟ ଆସିଯାଇଛି, ଏହା ଆପଣଙ୍କ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାର ଭଲ ସୁଯୋଗ। ଆପଣ କୌଣସି ବିଶେଷ ବ୍ୟକ୍ତିଙ୍କ ପ୍ରତି ଆପଣଙ୍କର ଭାବନା ପ୍ରକାଶ କରିପାରିବେ। ଆପଣଙ୍କୁ ଆର୍ଥିକ ନିଷ୍ପତ୍ତି ସାବଧାନତାର ସହ ନେବାକୁ ପଡିବ ଏବଂ ନିଷ୍ପତ୍ତି ନେବା ସମୟରେ ଭାବପ୍ରବଣ ହେବାରୁ ବଞ୍ଚିବାକୁ ଚେଷ୍ଟା କରିବାକୁ ପଡିବ। ପ୍ରାରମ୍ଭିକ ପର୍ଯ୍ୟାୟ ସପ୍ତାହରେ ବୃତ୍ତି ଭଲ ରହିବ କିନ୍ତୁ ସମୟ ବିତିବା ସହିତ ଆପଣ ଆପଣଙ୍କ କ୍ଷମତାଠାରୁ କମ୍ ପ୍ରଦର୍ଶନ କରିବେ। ଏହି ସପ୍ତାହରେ ଆପଣଙ୍କ ସମ୍ପର୍କ କ୍ଷତିଗ୍ରସ୍ତ ହେବ।

**ମିଥୁନ :** ଆପଣଙ୍କ ପରିବାର ସହିତ ବାହାରକୁ ବୁଲିବା ଆନନ୍ଦଦାୟକ ହେବ ଏବଂ ଆପଣ କିମ୍ବା ଆପଣଙ୍କ ପରିବାରର ସଦସ୍ୟଙ୍କ ଦୀର୍ଘ ସମୟର ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି ଏବଂ ଏହା ଆପଣଙ୍କୁ ସନ୍ତୋଷ ଦେବ। ଆପଣ ଏହି ସପ୍ତାହରେ କିଛି ବହୁତ ଭଲ ଶିଖିବାକୁ ଯାଉଛନ୍ତି ଯାହା ଆପଣଙ୍କୁ ଭବିଷ୍ୟତରେ ବହୁତ ଭଲ କରିବାରେ ସାହାଯ୍ୟ କରିବ। ଆପଣ କାହାର କାହାଣୀରେ ଭାବପ୍ରବଣ ହୋଇ ଟଙ୍କା ଋଣ ଦେବେ ଯଦିଓ ଆପଣ ଟଙ୍କା ଦେବା ପୂର୍ବରୁ ବହୁତ ଚିନ୍ତା କରିବେ।

**କର୍କଟ :** ବୃତ୍ତିଗତ ଭାବରେ ଆପଣ ବୃଦ୍ଧି ପାଇବେ କିନ୍ତୁ ଏହି ସପ୍ତାହରେ ଆପଣ ଭଲ ଅନୁଭବ କରିବେ କାରଣ କିଛି ଉଲ୍ଲେଖନୀୟ ଘଟିବ ନାହିଁ। ପାରିବାରିକ ଏବଂ ବ୍ୟକ୍ତିଗତ ଜୀବନ ପ୍ରେମରେ ପରିପୂର୍ଣ୍ଣ ରହିବ ଏବଂ ଆପଣଙ୍କ ସାଥୀଙ୍କ ସମର୍ଥନ ଆପଣଙ୍କୁ ଆପଣଙ୍କର ବ୍ୟକ୍ତିଗତ ଅଭିବୃଦ୍ଧି ହାସଲ କରିବାରେ ସାହାଯ୍ୟ କରିବ। ଆର୍ଥିକ ସମସ୍ୟା ଚିନ୍ତାର କାରଣ ହୋଇପାରେ କାରଣ ଭୁଲ ପରିଚାଳନା ଏବଂ ଆର୍ଥିକ ସମ୍ପର୍କିତ ଭୁଲ ନିଷ୍ପତ୍ତି ଆପଣଙ୍କୁ କ୍ଷତି ସହିବାକୁ ପଡ଼ିବ।

**ସିଂହ :** ମାନସିକ ଚାପ ରହିବ କିନ୍ତୁ ଏହା ଆପଣଙ୍କୁ ଭିନ୍ନ ଭାବରେ ଚିନ୍ତା କରିବାରେ ସାହାଯ୍ୟ କରିବ। ଆପଣଙ୍କର ଚିନ୍ତାଧାରା ଏବଂ କାର୍ଯ୍ୟକାରୀ କରିବାର ଯୋଜନା ଅନ୍ୟମାନଙ୍କୁ ପ୍ରଭାବିତ କରିବ। ନୂତନ ଆର୍ଥିକ ସୁଯୋଗ ଦୀର୍ଘ ଚାପରୁ ମୁକ୍ତି ଦେବ। ଦୀର୍ଘ ସମୟ ପରେ, ପରିବାର ଆପଣଙ୍କର ପ୍ରାଥମିକତା ହେବ। ଆପଣ ପରିବାର ସଦସ୍ୟଙ୍କ ଇଚ୍ଛା ଏବଂ ଆବଶ୍ୟକତା ପାଇଁ ବହୁତ ସମୟ ଏବଂ ଆର୍ଥିକ ଖର୍ଚ୍ଚ କରିବେ।

**କନ୍ୟା :** ଆପଣ ଛୁଟିରେ ଯିବାକୁ ମନସ୍ଥ କରିବେ। ଆପଣଙ୍କ ଜୀବନସାଥୀ ବହୁତ ଆକର୍ଷଣୀୟ ଏବଂ ବୁଝାମଣାଶୀଳ ହେବେ। ସମୟ ଆପଣଙ୍କ ଜୀବନସାଥୀଙ୍କ ସାଥିରେ କିପରି ବିତିଯିବା ଜଣାପଡିବା ନାହିଁ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଖରାପ ସମୟ ବ୍ୟକ୍ତିଗତ ଭାବରେ ଆପଣଙ୍କ ମନୋଭାବକୁ ଖରାପ କରିପାରେ କିନ୍ତୁ ଆପଣ କୌଣସି ପ୍ରକାରେ ଖୁସିରେ ରହିବା ପାଇଁ ଜିନିଷଗୁଡ଼ିକୁ ପରିଚାଳନା କରିବେ। ଆର୍ଥିକ ଦୃଷ୍ଟିରୁ ଆମେ ଏହି ସପ୍ତାହଟି ବିନା ଦ୍ୱିଧାରେ ବିତାଇବୁ।

**ତୁଳା :** ପାରିବାରିକ ଜୀବନ ବହୁତ ଭଲ ରହିବ। ଯଦି ଭ୍ରମଣ କରିବେ ତେବେ ଆପଣଙ୍କର ବହୁତ ସମୟ ପରେ ଭଲ ସମୟ ଆସିବ। ଜୀବନସାଥୀ ସହାୟକ ଏବଂ ସମର୍ପିତ ହେବେ। ଭଲ ଏବଂ ଲାଭଜନକ ଚାକିରି ସୁଯୋଗ ଆପଣଙ୍କ ମନୋବଳକୁ ବୃଦ୍ଧି କରିବ। ଆର୍ଥିକ ପ୍ରଚୁରତା ରହିବ। ଅତୀତର ଆପଣଙ୍କ କଠିନ ପରିଶ୍ରମ ଏହି ସପ୍ତାହରେ ଆପଣଙ୍କୁ ଫଳ ଦେବ।ଆପଣଙ୍କର ଏ ସପ୍ତାହ ବହୁତ ଆରାମଦାୟକ ହେବ।

**ବିଛା :** ଆର୍ଥିକ ସ୍ଥିତି ଭବିଷ୍ୟତର ମୂଳଦୁଆ ପାଇଁ ଜିନିଷଗୁଡ଼ିକୁ ଭଲ କରିବ ଏବଂ ଉପଲବ୍ଧ ଆର୍ଥିକ ସ୍ଥିତି ଆପଣଙ୍କୁ କୌଣସି ସମ୍ଭାବ୍ୟ ସ୍ଥାନରେ ନିବେଶ କରିବାରେ ସାହାଯ୍ୟ କରିବ। ବୃତ୍ତିଗତ ଭାବରେ ଆପଣ ବଢ଼ିବେ ଭଲ ସୁଯୋଗ ପାଇବେ ଏବଂ ଦୀର୍ଘ ସମୟ ପରେ ଚାରିଆଡ଼ୁ ପ୍ରଶଂସା ପାଇବେ। ବ୍ୟକ୍ତିଗତ ଜୀବନ ପ୍ରେମ ସ୍ନେହ ଏବଂ ପ୍ରଶଂସାରେ ପରିପୂର୍ଣ୍ଣ ରହିବ।ଏହି ସପ୍ତାହରେ ଆପଣଙ୍କ ଜୀବନସାଥି ବହୁତ ସହାୟକ ହେବେ।

**ଧନୁ :** ବୃତ୍ତିଗତ ସଫଳତା ଏବଂ ଅଭିବୃଦ୍ଧି ଏହି ସପ୍ତାହକୁ ପ୍ରକୃତରେ ଚମତ୍କାର କରିବ। ଆପଣଙ୍କୁ ଚାରିପାଖରୁ ପ୍ରଶଂସା କରାଯିବ। ପରିବାର ଅତ୍ୟନ୍ତ ଭାବପ୍ରବଣ ହେବ ଏବଂ ସେମାନେ ଆପଣଙ୍କ ଉତ୍ସବରେ ଯୋଗଦେବାକୁ ବିଳମ୍ବ କରିବେ। ଆପଣଙ୍କ ପାଖକୁ ଯାତ୍ରା କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। ଏହି ସପ୍ତାହରେ ଆର୍ଥିକ ଲାଭ ବିଳମ୍ବ ହେବ କିନ୍ତୁ ଆର୍ଥିକ ଲାଭ ପାଇବାର ନିଶ୍ଚିତତା କିମ୍ବା ପ୍ରତିଶ୍ରୁତି ରହିବ।

**ମକର:** ଆପଣ ଏହି ସପ୍ତାହରେ ଉତ୍ସାହର ସହିତ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ସ୍ୱାଧୀନ ରହିବା ପାଇଁ ଅନ୍ୟ ଆର୍ଥିକ ଯୋଜନାକୁ ଆକର୍ଷିତ କରିବେ ଏବଂ ପ୍ରଚୁରତା ଆପଣଙ୍କୁ ଆପଣଙ୍କ ପସନ୍ଦର କାମ କରିବାରେ ସାହାଯ୍ୟ କରିବ। ଆପଣ ନିଜ ଇଚ୍ଛା ଅନୁସାରେ ଟଙ୍କା ଖର୍ଚ୍ଚ କରି ଜୀବନକୁ ଉପଭୋଗ କରିବା ପାଇଁ ଛୁଟି ନେବାକୁ ଯାଉଥିବାରୁ ପାଠପଢ଼ା କିମ୍ବା କାମ ପଛକୁ ପଡ଼ିବ, କିନ୍ତୁ ତଥାପି, ଆପଣଙ୍କ ନଜର ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ଖର୍ଚ୍ଚ ଉପରେ ରହିବ।

**କୁମ୍ଭ :** ଏହି ସପ୍ତାହରେ ଆପଣଙ୍କର କାର୍ଯ୍ୟ ଜୀବନ ପୂର୍ବ ପରି ଭଲ ହେବ। ଆପଣ ବୃତ୍ତିଗତ ଭାବରେ ଏକ ଦୀର୍ଘ ଯୋଗ୍ୟ ପଦବୀ କିମ୍ବା ନିଯୁକ୍ତି ପାଇବେ। ଦାୟିତ୍ୱ ଏବଂ ଶିଖିବା ପ୍ରକ୍ରିୟା ଯୋଗୁଁ ଆପଣ ପରିବାର ସହିତ ସମୟ ବିତାଇ ପାରିବେ ନାହିଁ। କେହି ଜଣେ ଆପଣଙ୍କୁ ଠକିପାରେ କିମ୍ବା ଭବିଷ୍ୟତରେ ବୃଦ୍ଧି ପାଇବାର ସମ୍ଭାବନା ଦେଖାଇ ଏକ ଆର୍ଥିକ ଯୋଜନା କରି ପ୍ରତାରିତ କରିପାରେ। ଲୋକଙ୍କ ସହିତ ବ୍ୟବହାର କରିବା ସମୟରେ ଆପଣଙ୍କୁ ସତର୍କ ରହିବାକୁ ପଡିବ।

**ମୀନ :** ଆପଣଙ୍କ ମାନସିକ ଚାପ ବଢ଼ିବ ଏବଂ ଚ୍ୟାଲେଞ୍ଜ ମଧ୍ୟରେ ପରିବାରକୁ ସମ୍ଭାଳିବା କଷ୍ଟକର ହେବ। ସବୁକିଛି ଛାଡି ଯିବାର ଇଚ୍ଛା ବଢ଼ିବ। ଆପଣ ଛୁଟିରେ ଯିବାକୁ ଯୋଜନା କରିବେ। ଟଙ୍କାର ପ୍ରବାହ କମ ହେବ କିନ୍ତୁ ଆପଣ ଆପଣଙ୍କ ପାଖରେ ଯାହା ଅଛି ତାହା ନେଇ ଯାତ୍ରା କରିବେ। ଟଙ୍କା ଏବଂ ଆବଶ୍ୟକୀୟ ଜିନିଷ ଖର୍ଚ୍ଚ କରିବା ଆପଣଙ୍କ ପାଇଁ ଏବଂ ସବୁକିଛି ବଞ୍ଚିବାର ଚିନ୍ତାଧାରା ଆର୍ଥି ସହିତ ମଧ୍ୟ ଜଡିତ ହେବ।

# ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ 'ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ୨୦୨୫' ପୁରସ୍କାର ଲାଗି ମନୋନୀତ

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ 'ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ୨୦୨୫' ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି। ଜନ୍ମରୁ ବିନା ହାତରେ ଜନ୍ମ ନେଇଥିବା ଏହି ୧୯ ବର୍ଷୀୟା ଜମ୍ମୁ କାଶ୍ମୀର ଖେଳାଳି ଦକ୍ଷିଣ କୋରିଆରେ ଆୟୋଜିତ ବିଶ୍ୱ ପାରା ତୀରନ୍ଦାଜି ପ୍ରତିଯୋଗିତାର ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ 'ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ୨୦୨୫' ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି। ଜନ୍ମରୁ ବିନା ହାତରେ ଜନ୍ମ ନେଇଥିବା ଏହି ୧୯ ବର୍ଷୀୟା ଜମ୍ମୁ କାଶ୍ମୀର ଖେଳାଳି ଦକ୍ଷିଣ କୋରିଆରେ



ଆୟୋଜିତ ବିଶ୍ୱ ପାରା ତୀରନ୍ଦାଜି ପ୍ରତିଯୋଗିତାର ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିଶ୍ୱ ତୀରନ୍ଦାଜି ପକ୍ଷରୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଦୁଇ ବାହୁ ନଥିବା ଶୀତଲ ନିଜ ପାଦ, ଗୋଡ଼ ଓ କାନ୍ଧରେ ଧନୁ ଧରି ପାଟିରେ ତୀର ମାରନ୍ତି। ସେ ବିଶ୍ୱ ପ୍ରତିଯୋଗିତାରେ ମହିଳା ଦଳଗତରେ ରୋପ୍ୟ ଓ ମିଶ୍ରିତରେ କାଂସ୍ୟ ପାଇଥିଲେ। 'ଗ୍ୱାଙ୍ଗ୍‌ଜୁରେ ବିଶ୍ୱ ମୁକୁଟ ଜିତିଥିବା ଭାରତର ଶୀତଲ ଦେବୀଙ୍କୁ ବର୍ଷର ଶ୍ରେଷ୍ଠ ତୀରନ୍ଦାଜ ପୁରସ୍କାରରେ ସମ୍ମାନିତ କରାଯିବ' ବୋଲି ବିଶ୍ୱ ତୀରନ୍ଦାଜୀ କହିଛି। ବିଶ୍ୱ ପ୍ରତିଯୋଗିତା ସ୍ୱର୍ଣ୍ଣ ବାଦ୍ ପ୍ୟାରିସ୍ ଅଲିମ୍ପିକ୍ସରେ ମିଶ୍ରିତ ଦଳଗତରେ କାଂସ୍ୟ ପାଇଥିଲେ। ସେ ମଧ୍ୟ ୨୦୨୨ ଏସୀୟ ପାରା କ୍ରୀଡ଼ାରେ ୨୦୨୩ ଏସୀୟ ପ୍ରତିଯୋଗିତାରେ ରୋପ୍ୟ ପଦକ ଜିତିଥିଲେ।

# ଭାରତୀୟ ବଧିର କ୍ରିକେଟ ଦଳରେ ଓଡ଼ିଶାର ସନ୍ତୋଷ

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ଦକ୍ଷିଣ ଆଫ୍ରିକା ଗସ୍ତ ଲାଗି ଭାରତୀୟ ବଧିର କ୍ରିକେଟ୍ ଦଳ ଘୋଷିତ ହୋଇଛି। ଏହି ୧୪ ଜଣିଆ ଦଳରେ ଓଡ଼ିଶାର ସନ୍ତୋଷ କୁମାର ମହାପାତ୍ରଙ୍କୁ ସ୍ଥାନ ମିଳିଛି। ଭାରତ ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ୩ଟି ଟ୍ୱେଣ୍ଟି-୨୦ ଓ ୨ଟି ଦିନିକିଆ ଖେଳିବ। ଏହି ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକ ଏପ୍ରିଲ ୨୬ରୁ ମେ' ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଦିନିକିଆ ମ୍ୟାଚ୍ ଏପ୍ରିଲ ୨୬ ଓ ୨୮ ତାରିଖରେ ଖେଳାଯିବାକୁ ଥିଲା ବେଳେ ଏପ୍ରିଲ୍ ୩୦, ମେ' ୧ ଓ ୨ ତାରିଖରେ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ଗସ୍ତ ପୂର୍ବରୁ ଏପ୍ରିଲ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ପ୍ରଶିକ୍ଷଣ



ଶିବିର ଅନୁଷ୍ଠିତ ହେବ। ଅନଗୁଳ ଜିଲ୍ଲା ତାଲଚେରର ସନ୍ତୋଷ ଜଣେ ଭଲ ଅଲ୍ ରାଉଣ୍ଡର। ସେ ଚମତ୍କାର ବ୍ୟାଟିଂ ଓ ବୋଲିଂ କରିବା ସହ କ୍ଷେତ୍ରରକ୍ଷଣରେ ମଧ୍ୟ ତାଙ୍କର ପାରଦର୍ଶିତା ରହିଛି। ସେ ୨୦୦୬ରୁ ତାଳଚେରସ୍ଥିତ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଓ ୨୦୦୮ରୁ ଅନଗୁଳ ଡିଷ୍ଟ୍ରିକ୍ଟ କ୍ରିକେଟ୍ ସହ ଅନୁବନ୍ଧିତ ଅଛନ୍ତି। ଗତ ମାସରେ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ଏସିଆ କପ୍ ବଧିର କ୍ରିକେଟ୍ ପ୍ରତିଯୋଗିତାରେ ସନ୍ତୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଜାତୀୟ ଦଳରେ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ସନ୍ତୋଷଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ୍ କଲେ ଲିଙ୍ଗ ପରବର୍ତ୍ତନ

# ପୁଅ ଆର୍ଯ୍ୟନ୍‌ରୁ ଝିଅ ହେଲେ ଅନାୟା ବାଙ୍ଗର

ମୁମ୍ବାଇ, ୦୪/୦୪ : ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ତଥା ଅଲରାଉଣ୍ଡର୍ ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନକୁ ଏବେ ଦେଶବ୍ୟାପୀ ଚର୍ଚ୍ଚା। । ଆର୍ଯ୍ୟନ ପିଲାଦିନରୁ ନିଜ ଶରୀର ଏବଂ ନିଜ ପରିଚୟକୁ ନେଇ ସନ୍ତୁଷ୍ଟ ନ ଥିଲେ। ସେ ପୁରୁଷ ଶରୀରରେ ଥାଇ ମଧ୍ୟ ନିଜକୁ ଜଣେ ମହିଳା ଭାବେ ଅନୁଭବ କରୁଥିଲେ । ନିଜକୁ ଖୁସି ରଖିବା ଏବଂ ମାନସିକ ଶାନ୍ତି ପାଇବା ପାଇଁ ସେ ଦୀର୍ଘଦିନ ହେବ ହରମୋନ ରିପ୍ଲେସମେଣ୍ଟ୍ ଥେରାପି ନେଉଥିଲେ ଏବଂ ଶେଷରେ ସେ ମାର୍ଚ୍ଚ ୨୦୨୬ ସୁଦ୍ଧା ଥାଇଲାଣ୍ଡ୍‌ରେ ସର୍ଜରୀ କରି ନିଜର ଲିଙ୍ଗ ପରିବର୍ତ୍ତନ କରିଛନ୍ତି । ସେ ବର୍ତ୍ତମାନ ଆର୍ଯ୍ୟନରୁ



ଟ୍ରାନ୍ସ ୱମେନ ଭାବେ ଅନାୟା ବାଙ୍ଗର ହୋଇ ନିଜର ଇଚ୍ଛା ଅନୁସାରେ ଜୀବନ ଅତୀବାହିତ କରିବାକୁ ବଡ଼ ପଦକ୍ଷେପ ନେଇଛନ୍ତି । ତେବେ ଏ କ୍ଷେତ୍ରରେ ତାଙ୍କ ବାପା ସଞ୍ଜୟ ବାଙ୍ଗର ଓ ପରିବାର ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି ବୋଲି ସେ କହିଛନ୍ତି। ସେ ବର୍ତ୍ତମାନ ୟୁନାଇଟେଡ୍ କିଙ୍ଗଡ୍‌ମରେ ରହୁଛନ୍ତି ଏବଂ ସେଠାରେ ନୂଆ ଜୀବନ ଆରମ୍ଭ କରିଛନ୍ତି । ତେବେ ଅନାୟା ଜଣେ ବାମହାତୀ ବ୍ୟାଟ୍ସମ୍ୟାନ୍ ଏବଂ ସେ ପୂର୍ବରୁ ସ୍ଥାନୀୟ କ୍ଲବ୍ ପାଇଁ କ୍ରିକେଟ୍ ଖେଳୁଥିଲେ । ସେ ବର୍ତ୍ତମାନ ୟୁକେରେ ରହି କ୍ଲବ୍ କ୍ରିକେଟ୍ ଖେଳୁଛନ୍ତି । କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଆଇସିସିର ନୂଆ ନିୟମରେ ଲିଙ୍ଗ ପରିବର୍ତ୍ତନ କରିଥିବା ପୁରୁଷମାନେ ମହିଳା କ୍ରିକେଟ୍ ଖେଳିପାରିବେ ନାହିଁ ବୋଲି କଟକଣା ରହିଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି । ସେ ଜଣେ ମହିଳା କ୍ରିକେଟର ଭାବେ ନିଜ ଦେଶର ପ୍ରତିନିଧିତ୍ୱ କରିବାକୁ ଚାହୁଁଥିବା ବେଳେ ଏହାକୁ ନେଇ ସେ ଆଉ କେବେ ବି ନିଜ ଦେଶ ପାଇଁ କ୍ରିକେଟ୍ ଖେଳିପାରିବେ ନାହିଁ ବୋଲି ଚିନ୍ତା ବ୍ୟକ୍ତ କରିଛନ୍ତି ।

# ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ, ୦୪/୦୪ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୬ର ମଙ୍ଗଳବାର ନ୍ୟୁ ଚଣ୍ଡିଗଡରେ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ କିଙ୍ଗ୍‌ସ ୩ ୱିକେଟରେ ଗୁଜରାଟ ଟାଇଟାନ୍‌ସକୁ ପରାସ୍ତ କରିଥିଲା। ପଞ୍ଜାବ ବିଜୟୀ ହୋଇଥିଲେ ମଧ୍ୟ ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଭଲ ନଥିଲା। ସେ ଖେଳ ସମୟରେ ଆଘାତ ପ୍ରାପ୍ତ ହୋଇଥିବା ବେଳେ ଏବେ ତାଙ୍କ ଉପରେ ଜୋରିମାନା ଲାଗୁ କରାଯାଇଛି। ଚଳିତ ଆଇପିଏଲରେ ଆୟର ପ୍ରଥମ ଅଧିନାୟକ ଭାବେ ଦଣ୍ଡିତ ହୋଇଛନ୍ତି। ଆଇପିଏଲ ପରିଚାଳନା ପରିଷଦ ପଞ୍ଜାବ କିଙ୍ଗ୍‌ସ



ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଏକ ବଡ଼ ଜୋରିମାନା ଲଗାଇଛି। ପଞ୍ଜାବ କିଙ୍ଗ୍‌ସ ଧିମା ଓଭର ବୋଲିଂ ପାଇଁ ଅଧିନାୟକ ଆୟରଙ୍କ ଉପରେ ଏହି ଜୋରିମାନା ଲାଗୁ କରାଯାଇଛି। ଆଇପିଏଲ ପରିଚାଳନା ପରିଷଦ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ନ୍ୟୁ ଚଣ୍ଡିଗଡ଼ର ନ୍ୟୁ ଇଣ୍ଟରନ୍ୟାସନାଲ ଷ୍ଟାଡ଼ିୟମରେ ଗୁଜରାଟ ଟାଇଟାନ୍‌ସ ବିପକ୍ଷ ମ୍ୟାଚରେ ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ସମୟରେ ଇନିଂସ ଶେଷ କରିପାରିନଥିଲା। ଧିମା ବୋଲିଂ ପାଇଁ ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରାଯାଇଛି। ଆଇପିଏଲ ଆଚରଣ ସଂହିତା ଧାରା ୨.୨୨ ଅନୁଯାୟୀ, ଏହା ତାଙ୍କ ଦଳର ଚଳିତ ଋତୁରେ ପ୍ରଥମ ଅପରାଧ। ଯାହା ସର୍ବନିମ୍ନ ଓଭର ରେଟ୍ ଅପରାଧ ସହ ଜଡିତ ବୋଲି ଆଇପିଏଲ ପରିଚାଳନା ପରିଷଦ ପକ୍ଷରୁ କୁହାଯାଇଛି।

# ଆଇପିଏଲ-୨୦୨୬ : ପଞ୍ଜାବ କିଙ୍ଗସର ଐତିହାସିକ ବିଜୟ

## ଚେନ୍ନାଇକୁ ୫ ୱିକେଟରେ ହରାଇ ରଚିଲା ଇତିହାସ

ଚେନ୍ନାଇ, ୦୪/୦୪ : ଆଇପିଏଲ୍ ୨୦୨୬ର ସପ୍ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ଏକ ଚମତ୍କାର ପ୍ରଦର୍ଶନ କରି ଚେନ୍ନାଇ ସୁପର କିଙ୍ଗସକୁ ତା'ର ଘରୋଇ ଗ୍ରାଉଣ୍ଡ୍ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ପରାସ୍ତ କରିଛି। ୨୧୦ ରନର ବିଶାଳ ଲକ୍ଷ୍ୟକୁ ପଞ୍ଜାବ ମାତ୍ର ୧୮.୪ ଓଭରରେ ହାସଲ କରି ଏହି ରୋମାଞ୍ଚକର ମ୍ୟାଚ୍‌କୁ ୫ ୱିକେଟରେ ଜିତି ନେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୨୦୯ ରନର ଏକ ମଜବୁତ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ଯୁବ ବ୍ୟାଟର ଆୟୁଷ ୭୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ଅପରାଜିତ ୪୫ ରନ୍ ଏବଂ ସରଫରାଜ ଖାନ୍ ମାତ୍ର ୧୨ଟି ବଲ୍‌ରୁ ୩୨ ରନର ବିସ୍ଫୋରକ ବ୍ୟାଟିଂ କରି ଦଳକୁ ୨୦୦ ପାର୍ କରାଇଥିଲେ। ପଞ୍ଜାବ ପକ୍ଷରୁ ବିଜୟକୁମାର ବୈଶାକ ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଜାଭିୟର ବାର୍ଟଲେଟ୍, ମାର୍କୋ ୟାନସେନ୍ ଏବଂ



ଯୁଜବେନ୍ଦ୍ର ଚହଲଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା। ୨୧୦ ରନର ପିଛା କରୁଥିବା ପଞ୍ଜାବ କିଙ୍ଗସର ଆରମ୍ଭ ଅତ୍ୟନ୍ତ ଆକ୍ରମଣାତ୍ମକ ଥିଲା। ଓପନର ପ୍ରଭସିମରନ ସିଂ (୪୩ ରନ୍) ଏବଂ ପ୍ରିୟାଂଶ ଆର୍ଯ୍ୟ ମିଶି ୬୧ ରନର ପାର୍ଟନରସିପ୍ କରିଥିଲେ। ପ୍ରିୟାଂଶ ମାତ୍ର ୧୧ଟି ବଲ୍ ?ରେ ୩୯ ରନ୍ ସଂଗ୍ରହ କରି ଦଳକୁ ଏକ ଦ୍ରୁତ ଆରମ୍ଭ ଦେଇଥିଲେ। ଏହାପରେ କୁପର କନଲି ୩୬ ରନର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ବେଳେ ଅଧିନାୟକ ଶ୍ରେୟସ ଆୟର ୨୯ଟି ବଲ୍‌ରୁ ୫୦ ରନ୍ (୪ ଚୌକା, ୩ ଛକା) କରି ଦଳକୁ ବିଜୟ ଦ୍ୱାରଦେଶରେ ପହଞ୍ଚାଇଥିଲେ। ଏହି ବିଜୟ ସହ ପଞ୍ଜାବ କିଙ୍ଗସ ଆଇପିଏଲ୍ ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ଚେନ୍ନାଇର ଘରୋଇ ମଇଦାନ 'ଚେପକ୍'ରେ ପଞ୍ଜାବ ଦ୍ୱିତୀୟ ଥର ପାଇଁ ୨୦୦ରୁ ଅଧିକ ରନର ଲକ୍ଷ୍ୟକୁ ସଫଳତାର ସହ ପିଛା କରିଛି। ଆଇପିଏଲ୍ ଇତିହାସରେ ପଞ୍ଜାବ ହେଉଛି ପ୍ରଥମ ଦଳ, ଯିଏ ଚେନ୍ନାଇ ବିପକ୍ଷରେ ତାଙ୍କରି ଘରେ ଦୁଇ ଦୁଇ ଥର ୨୦୦+ ରନ୍ ଚେଜ୍ କରିବାରେ ସଫଳ ହୋଇଛି।

# ଆଇପିଏଲର ସଫଳ ଟିମ୍ ଚେନ୍ନାଇ ସୁପର କିଙ୍ଗସ୍

ନୂଆଦିଲ୍ଲୀ, ୦୪/୦୪ : ଆଇପିଏଲ ଇତିହାସର ଅନ୍ୟତମ ସଫଳ ଟିମ ହେଉଛି ଚେନ୍ନାଇ ସୁପର କିଙ୍ଗସ, ମୁମ୍ବାଇ ଇଣ୍ଡିଆନ୍ସ ପରି ଦଳ ମଧ୍ୟ ଜିତିଛି ପାଞ୍ଚ ପାଞ୍ଚ ଥର ଆଇପିଏଲ ଟାଇଟେଲ। ମାତ୍ର ପୂର୍ବ ସିଜିନରୁ ଦଳକୁ ଘାରିଛି ଶନି ଦଶା। ପୂର୍ବ ସିଜିନରେ ଶେଷ ସ୍ଥାନରେ ଦଳ ଫିନିସ କରିଥିବା ବେଳେ ଏଥର ମଧ୍ୟ ଆରମ୍ଭ କରିଛି ଖରାପ ସୁରୁୱାତ। ସର୍ବଦା ସିନିଅର ତଥା ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ଗଢୁଥିବା ଚେନ୍ନାଇ ଟିମ ୟଙ୍ଗ ଷ୍ଟାରଙ୍କ ଉପରେ ଭରଷା କରିବା ପଡିବ କି ଦଳ ଉପରେ ଭାରି ? ଚଳିତ ବର୍ଷ ଅକ୍ସନ ଟେବୁଲରେ ପ୍ରଶାନ୍ତ ଭୀର, କାର୍ତ୍ତିକ ଶର୍ମାଙ୍କ ପରି ୟଙ୍ଗ ଷ୍ଟାରଙ୍କ ଉପରେ ଟଙ୍କା ବର୍ଷା କରିଥିଲେ ବି ଦଳକୁ କେତେ ଫାଇଦା ମିଳିବ ତାହାକୁ ନେଇ ପ୍ରଶ୍ନ ଉଠାଉଛନ୍ତି କ୍ରିକେଟ ଫ୍ୟାନ। ମାଥ୍ୟୁ ହେଡେନ, ମାଇକ ହସି, ବ୍ରେଣ୍ଡନ ମ୍ୟାକୁଲମ, ଫାଫ ଡୁ ପ୍ଲେସି, ମହେନ୍ଦ୍ର ସିଂ ଧୋନି, ସୁରେଶ ରାଇନା, ବ୍ରାଭୋ, ସେନ ୱାଟସନ ଆଦି ଅନ୍ତର୍ଜାତୀୟ ଷ୍ଟାର ଖେଳାଳି ଆଗକୁ ବଢ଼ାଇଥିଲେ ସିଏସକେର ଲିଗାସୀ। ଆଇପିଏଲ ହେଉକି ଚାମ୍ପିୟାନ୍ସ ଲିଗ ସବୁ କିଛି ଟ୍ରଫି ଜିତିବାରେ ଏହି ଖେଳାଳିଙ୍କ ଥିଲା ଅନେକ କଣ୍ଟ୍ରିବ୍ୟୁସନ। ବିଗତ କିଛି ବର୍ଷ ହେବ ଖରାପ ଫଳାଫଳ ପରେ ସିଏସକେ ଆପଣାଇଛି ନୂଆ ରଣନୀତି। ଏଥର ଅନ୍ତର୍ଜାତୀୟ ଷ୍ଟାର ନୁହେଁ ଦଳର ଫୋକସରେ ରହୁଛନ୍ତି ଅପ କମିଙ୍ଗ ଜେନେରେସନ। ବୟସ ଅଧିକ କାରଣରୁ ଏବେ ଆହତ ସମସ୍ୟା ଦେଇ ଗତି କରୁଛନ୍ତି ମହେନ୍ଦ୍ର ସିଂ ଧୋନି। ତାଙ୍କ ସହ ଆଇପିଏଲ ଆରମ୍ଭ କରିଥିବା ବହୁ ଖେଳାଳି ଅବସର ନେଇ ସାରିଥିଲେ ବି ୪୫ ବର୍ଷ ବୟସରେ ଆଇପିଏଲ ଖେଳୁଛନ୍ତି ମାହି। ତାଙ୍କ ନିକଟରେ ଆଉ କମ କ୍ରିକେଟ ବାକି ଥିବା ଭାବି ନୂଆ ତାରକା ସୃଷ୍ଟି କରିବା ପ୍ରୟାସରେ ଦଳ. ଦୀପକ ଚହର ଏବଂ ରବୀନ୍ଦ୍ର ଜାଡେଜା ଆଦି ସିନିଅର ଖେଳାଳିଙ୍କୁ ମଧ୍ୟ ରିଲିଜ କରି ସାରିଛି ଟିମ। ଆଗକୁ ଦଳର ଏହି ନୂଆ ଷ୍ଟ୍ରାଟେଜି କେତେ ସଫଳ ହେବ ତାହା ଦେଖିବା ବାକି ।

## ଏପ୍ରିଲ୍ ୧୩ରୁ ଏମ୍‌ଓଏସ୍‌ଏଫ ଆଇଟା-ଓଟିଏ ଜୁନିୟର୍ ସୁପର୍ ସିରିଜ୍




ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ଏକାଧିକ ଜାତୀୟ ସ୍ତରର ଆର୍ମି ଟାଇଟଲ୍ ଜିତିଥିବା ମେଜର ସନ୍ଦୀପ ମହାପାତ୍ର (ବାପି)ଙ୍କ ସ୍ମୃତିରେ ଆୟୋଜିତ ହେଉଥିବା ଟେନିସ୍ ପ୍ରତିଯୋଗିତାକୁ ଯୁବ ଖେଳାଳିଙ୍କ ପାଇଁ ସମର୍ପିତ କରାଯାଇଛି। ୧୨ ବର୍ଷ ଧରି ବରିଷ୍ଠ ବର୍ଗରେ ଖେଳାଯାଉଥିବା ଏହି ପ୍ରତିଯୋଗିତା ଚଳିତ ବର୍ଷଠାରୁ ୧୬ ବର୍ଷରୁ କମ୍ (ବାଳକ ଓ ବାଳିକା) ବର୍ଗରେ ଖେଳାଯିବ। ମିସନ୍ ଅଲିମ୍ପିକ୍ସ ସ୍ପୋର୍ଟସ ଫାଉଣ୍ଡେସନ୍ (ଏମ୍‌ଓଏସ୍‌ଏଫ) ଆଇଟା-ଓଟିଏ ଜୁନିୟର୍ ୧୬ ବର୍ଷରୁ କମ୍ ସୁପର୍ ସିରିଜ୍ ନାମରେ ଏହା ଏପ୍ରିଲ୍ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟସ ଆଣ୍ଡ୍ କଣ୍ଟ୍ରି କ୍ଲବ୍ ପରିସରରେ ଅନୁଷ୍ଠିତ ହେବ। ଓଡ଼ିଶାରୁ ପ୍ରାୟ ୧୪/୧୫ ଖେଳାଳି ମୁଖ୍ୟ ଡ୍ର'ରେ ସ୍ଥାନ ପାଇବା ସମ୍ଭାବନା ଥିବାବେଳେ ମୋଟ ଉପରେ ୭୦ରୁ ୧୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଏମ୍‌ଓଏସ୍‌ଏଫ୍‌ର ସିଇଓ ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନ ପ୍ରକାଶ କରିଛନ୍ତି। ଖେଳାଳିମାନଙ୍କୁ ଆଇଟା ଅନୁମୋଦିତ ଦୈନିକ ଭତ୍ତା ପ୍ରଦାନ କରାଯିବ। ବିଜେତାଙ୍କୁ ୬୦ ପଏଣ୍ଟ୍ ଓ ଉପବିଜେତାଙ୍କୁ ୪୦ ପଏଣ୍ଟ୍ ମିଳିବ। ଯୁବ ଖେଳାଳିଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତର ଯିବାକୁ ଏହା ଏକ ବଡ଼ ମଞ୍ଚ ପ୍ରଦାନ କରିବ ବୋଲି କହିଥିଲେ ଆୟୋଜନ କମିଟି ଅଧ୍ୟକ୍ଷ ଡାକ୍ତର ପ୍ରତାପ କୁମାର ପ୍ରଧାନ। ଏହି ପ୍ରତିଯୋଗିତା ଗୋଟିଏ ଦଶନ୍ଧି ଅତିକ୍ରମ କରିଥିବାବେଳେ କବିର ହଂସଙ୍କ ଭଳି ଖେଳାଳିଙ୍କୁ ସୃଷ୍ଟି କରିଛି। ଶନିବାରର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମେଜର ସନ୍ଦୀପ ମହାପାତ୍ରଙ୍କ ଆଥଲେଟ୍ ପିତା ଜଗଦାନନ୍ଦ ମହାପାତ୍ର, ବଡ଼ ଭାଇ ସଂଜୀବ ମହାପାତ୍ର, ଭଉଣୀ ୬ ଥର ରାଜ୍ୟ ବିଜୟିନୀ ଆଲେଖିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମେଜର ସନ୍ଦୀପ ମହାପାତ୍ର ୨୦୧୩ରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ୨୦୧୪ ମସିହାରୁ ତାଙ୍କ ନାମରେ ଏହି ପ୍ରତିଯୋଗିତାକୁ ଚିନ୍ମୟ ପ୍ରଧାନଙ୍କ ଏମ୍‌ଓଏସ୍‌ଏଫ୍ ଆୟୋଜନ କରି ଆସୁଛି।

# ଏବେ ସାରା ଦେଶରେ ଆଇପିଏଲ ଫିଭର ହେଲେ ଏଥିରେ ଫିକା ପଡୁଛି ଓଡିଶା

ଭୁବନେଶ୍ୱର, ୦୪/୦୪ (ଜେଏନ୍‌ଏସ୍) : ବିଶ୍ୱର ସବୁଠାରୁ ବଡ କ୍ରିକେଟ ଲିଗ୍ ଆଇପିଏଲ । ହେଲେ ଏଥିରେ ଖେଳିବାକୁ ସୁଯୋଗ ପାଉନାହାନ୍ତି ଓଡିଶାର ଖେଳାଳି । ଓଡିଶାର କାହିଁକି ଜଣେ ମଧ୍ୟ ଖେଳାଳି ସେହି ସ୍ଥାନରେ ପହଞ୍ଚି ପାରୁନାହାନ୍ତି ତାକୁ ନେଇ ଦୀର୍ଘ ବର୍ଷ ହେବ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି ଏବଂ ଏହିଥିରେ ହିଁ ସୀମିତ ହୋଇ ରହିଯାଇଛି । ରଣଜୀତ ଦୂରର କଥା ମୁସ୍ତାକଅଲ୍ଲୀ ଭଳି ଟ୍ରଫିରେ ମଧ୍ୟ ଭାରତ ଭଲ ପ୍ରଦର୍ଶନ କରିପାରୁନାହିଁ, ଯଦି ପ୍ରଦର୍ଶନ ନକରିବେ ତାହେଲେ କେମିତି ମିଳିବ ସୁଯୋଗ । ଖେଳାଳି ଆଇପିଏଲ ଭଳି ପ୍ଲାଟଫର୍ମରେ ସୁଯୋଗ ନପାଇବା କାହାର ଭୁଲ କେବଳ ଓସିଏର ନାଁ ଖେଳାଳି ମାନଙ୍କର ମଧ୍ୟ ଆମେ କହିବୁ




ଅଧିକାଂଶ ଭୁଲ ରହୁଛି ଓସିଏର । କାହିଁକି ନା ଆଜି ପର୍ଯ୍ୟନ୍ତ ଓସିଏ ତରଫରୁ ସେମିତି ପ୍ଲାଟଫର୍ମ ଖେଳାଳିମାନଙ୍କ ପାଇଁ ତିଆରି କରାଯାଇପାରିନାହିଁ । ଓଡିଶା ଆୟୋଜନ କରୁଥିବା କଳାହାଣ୍ଡି କପ ମାଧ୍ୟମରେ ବୋଧହୁଏ ସଠିକ୍ ଖେଳାଳି ଚୟନ ହୋଇପାରୁନାହାନ୍ତି । ଯଦି ହେଉଥାନ୍ତେ ତାହେଲେ ଆଜି ଓଡିଶା କ୍ରିକେଟର ଅବସ୍ଥା ଏଇଆ ନଥାନ୍ତା । କେବଳ ସେତିକି ନୁହେଁ ଓଡିଶା କ୍ରିକେଟ ବିରୋଧରେ ଖେଳାଳି ଚୟନକୁ ନେଇ ମଧ୍ୟ ବାରମ୍ବାର ଅଭିଯୋଗ ଆସୁଛି । ଓଡିଶା ଦଳରେ ଜଣକୁ ଖେଳିବାକୁ ହେଲେ ପ୍ରଦର୍ଶନ ଥାଉ କି ନଥାଉ ଲବି କିନ୍ତୁ ଥିବା ଦରକାର । ଏକଥା ଆମେ କହୁ ନାହୁଁ ଓଡିଶା କ୍ରିକେଟ ଆସୋସିଏସନର ପୂର୍ବତନ ସଦସ୍ୟ ଏହି ଅଭିଯୋଗ ଆଣିଛନ୍ତି। ଓସିଏ ଦ୍ୱାରା ଅନୁମୋଦିତ ହୋଇରହିଥିବା ସଂସ୍ଥା ମାନଙ୍କର ସଠିକ୍ ଭାବରେ ଅଡିଟ ମଧ୍ୟ କରାଯାଉନାହିଁ । ଯଦି ହେଉଥାନ୍ତା ଏତେ କ୍ଲବ ଥାଇ କାହିଁକି ଖେଳାଳି ବାହାରୁ ନାହାନ୍ତି । ତେଣୁ ଏବେ ସମୟ ଆସିଛି ବିଚାର କରିବା ପାଇଁ। ଯେଉଁ ଲିଗ୍‌ରେ ଜମ୍ମୁ ଓ କାଶ୍ମିରର ଖେଳାଳି ଖେଳିବା ପାଇଁ ସୁଯୋଗ ପାଉଛନ୍ତି ସେଇଠି କାହିଁକି ଓଡିଶାର ଖେଳାଳି ଯୋଗ୍ୟତା ହାସଲ କରିପାରିବେ ନାହିଁ ?

## ପ୍ରମୁଖ ଖବର ଏ ସପ୍ତାହର

- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ସମୟରେ ପରିବର୍ତ୍ତନ କଲେ ରାଜ୍ୟ ସରକାର। ସକାଳ ୭ରୁ ପାଠପଢ଼ା ଆରମ୍ଭ।
- ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ମଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବା ସମ୍ଭାବନା।
- ସିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କଲେ ରାଜ୍ୟ ସରକାର
- ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଭିତର ପ୍ରକୋଷ୍ଠର ଅଳଙ୍କାର ଗଣତି ପ୍ରକ୍ରିୟା ଅପ୍ରେଲ ୮ରୁ ଆରମ୍ଭ।
- ଶ୍ରୀମନ୍ଦିର ଚତୁଃ ପାର୍ଶ୍ୱରେ ମଦ ବିକ୍ରି ଓ ସେବନ ଉପରେ କଟକଣା।
- ନୟାଗଡ଼ରେ ପର୍ଯ୍ୟଟକ ବସ ଓଲଟି ୫ ଜଣଙ୍କ ମୃତ୍ୟୁ ଓ ଅନେକ ଆହତ।
- କଳାହାଣ୍ଡି କେସିଙ୍ଗା ରେଳ ଷ୍ଟେସନରୁ ନଗଦ ୪୦ ଲକ୍ଷ ଟଙ୍କା ଜବତ, ତଦନ୍ତ ଜାରି।
- ଅନୁଗୁଳ ଜିଲ୍ଲାରେ ମହିଳା ହାବିଲଦାରଙ୍କୁ ନିର୍ଯାତନା ମାମଲାରେ ହାବିଲଦାର ଓ କନେଷ୍ଟବଳ ସଙ୍ଘର ସମର୍ଥନ।
- ଗଞ୍ଜାମ ଜିଲ୍ଲା ନାରାୟଣପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଭସ୍ମୀଭୂତ।
- ପୁରୀରେ ପ୍ରସ୍ତାବିତ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ମଞ୍ଜୁରୀ।
- ଚୌଦାର ଜେଲରୁ ଫେରାର ହୋଇଥିବା ରାଜା ସାହାନୀଙ୍କୁ ଉତରାଖଣ୍ଡରୁ ଗିରଫ କଲା ଓଡ଼ିଶା ପୋଲିସ।
- ସମ୍ବଲପୁରରେ ଅବକାରୀ ବିଭାଗର ସାଢ଼େ ୩କୋଟି ଟଙ୍କା ହେରଫେର ଅଭିଯୋଗରେ ଜଣେ ଅବସରପ୍ରାପ୍ତ ଏଏସଆଇ ଓ ସହଯୋଗୀ ଗିରଫ।
- ଭୁବନେଶ୍ୱର କ୍ଲବ ନିକଟରେ ଆମ ବସ ଧକ୍କାରେ ଅତିରିକ୍ତ ଡିସିପି କୃଷ୍ଣଚନ୍ଦ୍ର ସେଠୀ ଆହତ।
- ଅତିରିକ୍ତ ଖଣି ଉତ୍ତୋଳନ ପାଇଁ ଓଏମସି ଉପରେ ୧୩୨୮ କୋଟି ଟଙ୍କାର ଜରିମାନା ଲାଗିଥିବା ସିଏଜି ରିପୋର୍ଟରେ ପ୍ରକାଶ।
- ଭଦ୍ରକ ଜିଲ୍ଲାରେ ଟ୍ରାକ୍ଟର ଓ ବାଇକ ମୁହାଁ ମୁହିଁ ଧକ୍କା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ୩ ଗୁରୁତର।
- ରାଜ୍ୟ କ୍ୟାବିନେଟରେ ବୃତ୍ତିକର ଉଚ୍ଛେଦ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା। ୧୫ ଲକ୍ଷ କର୍ମଚାରୀ ବାର୍ଷିକ ୨୫୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ।
- ଓଡ଼ିଶାରେ ଏଲଏନଜି ହବ ପାଇଁ ରାଜ୍ୟ ସରକାରଙ୍କ ୨ ଲକ୍ଷ କୋଟିର ପୁଞ୍ଜି ନିବେଶ।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିଜ ତଥ୍ୟ ଅନଲାଇନ ମାଧ୍ୟମରେ ଦେବା ସହ ରାଜ୍ୟବାସୀଙ୍କୁ ଅପ୍ରେଲ ୧ରୁ ୧୫ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନାରେ ସହଯୋଗ କରିବାକୁ ନିବେଦନ ।
- ବଂଶଧାରା ଜଳ ବିବାଦରେ ନୂଆମୋଡ଼। ଟ୍ରିବ୍ୟୁନାଲ ରାୟରେ ଓଡ଼ିଶାକୁ ଝଟକା।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra